Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 98
Thursday, 11 June 2026
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୧୧ ଜୁନ୍, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଦେଶ କଂଗ୍ରେସର ଦୁଷ୍ଟ କୁଚକ୍ରରୁ ମୁକ୍ତ ହୋଇଛି : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୦/୬(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ନାମରେ ଏଭଳି ଏକ ରେକର୍ଡ ସୃଷ୍ଟି କରିଛନ୍ତି, ଯାହା ସ୍ୱାଧୀନ ଭାରତର ଇତିହାସରେ ଅନ୍ୟ କାହା ପାଖରେ ନାହିଁ ପ୍ରଧାନମନ୍ତ୍ରୀ ମୋଦୀ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସର୍ବାଧିକ ସମୟ ପାଇଁ ପ୍ରଧାନମନ୍ତ୍ରୀ ପଦରେ ରହିବାର ରେକର୍ଡ ଭାଙ୍ଗିଛନ୍ତି । ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ହାତରୁ 'ଝାଲମୁଢ଼ି' ଖାଇଥିଲେ । ଏହି ସମୟରେ ସେଠାରେ ବିଜେପିର ବହୁ ବରିଷ୍ଠ ନେତା ଏବଂ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ । ଏହା ପରେ, ଏନ୍‌ଡିଏ ସହଯୋଗୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଆଜି ସେ ଖୁବ୍ ସନ୍ତୋଷ ଓ ଗର୍ବର ସହ କହୁଛି ଏନ୍‌ଡିଏ ପରିବାର ରୂପରେ ସେ ଦେଶର ବିଶ୍ୱାସକୁ ଆଗକୁ ବଢାଇଛନ୍ତି । କେବଳ ସେତିକି ନୁହେଁ ପିଏମ୍ ମୋଦି କହିଛନ୍ତି, ଦେଶର ଜନତା ଲଗାତାର ସରକାରଙ୍କ କାମକୁ ଦେଖୁଛି ଓ ପ୍ରଶଂସା ମଧ୍ୟ କରୁଛି । ଏହି ସଫଳତା ପୁରା ଏନଡିଏ ପରିବାରର ସାମୂହିକ ଉପଲବ୍ଧି । କେନ୍ଦ୍ର ସରକାରଙ୍କ ଏହି ସଫଳତାକୁ ପାଳନ କରିବା ପାଇଁ, ବୁଧବାର ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଏନଡିଏର ପ୍ରମୁଖ ବୈଠକ ହୋଇଛି । ଘଟକର ସହଯୋଗୀ ଦଳ ଏବଂ ବିଜେପିର ବରିଷ୍ଠ ନେତାମାନେ ଏହି ବୈଠକରେ ଉପସ୍ଥିତ ଅଛନ୍ତି । ଏହା ବ୍ୟତୀତ,

ବିଜେପି ଶାସିତ ରାଜ୍ୟର ପ୍ରାୟ ସମସ୍ତ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଛନ୍ତି । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ସହିତ ସବୁ ନେତା ଉପସ୍ଥିତ ଥିଲେ । 'ଏନ୍‌ଡିଏ' ର ନେତାଙ୍କ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, 'ଏନଡିଏ ୧୨ ବର୍ଷର ଏକ ବଡ଼ ସଫଳତା ହେଉଛି ଯେ ଦେଶ କଂଗ୍ରେସର ଦୁଷ୍ଟ କୁଚକ୍ରରୁ ମୁକ୍ତ ହୋଇଛି । କଂଗ୍ରେସ ଦେଶକୁ ଅସହାୟତା ଏବଂ ହୀନ ଭାବନାକୁ ଜଟିଳତାରେ ବୁଡାଇ ଦେଇଥିଲା । ଦେଶକୁ ଅନୁଭବ କରାଇ ଦିଆଯାଇଥିଲା ଯେ ଭାରତରେ ବିକାଶ ଧୀରେ ଧୀରେ ହୁଏ, ଭାରତରେ ଦ୍ରୁତ ବିକାଶ ସମ୍ଭବ ନୁହେଁ । ବହୁତ ଚତୁରତାର ସହିତ, ଧିମା ବିକାଶକୁ 'ହିନ୍ଦୁ ଅଭିବୃଦ୍ଧି ହାର' ର ନାଁ ଦିଆଯାଇଥିଲା । ଏହାର ଅର୍ଥ ହେଉଛି କାର୍ଯ୍ୟଶୈଳୀ କଂଗ୍ରେସର, ଦାୟିତ୍ୱ କଂଗ୍ରେସର, ବିଫଳତା କଂଗ୍ରେସର କିନ୍ତୁ କଳଙ୍କ ଦେଶର ହିନ୍ଦୁ ଜନସଂଖ୍ୟାଙ୍କ ଉପରେ ଲଦି ଦିଆଯାଉଥିଲା । ଏହି ଖରାପ ସଂସ୍କୃତିକୁ କଂଗ୍ରେସ ଗ୍ରୋଥ୍ ରେଟ୍ ବୋଲି କୁହାଯିବା ଉଚିତ ଥିଲା । ଏହି କଂଗ୍ରେସ ଅଭିବୃଦ୍ଧି ହାରରେ ସୁଶାସନ, ନୀତି, ଉଦ୍ଦେଶ୍ୟ ଏବଂ ନିର୍ଣ୍ଣାୟକତାର ଅଭାବ ଥିଲା । ପ୍ରଥମ ଥର ପାଇଁ, ଯେତେବେଳେ ଅଟଳ ଜୀଙ୍କ ନେତୃତ୍ୱରେ ଏନଡିଏ ସରକାର କ୍ଷମତାକୁ ଆସିଲା, ଆମେ ବିକାଶ କିପରି ତ୍ୱରାନ୍ୱିତ ହୋଇପାରେ ତାହାର ଏକ ଝଲକ ପାଇଲୁ । କିନ୍ତୁ ଦୁର୍ଭାଗ୍ୟବଶତଃ, ୨୦୦୪ ରେ, ଦେଶ ପୁଣି ଥରେ ଅସ୍ଥିରତା ଏବଂ କଂଗ୍ରେସର ପଞ୍ଜାରେ ଫସିଗଲା । ବିକାଶ କଥା ଭୁଲିଯାଅ, କଂଗ୍ରେସ ଦେଶକୁ ଗୋଟିଏ ପରେ ଗୋଟିଏ ହଜାର ହଜାର କୋଟି ଟଙ୍କାର ଦୁର୍ନୀତିକୁ ଟାଣି ନେଇଥିଲା । ୨୦୧୪ ରେ ଏନଡିଏ ସରକାର କ୍ଷମତାକୁ ଆସିବା ପରେ ଦେଶର ଭାଗ୍ୟ ପୁଣି ବଦଳିଗଲା । ଦେଶ ଦେଖିଛି, ଯେତେବେଳେ ଉଦ୍ଦେଶ୍ୟ, ନୀତି ଏବଂ ନିଷ୍ଠତି ଏକାଠି କାମ କରେ, ସେତେବେଳେ ବିକାଶ କିପରି ଆଗକୁ ବଢ଼େ । ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ । ଏନ୍‌ଡିଏ ଜିତିଲା, ମୁଁ କହିଥିଲି ଯେ ସାଧାରଣ ଲୋକଙ୍କ ମଧ୍ୟରେ ଏକ ନୂତନ ଆଶା ସୃଷ୍ଟି ହୋଇଛି । ୨୦୧୪ରେ ଯେତେବେଳେ ଏନଡିଏ ଜିତିଥିଲା ସେତେବେଳେ ମୁଁ କହିଥିଲି ଆଜି ଦେଶର ସାଧାରଣ ଜନତାଙ୍କ ଭିତରେ ଏକ ନୂଆ ଆଶାର ଉଦୟ ହୋଇଛି । ଏହି ଆଶାକୁ ବଜାୟ ରଖିବା ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଦାୟିତ୍ୱ ଥିଲା । କଂଗ୍ରେସ ଦଳର ବିଶ୍ୱାସଘାତକତା ପରେ ଦେଶର ଲୋକମାନେ ଆମ ଉପରେ ସେମାନଙ୍କର ବିଶ୍ୱାସ ନ୍ୟସ୍ତ କରିଥିଲେ । ଆଜି, ମୁଁ ସନ୍ତୁଷ୍ଟ ଏବଂ ଗର୍ବିତ ଯେ ଏନଡି ପରିବାର ଭାବରେ, ଆମେ ସର୍ବଦା ଦେଶର ବିଶ୍ୱାସକୁ ସୁଦୃଢ଼ କରିଛୁ ।'

ଜିଲ୍ଲାକୁ ଜିଲ୍ଲା ବୁଲି ପୁଣି ଲୋକ ସମ୍ପର୍କ ତିଆରି କରିବେ ନବୀନ

ଭୁବନେଶ୍ୱର, ୧୦/୬ (ଆ.ପ୍ର) : ନିର୍ବାଚନ ପରାଜୟକୁ ଦୁଇବର୍ଷ ପୂରିଛି । ଦୁଇବର୍ଷ ଭିତରେ ବିଜେଡି ଅନେକ ବିପର୍ଯ୍ୟୟକୁ ସାମ୍ନା କରିଛି । ନିର୍ବାଚନ ପୂର୍ବରୁ ବିଜେଡିର ଦୁର୍ନୀତି ଅଭିଯୋଗ ଥିବା ନେତାଙ୍କୁ ଜେଲରେ ପୁରାଇବାକୁ ଗର୍ଜନ କରୁଥିବା ବିଜେପି ଧିରେ ଧିରେ ବିଜେଡି ନେତାଙ୍କୁ ଜେଲରେ ପୁରାଇବା ପରିବର୍ତ୍ତେ ନିଜ ଦଳରେ ଉତରାୟ ଦେଇ ସାମିଲ କରିଛି । ରାଜ୍ୟସଭାରେ

ଜଣଙ୍କ ପରେ ଜଣେ ସାଂସଦ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି । କହିବାକୁ ଗଲେ ବିଜେଡିକୁ ଭାଙ୍ଗିବାକୁ ବଳ, ବଳ କୌଶଳ ଲଗାଇ ଦେଇଛି ଶାସକ ବିଜେପି । ପଂଚାୟତ ସ୍ତରରୁ ନେଇ ସଂସଦୀୟ କ୍ଷେତ୍ର ପର୍ଯ୍ୟନ୍ତ ସବୁଠି ବିଜେଡି ନେତାଙ୍କୁ ବିଜେପି ହାତେଇ ନେବାରେ ସଫଳ ହୋଇଛି । ଆଗକୁ ରହିଛି ପଂଚାୟତ ଓ ପୌର ନିର୍ବାଚନ । ଏହାକୁ ନଜରରେ ରଖି ପୁଣି ମୈଦାନକୁ ଓହ୍ଲାଇବାକୁ ଘୋଷଣା କରିଛନ୍ତି ରାଜ୍ୟକୁ ଦୀର୍ଘ ୨୪ବର୍ଷ ଧରି ଶାସନ କରିଥିବା ନବୀନ ପଟ୍ଟନାୟକ । ଏନେଇ ସେ ଜିଲ୍ଲାକୁ ଜିଲ୍ଲା ବୁଲି ପୁଣି ଦଳୀୟ ସଂଗଠନକୁ ମଜବୁତ କରିବାକୁ ନେତା ଓ କର୍ମୀଙ୍କୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ଜିଲ୍ଲା ଗସ୍ତ ପୂର୍ବରୁ ନବୀନ ପଟ୍ଟନାୟକ ୧୦୦ ଟି ବିଧାନସଭା ମଣ୍ଡଳୀର ନେତାଙ୍କ ସହ ଆଲୋଚନା କରିବା ଓ ସେମାନଙ୍କ ଠାରୁ ପରାମର୍ଶ ମଧ୍ୟ ନେଇଛନ୍ତି । ଏଥିରେ ନବୀନ ଦଳୀୟ ନେତାଙ୍କୁ କହିଛନ୍ତି କି, ୨ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ବିଫଳତାକୁ ଲୋକଲୋଚନ ଆଣ । ଆଜି ନବୀନ ନିବାସରେ ହୋଇଥିବା ବୈଠକରେ ମୁଖ୍ୟତ ୬ ଟି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ସେଥିମଧ୍ୟରୁ ମୁଖ୍ୟତଃ ଦରଦାମ ବୃଦ୍ଧି, ଚାଷୀ ସମସ୍ୟା, ମହିଳା ନିର୍ଯାତନା, ଆଇନଶୃଙ୍ଖଳା, ମହିଳା ସଶକ୍ତିକରଣରେ ବିଫଳତା, ଭତା ଦେବାରେ ବିଫଳ, ମେକ୍ ଇନ୍ ଓଡ଼ିଶା କ୍ଷେତ୍ରରେ ବିଫଳତା ଓ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା କିଭଳି ଭାରତରେ ବଦନାମ ହେଉଛି ତା ଉପରେ ଆଲୋଚନା ହୋଇଛି । ଏହି ବୈଠକରେ ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ପାଇଁ ମଧ୍ୟ ଆଲୋଚନା ହୋଇଛି । କିଭଳି ତୃଣମୂଳସ୍ତରରେ ଦଳକୁ ଅଧିକ ମଜବୁତ୍ କରାଯିବ ସେନେଇ ନବୀନ ଆଲୋଚନା କରିଛନ୍ତି ।

ସମ୍ବଲପୁରରେ କଂଗ୍ରେସର ଆକ୍ରୋଶ ରାଲି

ସମ୍ବଲପୁର, ୧୦/୬ (ଆ.ପ୍ର) : ସମ୍ବଲପୁରରେ କଂଗ୍ରେସର ବିଶାଳ ଆକ୍ରୋଶ ରାଲି । NEET ପ୍ରଶ୍ନପତ୍ର ଲିକ ଓ CBSE ଦ୍ୱାଦଶ ମୂଲ୍ୟାଙ୍କନ ତ୍ରୁଟି ପାଇଁ ପ୍ରତିବାଦ କରିଛି କଂଗ୍ରେସ । ପ୍ରଥମେ ରାଲି କରିବା ପରେ ବଡ଼ ସମାବେଶ ହୋଇଛି । ରାଲିରେ NSUI ଜାତୀୟ ପ୍ରଭାରୀ କନ୍ହେୟା କୁମାର, ଘଟଂଓ ସଭାପତି ବିନୋଦ ଜାଖଡ଼, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ କଂଗ୍ରେସ ଓ NSUI ର ବହୁ ନେତା ଓ କର୍ମୀ ସାମିଲ । ଅଇଁଠାପାଲିରୁ ଧନକଉଡ଼ା ପର୍ଯ୍ୟନ୍ତ ରାଲିରେ ଆସିବା ପରେ ଧନକଉଡ଼ା ପଡିଆରେ ଆକ୍ରୋଶ ସମାବେଶରେ ସାମିଲ ହୋଇଛନ୍ତି । ୨୦୨୪ ନିର୍ବାଚନ ପରାଜୟର ଦୁଇ ବର୍ଷ ପରେ ଆକ୍ସନ ମୋଡ୍‌ରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଦିଲ୍ଲୀ ଗସ୍ତରୁ ଫେରିବା ପରେ ଦଳର ସ୍ଥିତି ସଜାଡ଼ିବା ପାଇଁ ଶଙ୍ଖ ଭବନରେ ବଡ଼ ଧରଣର ମାନସମନ୍ଥନ ଚାଲିଛି । ଏହି କ୍ରମରେ ହଠାତ୍ ପରାଜିତ ପ୍ରାର୍ଥୀ ଓ ପ୍ରମୁଖ ନେତାମାନଙ୍କୁ ନେଇ ସୁପ୍ରିମୋ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି, ଯାହାକୁ ନେଇ ଦଳୀୟ ଶିବିରରେ ଉତ୍କଣ୍ଠା ସହ କିଛି ନେତାଙ୍କ ମଧ୍ୟରେ ଭୟର ବାତାବରଣ ମଧ୍ୟ ଦେଖିବାକୁ ମିଳିଛି । ପଶ୍ଚିମବଙ୍ଗର ରାଜନୈତିକ ଚିତ୍ରକୁ ଦୃଷ୍ଟିରେ ରଖି ଓଡ଼ିଶାରେ ବିଜେଡି ଏବେଠାରୁ ବେଶ୍ ସତର୍କ ପଦକ୍ଷେପ ନେଉଥିବା ଚର୍ଚ୍ଚା ହେଉଛି । ବିଜେପି ସରକାରଙ୍କ ଜନବିରୋଧୀ ନୀତିକୁ ଆୟୁଧ କରି ଗ୍ରାଉଣ୍ଡ ଜିରୋରୁ ଦଳକୁ ପୁଣି ଥରେ ମଜବୁତ କରିବା ପାଇଁ ରଣନୀତି ପ୍ରସ୍ତୁତ ଚାଲିଛି । ଏହି ପ୍ରକ୍ରିୟାରେ ବିଶେଷ କରି ପୌରାଂଚଳ ଏବଂ ପଂଚାୟତ ସଂଗଠନ ଉପରେ ସିଧାସଳଖ ନଜର ରଖାଯାଇଛି ।

ପେଟ୍ରୋଲ, ଡିଜେଲ୍ ଗାଡ଼ିକୁ ଇଭି କର : ରାଜ୍ୟପାଳ

ଭୁବନେଶ୍ୱର, ୧୦/୬ (ଆ.ପ୍ର) : ମଧ୍ୟପ୍ରାଚ୍ୟ ଯୁଦ୍ଧ ଦେଶ ପାଇଁ ବଡ଼ ସଙ୍କଟ ସୃଷ୍ଟି କରିଛି । ଏହି ସଙ୍କଟରୁ ଉଦ୍ଧାର ପାଇବା ଓ ଇନ୍ଧନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ପାଇଁ ସୌର ଶକ୍ତି ବ୍ୟବହାର କରିବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି । ବୁଧବାର ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି)ର ଓଡ଼ିଶା ଶାଖା ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ମିଳିତ ସହଯୋଗରେ ଆୟୋଜିତ "ଫୁଡ୍, ଆଗ୍ରୋ ଆଣ୍ଡ୍ ବାୟୋଟେକ୍ ସମ୍ମିଳନୀ ୨୦୨୬'କୁ ସମ୍ବୋଧିତ କରି ସେ କହିଥିଲେ ଯେ ରୁଫ୍‌ଟପ୍ ସୋଲାର ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସବ୍‌ସିଡି ଦେଉଛନ୍ତି । ବ୍ୟାଙ୍କଗୁଡ଼ିକ ଫାଇନାନ୍ସ ମଧ୍ୟ ପ୍ରଦାନ କରୁଛନ୍ତି । ଯେକେହି ଛାତ ଉପରେ ସୌର ପ୍ରକଳ୍ପ ସ୍ଥାପନ କରିପାରିବେ । ସୌର ଶକ୍ତି ଦ୍ୱାରା ଲୋକମାନେ ନିଜ ପରିବହନ ଖର୍ଚ୍ଚକୁ ସମ୍ପୂର୍ଣ୍ଣ କମ୍ କରିପାରିବେ ବୋଲି ସେ କହିଛନ୍ତି । ଏଥି ସହିତ ନିଜ ପେଟ୍ରୋଲ ଓ ଡିଜେଲ୍ ଗାଡ଼ିଗୁଡ଼ିକୁ ଇଲେକ୍ଟ୍ରିକ ଯାନ (ଇଭି)ରେ ପରିବର୍ତ୍ତନ କରିବାକୁ ମଧ୍ୟ

ସେ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ । ସେ କହିଲେ, ପ୍ରତି ସଙ୍କଟକୁ ଭାରତ ସୁଯୋଗରେ ପରିଣତ କରିଛି । କୋଭିଡ୍ ମହାମାରୀ ଭାରତକୁ ଡିଜିଟାଲ ଇଣ୍ଡିଆରେ ପରିଣତ କରିଥିଲା । ସେହିପରି ମଧ୍ୟପ୍ରାଚ୍ୟ ଯୁଦ୍ଧ ଦେଶ ପାଇଁ ସଙ୍କଟ ନୁହେଁ ସୁଯୋଗ ଆଣିଛି । କେନ୍ଦ୍ର ସରକାର ତେଲ ଆମଦାନି ନିର୍ଭରଶୀଳତା କମ୍ କରିବା ପାଇଁ ଇଥାନଲ ଇନ୍ଧନକୁ ବ୍ୟାପକ କରିବା ଉପରେ କାମ କରୁଛନ୍ତି । ଇ୮୫, ଇ୧୦୦ ତେଲ ଆଣିବା ଯୋଜନା ରହିଛି । ସେହି ତେଲ ଦ୍ୱାରା ଚାଷୀମାନେ ସର୍ବାଧିକ ଉପକୃତ ହେବେ ବୋଲି ସେ କହିଛନ୍ତି । ଇଥାନଲ୍ ଉତ୍ପାଦନ ପାଇଁ ଆବଶ୍ୟକ କଂଚାମାଲ ଚାଷୀମାନେ ହିଁ ଯୋଗାଇବେ ବୋଲି ରାଜ୍ୟପାଳ କହିଥିଲେ । କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଶ୍ୱ ତାପନ ଓ ଖାଦ୍ୟ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଆଧୁନିକତା ଓ ପାରମ୍ପରିକ ଚଳଣୀ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପାଇଁ ସେ କହିଥିଲେ । ରାଜ୍ୟ ସରକାରଙ୍କ ଉଦ୍ୟମରେ ଗତ ଦୁଇ ବର୍ଷରେ ଓଡ଼ିଶାରେ ୧୧୦୦ ନୂଆ ଷ୍ଟାର୍ଟଅପ୍ ସୃଷ୍ଟି ହୋଇଥିବା ସେ ସୂଚନା ଦେଇଥିଲେ । କୃଷି ବିଭାଗର ସଚିବ ସଚିନ ରାମଚନ୍ଦ୍ର ଯାଦବ କହିଥିଲେ ଯେ ଏଗ୍ରି ପ୍ରୋସେସିଂ କ୍ଲଷ୍ଟର (ଏପିସି) ଯୋଜନା ଅଧୀନରେ ୫୫୮ ଟି ଖାଦ୍ୟ ପ୍ରକ୍ରିୟାକରଣ ପ୍ରକଳ୍ପ ମଞ୍ଜୁର କରାଯାଇଛି । ସେଥିରୁ ୨୮୩ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅବଶିଷ୍ଟ ପ୍ରକଳ୍ପଗୁଡ଼ିକର କାମ ଚାଲିଛି । ଏଥିରେ ୯୦୦୦ କୋଟି ଟଙ୍କା ନିବେଶ କରାଯାଉଛି, ଯେଉଁଥିରୁ ୭୦୦୦ କୋଟି ଟଙ୍କା ହେଉଛି ଘରୋଇ ପୁଞ୍ଜି ବୋଲି ସେ କହିଥିଲେ । ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ରାଜ୍ୟରେ ଆମ୍ବ, କଦଳୀ ଓ କନ୍ଦମୂଳ ଆଦିର ପ୍ରକ୍ରିୟାକରଣ କରିବା ।

ଓଡ଼ିଶା ଗାଁରେ ଆନ୍ଧ୍ରର ଦାଦାଗିରି

ପଟାଙ୍ଗି, ୧୦/୬ (ଆ.ପ୍ର) : ଓଡ଼ିଶା ସୀମା ଭିତରେ ପଶି ଆନ୍ଧ୍ରପ୍ରଦେଶର ଆଦିବାସୀ ମନ୍ତ୍ରୀ ଜି ସନ୍ଧ୍ୟାରାଣୀ ଏକ ନୂତନ ସଡ଼କର ଉଦ୍‌ଘାଟନ କଲେ, ନିର୍ଭୟରେ ସାଧାରଣ ସଭା କଲେ । କେବଳ ସଭା ନୁହେଁ, ଓଡ଼ିଶା ପୁଲିସ ଓ ସାମ୍ବାଦିକଙ୍କ ବିରୋଧରେ ବିନାଦ୍ୱନ୍ଦ୍ୱରେ ବିବାଦୀୟ ମନ୍ତବ୍ୟ ଦେଲେ । ଆନ୍ଧ୍ର ପ୍ରଦେଶର

ଆଦିବାସୀ, ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ତଥା ସାଲୁର ବିଧାୟିକା ଗୁମ୍ମିଡି ସନ୍ଧ୍ୟାରାଣୀ କୋଟିଆ ପଂଚାୟତର ନେରେଡିବାଲସା ଗାଁ ଗସ୍ତ କରି ଡାଣ୍ଡିଗାରୁ ନେରେଡିବାଲସା ପର୍ଯ୍ୟନ୍ତ ନିର୍ମିତ ରାସ୍ତାର ଉଦ୍‌ଘାଟନ କରିଛନ୍ତି । ଏହାସହ ସ୍ଥାନୀୟ ଲୋକଙ୍କ ସହ ବୈଠକ କରି ଆନ୍ଧ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଛନ୍ତି । ତାଙ୍କ ଅଭିଭାଷଣରେ ସିଧାସଳଖ ଓଡ଼ିଶାର ସାମ୍ବାଦିକ ଓ ପୁଲିସକୁ ଆକ୍ଷେପ କରି ମନ୍ତବ୍ୟ ଦେଇଛନ୍ତି । ସୀମାବିବାଦ ସୁପ୍ରିମକୋର୍ଟ ରେ ରହିଥିବା ବେଳେ କୋଟିଆ ରେ ଉଭୟ ରାଜ୍ୟ ସରକାରଙ୍କ ଅଧିକାର ଅଛି କିନ୍ତୁ ଆନ୍ଧ୍ର ସରକାର କୌଣସି କାର୍ଯ୍ୟକ୍ରମ କରିବା ପାଇଁ ଗଲେ ତାକୁ ଓଡ଼ିଶା ପକ୍ଷରୁ ବିରୋଧ କରାଯାଉଛି । ମିଥ୍ୟା ମକଦ୍ଦମା ରୁଜୁ କରି ନିରୀହ ଆଦିବାସୀଙ୍କୁ ଜେଲ ପଠଉଛି । ଏହା ଠିକ୍ ନୁହେଁ ବୋଲି କହିବା ସହିତ ମୋର ସଭା ସ୍ଥଳ କୁ କାହିଁକି ଓଡ଼ିଶାର ପୁଲିସ ଆସିଛନ୍ତି ଓ ଓଡ଼ିଶାର ସାମ୍ବାଦିକ କାହିଁକି ଆସି ଫଟୋ ଉଠାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି । ଆମେ କଣ ଓଡ଼ିଶାର କାର୍ଯ୍ୟକ୍ରମକୁ ଯାଉଛୁ କି ବୋଲି ତାଙ୍କ ଅଭିଭାଷଣ ମାଧ୍ୟମରେ କହିଥିଲେ ଏବଂ ଆନ୍ଧ୍ର ସିଆଇଙ୍କୁ ମଂଚ ଉପରକୁ ଡାକି ଓଡ଼ିଶା ବାସୀଙ୍କୁ ମଧ୍ୟ ହଇରାଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କୋଟିଆ ଅଂଚଳକୁ ନେଇ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିବା ବେଳେ, ଆନ୍ଧ୍ରର ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ଏହି ଗସ୍ତ ଓ କାର୍ଯ୍ୟକ୍ରମ ପୁଣିଥରେ କୋଟିଆ ପ୍ରସଙ୍ଗକୁ ଚର୍ଚ୍ଚାକୁ ଆଣିଛି । ସୀମାନ୍ତ ଅଂଚଳରେ ଆନ୍ଧ୍ର ସରକାରଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ମହଲରେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଛି । ଶେଷରେ ମନ୍ତ୍ରୀ କାର୍ଯ୍ୟକ୍ରମ ସାରି ଫେରିବା ସମୟରେ ଓଡ଼ିଶା ସାମ୍ବାଦିକ ଓ ମନ୍ତ୍ରୀଙ୍କ ମଧ୍ୟରେ କିଛି ସମୟ ଯୁକ୍ତି ତର୍କ ହୋଇଥିବା ଦେଖିବାକୁ ମିଳିଥିଲା । ମନ୍ତ୍ରୀଙ୍କ ସହିତ ସାଲୁର ତହସିଲଦାର ଓ ବିଡ଼ିଓ ଉପସ୍ଥିତ ଥିଲେ ।

ଟିଏମ୍‌ସି -କଂଗ୍ରେସ ମିଶ୍ରଣକୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ, ୧୦/୬(ନ୍ୟୁ.ଏ): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ଶୋଚନୀୟ ପରାଜୟ ପରଠାରୁ ଦଳ ମଧ୍ୟରେ ଅନ୍ତଃକନ୍ଦଳ ଦଳକୁ ଦୁର୍ବଳ କରିଦେଇଛି । ମମତା ବାନାର୍ଜୀ ମଧ୍ୟ ନିଜ ଦଳ ଉପରେ ଧୀରେଧୀରେ ନିୟନ୍ତ୍ରଣ ହରାଇଦେଲେଣି । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଚର୍ଚ୍ଚା ହେଉଛି ଯେ ତୃଣମୂଳ କଂଗ୍ରେସ ଆଗକୁ କଂଗ୍ରେସ ଦଳ ସହ ମିଶିବାକୁ ଯାଉଛି । ଦିଲ୍ଲୀରେ ଆଜି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ଟିଏମ୍‌ସି ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ମଧ୍ୟରେ ବୈଠକ ଏବଂ ଗତକାଲି ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଏବଂ କଂଗ୍ରେସର ପୂର୍ବତନ ସଭାପତି ସୋନିଆ ଗାନ୍ଧୀଙ୍କ ମଧ୍ୟରେ ବୈଠକ ପରେ ଏହି ଚର୍ଚ୍ଚା ଜୋର ଧରିଛି । କିନ୍ତୁ ଟିଏମ୍‌ସି ଏହାକୁ ଖଣ୍ଡନ କରିଛି । କଂଗ୍ରେସ ଦଳ ସହ ଟିଏମ୍‌ସିର ମିଶ୍ରଣ କେବଳ ଏକ ଗୁଜବ ଏବଂ ଏହା ଭୁଲ୍ ବୋଲି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଟିଏମ୍‌ସି ବିଦ୍ରୋହୀ ନେତା ଶତବ୍ରତ ବାନାର୍ଜୀ ଟିଏମ୍‌ସି -କଂଗ୍ରେସ ମଧ୍ୟରେ ମିଶ୍ରଣକୁ ଖଣ୍ଡନ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ରାହୁଲ ଗାନ୍ଧୀ ଏବଂ ଅଭିଷେକ ବାନାର୍ଜୀଙ୍କ ମଧ୍ୟରେ ୧୦ ଜନପଥ ରୋଡ୍‌ରେ ହୋଇଥିବା ବୈଠକ ପାଖାପାଖି ଦେଢ଼ଘଂଟା ଚାଲିଥିଲା । ଉଭୟ ନେତା ପଶ୍ଚିମବଙ୍ଗରେ ବିକାଶ ସଂକ୍ରାନ୍ତରେ ଆଲୋଚନା କରିଥିଲେ ଏବଂ ରାଜ୍ୟରେ ସେମାନଙ୍କ ସ୍ଥିତି ସୁଦୃଢ଼ କରିବାପାଇଁ ଟିଏମ୍‌ସି ଏବଂ କଂଗ୍ରେସ କିଭଳି ସମନ୍ୱୟ ରକ୍ଷା କରି କାମ କରିବେ ସେଦିଗରେ ଆଲୋଚନା କରିଥିଲେ । ଉଭୟ ନେତା ମଧ୍ୟ ୨୦୨୯ ଲୋକସଭା ନିର୍ବାଚନ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ୩ ବର୍ଷ ପରେ ହେବାକୁ ଥିବା ଲୋକସଭା ନିର୍ବାଚନରେ ଟିଏମ୍‌ସି ଏବଂ କଂଗ୍ରେସ ଦଳ କିଭଳି ବିଜେପିକୁ କ୍ଷମତାରୁ ହଟାଇ ଇଣ୍ଡିଗଂଟକୁ ସୁଦୃଢ଼ କରିବା ଦିଗରେ ସମନ୍ୱୟ ରଖି କାମ କରିବେ ସେନେଇ ଆଲୋଚନା କରିଥିଲେ । ମଙ୍ଗଳବାର ସୋନିଆ ଏବଂ ମମତାଙ୍କ ମଧ୍ୟରେ ଏକ ବୈଠକ ହୋଇଥିଲା । କିନ୍ତୁ ଏହି ବୈଠକରେ କ'ଣ ଆଲୋଚନା ହୋଇଛି ତାହା ଜଣାପଡ଼ିନି ।

ରେକର୍ଡ ସମୟରେ ବିପିୟୁଟି ଯୁଗ୍ମ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶିତ

ରାଉରକେଲା, ୧୦/୬ (ଆ.ପ୍ର) : ଦକ୍ଷତା, ବୈଷୟିକ ଉତ୍କର୍ଷତା ଏବଂ ଛାତ୍ରକୈନ୍ଦ୍ରିକ ପ୍ରଶାସନ ପ୍ରତି ପ୍ରତିବଦ୍ଧତାର ଆଉ ଏକ ଅନନ୍ୟ ନିଦର୍ଶନ ସ୍ୱରୂପ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି), ଓଡ଼ିଶା ପୁଣିଥରେ ଇତିହାସ ରଚିଛି । ପରୀକ୍ଷା ଶେଷ ହେବାର ମାତ୍ର ଦୁଇ ଦିନ ମଧ୍ୟରେ ଯୁଗ୍ମ ସେମିଷ୍ଟର ପରୀକ୍ଷା ୨୦୨୫–୨୬ର ଫଳାଫଳ ସଫଳତାର ସହ ପ୍ରକାଶ କରିଛି । ଏହା ସହିତ ବିଶ୍ୱବିଦ୍ୟାଳୟ ପୂର୍ବ ଅଯୁଗ୍ମ ସେମିଷ୍ଟାର ପରୀକ୍ଷା ସମୟରେ ସ୍ଥାପନ କରିଥିବା ନିଜର ରେକର୍ଡଧାରୀ ସଫଳତାର ପୁନରାବୃତ୍ତି କରିଛି । ବି.ଟେକ୍ , ବି.ଆର୍କ , ବି.ଫାର୍ମ , ବିସିଏ , ବିବିଏ , ଏମ.ଏସ୍.ସି. , ଏମ.ଟେକ୍ , ଏମବିଏ ଓ ଏମସିଏ ପାଠ୍ୟକ୍ରମର ଯୁଗ୍ମ ସେମିଷ୍ଟାର ପରୀକ୍ଷାଗୁଡ଼ିକ ୨୯ ଏପ୍ରିଲ ୨୦୨୬ ରୁ ଆରମ୍ଭ ହୋଇ ୮ ଜୁନ୍ ୨୦୨୬ ତାରିଖରେ ଶେଷ ହୋଇଥିଲା ।

ପ୍ରଧାନମନ୍ତ୍ରୀ ଦୀର୍ଘ ୧୨ ବର୍ଷ ଧରି ସେବା ଓ ସମର୍ପଣର ମହାନ କୀର୍ତିମାନ ସ୍ଥାପନ କରିଛନ୍ତି : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ,, ୧୦/୬(ନ୍ୟୁ.ଏ): ନରେନ୍ଦ୍ର ମୋଦୀ ଭାରତର ସବୁଠାରୁ ଦୀର୍ଘ ସମୟ ନିରନ୍ତର କାର୍ଯ୍ୟ କରିଥିବା ନିର୍ବାଚିତ ଶାସନ ମୁଖ୍ୟ ହେବାର ଗୌରବ ଅର୍ଜନ କରିଛନ୍ତି । ଆଜି ପ୍ରଧାନମନ୍ତ୍ରୀ ଭାବେ ସେ କ୍ରମାଗତ ୧୨ ବର୍ଷ ବା ୪,୩୯୯ ଦିନ ପୂରଣ କରିଛନ୍ତି । ଏହି ଗୌରବମୟ ତଥା ଐତିହାସିକ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀର ହୌଜ୍ ଖାସ୍ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତିଙ୍କ ଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଉତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ନିମନ୍ତେ ପ୍ରାର୍ଥନା କରିଛନ୍ତି । ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଦେଶର ସେବା ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି । ଦିନରାତି ଏକ କରି ଅକଥ ପରିଶ୍ରମ

ମାଧ୍ୟମରେ ଦେଶର ଗରିବ, ମହିଳା, ଯୁବକ ଓ କୃଷକମାନଙ୍କ କଲ୍ୟାଣ କରିବା ସହ ଦେଶର ସର୍ବାଙ୍ଗୀନ ବିକାଶ କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ରହିଛି । ଆଜିର ଦିନଟି ସେବା ଓ ସମର୍ପଣର ଏକ ନୂତନ କୀର୍ତିମାନ ସ୍ଥାପନ କରିଛି । ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ ଓ ଅନୁଗାମୀ । ତାଙ୍କର ସାମାଜିକ ଜୀବନ ମହାପ୍ରଭୁଙ୍କ ଆଶୀର୍ବାଦରୁ ହିଁ ଗଢ଼ିଉଠିଛି । ବହୁ ବର୍ଷ ପୂର୍ବେ ଅହମଦାବାଦର ଶ୍ରୀ ଜଗନ୍ନାଥ ମନ୍ଦିରରୁ ହିଁ ସେ ନିଜର ସାମାଜିକ ଜୀବନର ଯାତ୍ରା ଆରମ୍ଭ କରିଥିଲେ । ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଓ ପରେ, ସେ ଯେତେବେଳେ ବି ଓଡ଼ିଶା ଯିବାର ସୁଯୋଗ ପାଇଛନ୍ତି, ମହାପ୍ରଭୁଙ୍କ ଶରଣାପନ୍ନ ହୋଇ ଆଶୀର୍ବାଦ ଭିକ୍ଷା କରିବାକୁ କେବେ ହେଲେ ଭୁଲିନାହାନ୍ତି । ମହାପ୍ରଭୁଙ୍କ ଶ୍ରୀଚରଣରେ ପ୍ରାର୍ଥନା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ମହାପ୍ରଭୁଙ୍କ କୃପା ସମଗ୍ର ଦେଶବାସୀଙ୍କ ଉପରେ ରହିଛି ଏବଂ ଏହା ପ୍ରଧାନମନ୍ତ୍ରୀଙ୍କ ଉପରେ ମଧ୍ୟ ବଜାୟ ରହୁ । ପ୍ରଧାନମନ୍ତ୍ରୀଙ୍କ ସମର୍ଥ ନେତୃତ୍ୱରେ ଆମ ଦେଶ ଜନସେବା ଓ ରାଷ୍ଟ୍ର ଗଠନର ମହାନ ଦାୟିତ୍ୱକୁ ସଫଳତାର ସହ ଆଗକୁ ବଢୁ । ତାଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା ଭାରତ ଆହୁରି ବିକଶିତ, ସମୃଦ୍ଧ ଓ ପ୍ରଗତିଶୀଳ ହେବ ବୋଲି ଶ୍ରୀ ପ୍ରଧାନ ଆଶାପ୍ରକଟ କରିଛନ୍ତି ।

ଜିଲ୍ଲା ମୃତିକା ସଂରକ୍ଷଣ ଭବନରେ ମୃତିକା ସ୍ୱାସ୍ଥ୍ୟ କାର୍ଡ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ

ପାରଳାଖେମୁଣ୍ଡି, ୧୦/୦୬ (ଆ.ପ୍ର) : ଜିଲ୍ଲା ମୃତିକା ସଂରକ୍ଷଣ ଭବନରେ ଲିନସି ଫାଉଣ୍ଡେସନର ସହଯୋଗରେ ଆଜି ମୃତିକା ସ୍ୱାସ୍ଥ୍ୟ କାର୍ଡ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସେଂଚୁରିଆନ ବିଶ୍ୱବିଦ୍ୟାଳୟର ପ୍ରକଳ୍ପ ପରାମର୍ଶଦାତା ଡଃ ସୌରଭ ବର୍ମନ, ମୃତିକା ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ଡଃ ଅରୁଣାଭ ପାଲ ଏବଂ ସିସିଡିର ନିର୍ଦ୍ଦେଶକ ଜଗନ୍ନାଥ ରାଜୁ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିରାଙ୍ଗ ଓ ଏଙ୍ଗାରସିଂ ପଂଚାୟତର ୭ଟି ଗ୍ରାମର ୧୨୬ ଜଣ କୃଷକଙ୍କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ ବଂଟନ କରାଯାଇଥିଲା । ଏହି ଅବସରରେ ବିଶେଷଜ୍ଞମାନେ ମୃତିକା ପରୀକ୍ଷଣର ଗୁରୁତ୍ୱ ଏବଂ ମୃତିକା ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ଚାଷୀମାନେ କିପରି ନିଜ ଜମିର ପୋଷକ ତତ୍ତ୍ୱ ସମ୍ପର୍କରେ ସଠିକ ସୂଚନା ପାଇପାରିବେ ସେ ସମ୍ବନ୍ଧରେ ଅବଗତ କରାଇଥିଲେ । ମୃତିକା ସ୍ୱାସ୍ଥ୍ୟ କାର୍ଡ ଦ୍ୱାରା କୃଷକମାନେ ବୈଜ୍ଞାନିକ ପଦ୍ଧତିରେ ସାର ପ୍ରୟୋଗ କରିପାରିବେ, ମୃତିକାର ଉର୍ବରତା ବୃଦ୍ଧି କରିବା ସହ ଫସଲ ଉତ୍ପାଦନ ବଢ଼ାଇପାରିବେ ଏବଂ କୃଷି ଖର୍ଚ୍ଚ କମାଇ ସ୍ଥାୟୀ କୃଷି ପ୍ରଣାଳୀକୁ ପ୍ରୋତ୍ସାହନ ଦେଇପାରିବେ । ଏହି ପଦକ୍ଷେପ କୃଷକମାନଙ୍କ ଆୟ ବୃଦ୍ଧି ଓ କୃଷିର ସାମଗ୍ରିକ ଉନ୍ନତିରେ ସହାୟକ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଲିନସି ଫାଉଣ୍ଡେସନର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୃଷକମାନଙ୍କ ମଧ୍ୟରେ ମୃତିକା ସ୍ୱାସ୍ଥ୍ୟ ପ୍ରତି ସଚେତନତା ବୃଦ୍ଧି କରିବା ସହ ଉନ୍ନତ ଓ ସ୍ଥାୟୀ କୃଷି ପଦ୍ଧତି ଅବଲମ୍ବନ ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା ପ୍ରକାଶ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରୋଜେକ୍ଟ ଅଫିସର ଡି. ମନସା, ଜୟଲକ୍ଷ୍ମୀ ଏବଂ ମମତା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ କୃଷକମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ମୃତିକା ସ୍ୱାସ୍ଥ୍ୟ କାର୍ଡର ସଠିକ ବ୍ୟବହାର କରି ଉନ୍ନତ କୃଷି ପଦ୍ଧତି ଅବଲମ୍ବନ କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ ।

ଉଦଘାଟିତ ହେଲା କୁଇ ସମାଜର ନୂତନ ସଭାଗୃହ

ଦଶପଲ୍ଲା, ୧୦/୦୬ (ଆ.ପ୍ର) : ଦଶପଲ୍ଲା ବ୍ଲକର ବାଣିଗୋଛା ପଂଚାୟତ ଅନ୍ତର୍ଗତ ଫାଲପାଳୁସ୍ଥିତ ଗଜାଡୋଗା ଠାରେ ସାତପଲ୍ଲୀ ଆଂଚଳିକ କୁଇ ସମାଜର ନୂତନ ସଭାଗୃହ ଶୁଭ ଉଦଘାଟିତ ହୋଇଯାଇଛି । ଏହି ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ୦୯ ନଂ ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ ହରିଶ୍ଚନ୍ଦ୍ର ଜାନି, ବାଣିଗୋଛା ପଂଚାୟତର ସରପଂଚ ସସ୍ମିତା ମହାକ୍ଷୁଡ଼, ସାତପଲ୍ଲୀ ଆଂଚଳିକ କୁଇ ସମାଜର ସକ୍ରିୟ ସଦସ୍ୟ ପବିତ୍ର ମାଝି, ବାଣିଗୋଛା ପଂଚାୟତର ସରପଂଚଙ୍କ ପ୍ରତିନିଧି ସଞ୍ଜିତ୍ କରଣ, ନଛିପୁର ପଂଚାୟତର ସମିତି ସଭ୍ୟ ପଦ୍ମଚରଣ ପ୍ରଧାନ, ଡିହଗାଁ ପଂଚାୟତର ସମିତି ସଭ୍ୟ ଧ୍ରୁବଚରଣ ପ୍ରଧାନ ଓ ନଛିପୁର ପଂଚାୟତର ସରପଂଚଙ୍କ ପ୍ରତିନିଧି ବେଣୁଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ସାତପଲ୍ଲୀ ଆଂଚଳିକ କୁଇ ସମାଜର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

ଆଙ୍କୁଲା ମଦ ଦୋକାନ ବନ୍ଦ ପାଇଁ ଗ୍ରାମବାସୀ ବିକ୍ଷୋଭ ସହିତ ଜିଲ୍ଲାପାଳଙ୍କୁ ଦାବିପତ୍ର

ଯାଜପୁର, ୧୦/୦୬ (ଆ.ପ୍ର) : ମଦ ଦୋକାନ ବନ୍ଦ କରିବା ପାଇଁ ଯାଜପୁର ସହର ର ଆଙ୍କୁଲା, ବିଦ୍ଧାଣ ଓ ମୋକେଇପୁର ଗ୍ରାମର ବାସିନ୍ଦା ମାନେ ପ୍ରବଳ ମାତ୍ରାରେ ବିରୋଧ କରିବା ସହ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି । ୨୦୨୬-୨୭ ଆର୍ଥିକ ବର୍ଷରେ ଲଟେରୀ ଉଠାଣ ମାଧ୍ୟମରେ ଆଙ୍କୁଲା ସରକାରୀ ସ୍ୱୀକୃତି ଠିପିବନ୍ଦ ବିଦେଶୀ ମଦ ଦୋକାନ ଖୋଲାଯିବାକୁ ଯାଉଛି ବୋଲି ଗ୍ରାମବାସୀ ବିରୋଧ କରିଛନ୍ତି । ବିନ୍ଦୁରେଖା ନିଜ ଲଟେରୀ ମାଧ୍ୟମରେ ବିଜେତା ହୋଇ ଆଙ୍କୁଲା ମୌଜାରେ ମଦ ଦୋକାନ ଖୋଲିବାକୁ ଯାଉଛନ୍ତି । ବିନ୍ଦୁରେଖା ନନ୍ଦଙ୍କ ସ୍ୱାମୀ ତରୁଣ କୁମାର ନନ୍ଦ ପୂର୍ବରୁ ସରକାରଙ୍କ ଲାଇସେନ୍ସ ପାଇଥିବା ରେଣ୍ଡରକୁ ୫ବର୍ଷ ଯାଏ ଆମ ମୌଜାରେ ମଦ ଦୋକାନ ଖୋଲାଇ ନ ଦେବାର ନେତୃତ୍ୱ ନେଇଥିଲେ । ଆମେମାନେ ମଧ୍ୟ ବହୁତ ଅନ୍ଦୋଳନ ଓ ବିରୋଧ କରି ଦୋକାନକୁ ଆଙ୍କୁଲା ଓ ଏହାର ପାର୍ଶ୍ୱବର୍ତୀ ଅଂଚଳରେ ଖୋଲାଇ ଦେଇ ନଥିଲୁ କାରଣ ଆମ ଆଙ୍କୁଲା ମୌଜାଟି ଗୋଟିଏ ଚର୍ଚ୍ଚିତ ସ୍ଥାନ ଅଟେ । ଏଠାରେ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ୍, ସର୍ବପୁରାତନ ହୋମିଓପାଥି ଚିକିତ୍ସାଳୟ, ବିରଜା ଆଇନ୍ କଲେଜ, ଅମ୍ବିକା ଦେବୀ ହାଇସ୍କୁଲ, ପି.କେ କର ନୋଡାଲ୍ ସ୍କୁଲ୍ ଓ ଆହୁରି ଅନେକ ଶିକ୍ଷଣୀୟ ସ୍ଥାନ ରହିଅଛି । ଯେଉଁଠାକୁ ଅନେକ ଛାତ୍ରଛାତ୍ରୀ ପ୍ରତିଦିନ ପଢିବାକୁ ଆସିଥାନ୍ତି । ଏହାଛଡ଼ା ଆମ ଆଙ୍କୁଲା ମୌଜାରେ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ପିଡି, ଏଡିଏମ୍, ତହସିଲଦାର, ଜିଲ୍ଲା ଜଜ୍‌ଙ୍କ ବାସଭବନ ରହିଅଛି ଏବଂ ଯାଜପୁର ଜିଲ୍ଲା ପ୍ରଦର୍ଶନ ଗୃହ ରହିଅଛି । ଯେଉଁଥି ପାଇଁ ସର୍ବଦା ଜିଲ୍ଲା ତଥା ଜିଲ୍ଲା ବାହାରୁ ସରକାରୀ ଅଧିକାରୀଙ୍କ ସହ ସାଧାରଣ ଲୋକମାନେ ମଧ୍ୟ ନିଜ ନିଜର କର୍ମ ନିମନ୍ତେ ଆସିଥାନ୍ତି । ଏଣୁ ସମସ୍ତ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅନୁରୋଧ ଏଠାରେ ମଦ ଦୋକାନ ନ ଖୋଲିବାକୁ ।

ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର : ଦୁଇ ଦିନରେ ୫୫୨ ରୋଗୀଙ୍କୁ ବିଶେଷଜ୍ଞଙ୍କ ସେବା

ନବରଙ୍ଗପୁର, ୧୦/୦୬ (ଆ.ପ୍ର) : ଓଡ଼ିଶା ସରକାରଙ୍କ ଜନମୁଖୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ "ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା" ଅନ୍ତର୍ଗତ ଏକ ମେଗା ମଲ୍ଟି-ସ୍ପେସିଆଲିଟି ସ୍ୱାସ୍ଥ୍ୟ ଶିବିର ୦୯.୦୬.୨୦୨୬ରୁ ୧୨.୦୬.୨୦୨୬ ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନବରଙ୍ଗପୁର ପରିସରରେ ଅନୁଷ୍ଠିତ ହେଉଛି । ଏହି ଶିବିର ମାଧ୍ୟମରେ ଜିଲ୍ଲାବାସୀଙ୍କୁ ସେମାନଙ୍କ ଦ୍ୱାରପ୍ରାନ୍ତରେ ଉଚ୍ଚସ୍ତରୀୟ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ପହଂଚାଇବାର ଉଦ୍ଦେଶ୍ୟ ରହିଛି । ଶିବିରର ପ୍ରଥମ ଦିନରେ ସାଧାରଣ ଶଲ୍ୟ ଚିକିତ୍ସା, ଅସ୍ଥିରୋଗ, ଚକ୍ଷୁରୋଗ, ହୃଦରୋଗ ସମେତ ବିଭିନ୍ନ ବିଶେଷଜ୍ଞ ବିଭାଗର ଡାକ୍ତରମାନେ ୨୫୦ରୁ ଅଧିକ ରୋଗୀଙ୍କୁ ପରାମର୍ଶ ଓ ଚିକିତ୍ସା ସେବା ପ୍ରଦାନ କରିଥିଲେ । ସେହିପରି ଶିବିରର ଦ୍ୱିତୀୟ ଦିନରେ ୩୦୨ ଜଣ ରୋଗୀ ବିଭିନ୍ନ ବିଶେଷଜ୍ଞଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପରାମର୍ଶ ଗ୍ରହଣ କରିଥିଲେ । କେବଳ ବିଶେଷଜ୍ଞ ପରାମର୍ଶ ନୁହେଁ, ରୋଗୀମାନଙ୍କ ପାଇଁ ଆବଶ୍ୟକୀୟ ନିଦାନାତ୍ମକ ପରୀକ୍ଷା ଯଥା ରକ୍ତ ପରୀକ୍ଷା, ଅଲ୍ଟ୍ରାସାଉଣ୍ଡ, ଇସିଜି ଓ ଅନ୍ୟାନ୍ୟ ତଦନ୍ତ ସୁବିଧା ମଧ୍ୟ ଉପଲବ୍ଧ କରାଯାଇଥିଲା । ଏହା ଦ୍ୱାରା ଦୂରଦୂରାନ୍ତର ରୋଗୀମାନେ ବଡ଼ ବଡ଼ ସହରକୁ ନଯାଇ ନିଜ ଜିଲ୍ଲାରେ ହିଁ ଉନ୍ନତ ଚିକିତ୍ସା ସେବା ଓ ସ୍ୱାସ୍ଥ୍ୟ ପରୀକ୍ଷାର ସୁବିଧା ପାଇପାରିଛନ୍ତି । ବିଭିନ୍ନ ବିଶେଷଜ୍ଞ ବିଭାଗର ଡାକ୍ତର, ପାରାମେଡିକାଲ କର୍ମଚାରୀ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନର ସମନ୍ୱିତ ପ୍ରୟାସରେ ଶିବିରଟି ଚାଲିଥିବା ବେଳେ ଆଗାମୀ ଦିନରେ ଅଧିକ ସଂଖ୍ୟକ ରୋଗୀ ଏହାର ସୁବିଧା ନେବେ ବୋଲି ଆଶା କରାଯାଉଛି ।

ଜାତୀୟ ରାଜପଥ କଡ଼ ଡ୍ରେନ ଜାମ, ଅଜଣା ରୋଗ ବ୍ୟାପିବା ଆଶଙ୍କା

ଟାଙ୍ଗୀ ଚୌଦ୍ୱାର, ୧୦/୦୬ (ଆ.ପ୍ର) : ଚୌଦ୍ୱାର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥ କଡରେ ପାଣି ନିଷ୍କାସନ ପାଇଁ ତିଆରି ହୋଇଥିବା ବକ୍ସ ନାଳୀ ପ୍ରାୟତଃ ଅଧିକାଂଶ ସ୍ଥାନରେ ଜାମ ହୋଇ କେଉଁଠି ଦୁର୍ଗନ୍ଧରେ ନାକ ଫାଟିଯାଉଛି ତ କେଉଁଠି ଡ୍ରେନର ଉଛୁଳା ପାଣି ଆସି ରାଜରାସ୍ତାରେ, ସାଧାରଣ ଜନତାଙ୍କ ଯାତାୟତ ପଥ ହେଉ କିମ୍ବା ଖାଦ୍ୟ ସାମଗ୍ରୀ ଦୋକାନ କଡରେ ଗଦା ହୋଇଥିବା ଏହି ଡ୍ରେନ ପାଣି କେତେଯେ ସ୍ୱାସ୍ଥ୍ୟ ପ୍ରତି କ୍ଷତି କାରକ ତାହା ବୋଧେ ଆମ ଜନସ୍ୱାସ୍ଥ୍ୟ ବିଭାଗ ଜାଣିପାରୁନାହିଁ କି ଚିର ନିଦ୍ରାରେ ଶୋଇଛି, କଳିଙ୍ଗଛକ ପଟୁ ଯାଇଥିବା ଡ୍ରେନ ପେଟ୍ରୋଲ ଟାଙ୍କି ପୂର୍ବରୁ ଆଗକୁ ଆଉ ଯିବାକୁ ଡ୍ରେନ ନାହିଁ କି ମଇଳା ପାଣି ଯିବା ପାଇଁ ବାଟ ନାହିଁ, ଗୋଟିଏ ଦୁଇଟି ଗର୍ତ୍ତ ମଧ୍ୟରେ ଏହି ପାଣି ଜମା ହୋଇ ଏପରି ଦୁର୍ଗନ୍ଧ ହେଉଛି ବାନ୍ତି ହୋଇଯିବ ତାହା ସାଙ୍ଗକୁ ସେହି ପୋକ ସାଲୁ ବାଲୁ ମଇଳା ପାଣି ଉପରେ ଖାଦ୍ୟ ସାମଗ୍ରୀ ଦୋକାନ, ଏହି ଅସ୍ୱାସ୍ଥ୍ୟ କର ପରିବେଶ ଦିନେ ବଡ ରୋଗର କାରଣ ସାଜିବ ଏଥିନେଇ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେଉଛି ନା ରୋଗବ୍ୟାଧି ବଢ଼ାଇବାରେ ସାହାଯ୍ୟ କରୁଛି ତାହା ଦେଖିବାକୁ ବାକି ରହିଲା ।

ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ନବଦିନ ବ୍ୟାପୀ ଅନୁଷ୍ଠିତ ମହେନ୍ଦ୍ର ମେଳା ଉଦଯାପିତ

ପାରଳାଖେମୁଣ୍ଡି, ୧୦/୦୬ (ଆ.ପ୍ର) : ଗଜପତି ଜିଲ୍ଲା ରାୟଗଡ ବ୍ଲକର ପୁରାଣ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି ଶିଖରରେ ଚାଲିଥିବା ନବଦିନ ବ୍ୟାପୀ ମହେନ୍ଦ୍ର ମେଳା ଏବଂ ବିଶ୍ୱଶାନ୍ତି ନବକୁଣ୍ଡିୟ ହରି ହରାତ୍ମକ ମହାଯଜ୍ଞ ମହା ସମାରୋହରେ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଯାଇଛି । ଏହି ମହେନ୍ଦ୍ର ମେଳା ଅବସରରେ ମହେନ୍ଦ୍ରଗିରି ଶିଖରରେ ପ୍ରତିଦିନ ଘୃତଯଜ୍ଞ, ନାମଯଜ୍ଞ, ଜ୍ଞାନଯଜ୍ଞ, ଜପଯଜ୍ଞ, ଅନ୍ନଯଜ୍ଞ, ସୂର୍ଯ୍ୟପୂଜା ପ୍ରଭୃତି ସମେତ ସେଠାରେ ଚତୁର୍ବେଦ ଓ ଦେବୀ ଭାଗବତ, ଚଣ୍ଡୀ ପାଠ, ରାମଚରିତ ମାନସ ପାରାୟଣ, ସାଧୁସନ୍ଥମାନଙ୍କ ଦ୍ୱାରା ଜପ ଓ ପ୍ରବଚନ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗଜପତି ଜିଲ୍ଲା ସମେତ ଓଡ଼ିଶା ଓ ଭାରତର ବିଭିନ୍ନ ପ୍ରାନ୍ତରରୁ ଶତାଧିକ ସଂଖ୍ୟାରେ ସାଧୁସନ୍ଥ ମାନେ ଆସି ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାମିଲ ଥିଲେ । ମହେନ୍ଦ୍ର ମେଳା ଓ ସେଠାକାର ବିଭିନ୍ନ ମନ୍ଦିର ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବା ଓ ଐତିହ୍ୟ ସମ୍ପନ୍ନ ପୁରାଣ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ହେବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାଇ ମୀନାଙ୍କ ସମେତ ବହୁ ସଂଖ୍ୟାରେ ପ୍ରଶାସନିକ ଓ ପୋଲିସ ଅଧିକାରୀ ଉପସ୍ଥିତ ଥିବା ସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ପଣ୍ଡିତ ଅଶୋକ ପାଢ଼ୀ ଏବଂ ମହେନ୍ଦ୍ର ମେଳା କମିଟି ଅଧ୍ୟକ୍ଷ କୁରାୟା ଜାନୀ କହିଥିଲେ ଯେ, ସପ୍ତ କୁଳାଚଳ ମଧ୍ୟରେ ପବିତ୍ର ପୁରାଣ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି ଅନ୍ୟତମ । ଏହି ମହେନ୍ଦ୍ରଗିରିର ଐତିହ୍ୟ ଓ କିମ୍ବଦନ୍ତୀ ରହିଛି ଯେ, ଏଠାରେ ପଂଚୁପାଣ୍ଡବଙ୍କ ଉପସ୍ଥିତି ଓ ରାମାୟଣ ସର୍କିଟ ସମେତ ପର୍ଶୁରାମ ତପୋ ସ୍ଥଳୀ ରହିଛି । ହଜାର ହଜାର ବର୍ଷ ପୂର୍ବେ ଏଠାରେ ଦେବତା ଓ ମୁନିଋଷିମାନେ ଯଜ୍ଞ କରୁଥିଲେ । ଏଭଳି ଅନେକ ଅସଂଖ୍ୟ ଭାବେ ମାହାତ୍ମ୍ୟ ରହିଛି । ଏହି ମେଳା ଆୟୋଜନ ଓ ଅନୁଷ୍ଠିତ ଏଠାରେ ସମ୍ପୂର୍ଣ୍ଣ ଭାବେ ସଫଳ୍ୟ ହୋଇଛି । ଲକ୍ଷାଧିକ ଭକ୍ତ ଏହିମହେନ୍ଦ୍ର ମେଳାକୁ ଆସି ଦର୍ଶନ କରି ଭଗବାନଙ୍କ କୃପା ଓ ଆଶୀର୍ବାଦ ନେଇ ଫେରିଛନ୍ତି ବୋଲି କହିଥିଲେ ।

ବଡକର୍ଲାକୋଟ ଆରଆଇ କାର୍ଯ୍ୟାଳୟର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ବେସରକାରୀ ବ୍ୟକ୍ତିଙ୍କ ହାତରେ

ଜୟପାଟଣା, ୧୦/୦୬ (ଆ.ପ୍ର) : କଳାହାଣ୍ଡି ଜୟପାଟଣା ତହସିଲ ଅନ୍ତର୍ଗତ ବଡକର୍ଲାକୋଟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ସରକାରୀ ଦଲିଲପତ୍ରର ସୁରକ୍ଷାକୁ ନେଇ ସ୍ଥାନୀୟ ଅଂଚଳରେ ଉଦ୍‌ବେଗ ପ୍ରକାଶ ପାଇଛି । ଅଭିଯୋଗ ହେଉଛି, କାର୍ଯ୍ୟାଳୟର କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ରେକର୍ଡର ଦାୟିତ୍ୱ ବେସରକାରୀ ବ୍ୟକ୍ତିଙ୍କ ହାତରେ ରହୁଥିବା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ସନ୍ଦେହ ଓ ଅସନ୍ତୋଷ ସୃଷ୍ଟି ହୋଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଜମିଜମା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ରେକର୍ଡ, ଆବେଦନପତ୍ର ଓ ବିଭିନ୍ନ ସରକାରୀ ଦସ୍ତାବିଜର କାର୍ଯ୍ୟରେ ବେସରକାରୀ ବ୍ୟକ୍ତିଙ୍କ ହସ୍ତକ୍ଷେପ ଦେଖିବାକୁ ମିଳୁଥିବା ଅଭିଯୋଗ ହେଉଛି । ଯଦି ଏହି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ସରକାରୀ ରେକର୍ଡର ଗୋପନୀୟତା ଓ ସୁରକ୍ଷା ଉପରେ ଗୁରୁତର ପ୍ରଶ୍ନ ଉଠିବ । ସାମାଜିକ କର୍ମୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଏହି ଘଟଣାର ନିଷ୍ପକ୍ଷ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ସରକାରୀ କାର୍ଯ୍ୟାଳୟର ଦଲିଲପତ୍ର କେବଳ ଅଧିକୃତ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ରହିବା ଉଚିତ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି । ଏହି ପ୍ରସଙ୍ଗରେ ସ୍ଥାନୀୟ ଲୋକମାନେ ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗକୁ ଘଟଣାର ତଦନ୍ତ କରି ପ୍ରକୃତ ସତ୍ୟ ଉନ୍ମୋଚନ କରିବା ସହ ଭବିଷ୍ୟତରେ ଏପରି ଅଭିଯୋଗ ନ ଆସିବା ପାଇଁ କଡ଼ା ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି କରିଛନ୍ତି ।

ସାମ୍ବାଦିକ କଲ୍ୟାଣ ସେନ ହେଲେ ଜାତୀୟ ମାନବାଧିକାର ନ୍ୟାୟ ପରିଷଦର ଜିଲ୍ଲା ସଭାପତି

ଜଗତସିଂହପୁର, ୧୦/୦୬ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଜଗନ୍ନାଥପୁର କାଗସାହି ଗ୍ରାମର ବରିଷ୍ଠ ସାମ୍ବାଦିକ କଲ୍ୟାଣ ସେନ ହେଲେ ଜଗତସିଂହପୁର ଜିଲ୍ଲା ଜାତୀୟ ମାନବାଧିକାର ସାମାଜିକ ନ୍ୟାୟପରିଷଦର ସଭାପତି । ଏଠାରେ ସୂଚନା ଥାଉକି ଜଗତସିଂହପୁର ଜିଲ୍ଲା ଜାତୀୟ ମାନବାଧିକାର ସାମାଜିକ ନ୍ୟାୟପରିଷଦର ଜଗତସିଂହପୁର ଜିଲ୍ଲା ସଭାପତି ଚନ୍ଦ୍ରକାନ୍ତ ଦାସଙ୍କ ପଦୋନ୍ନତି ହୋଇ ରାଜ୍ୟ ସଭାପତି ଭାବେ ଅବସ୍ଥାପିତ ହେବାପରେ ଜିଲ୍ଲାର ଏହି ପଦବୀ ଖାଲିପଡିଥିଲା । ତେବେ ଏହି ଅନୁଷ୍ଠାନର ଜିଲ୍ଲା ଉପଦେଷ୍ଟା ଭାବେ କାର୍ଯ୍ୟ କରୁଥିବା ବରିଷ୍ଠ ସାମ୍ବାଦିକ କଲ୍ୟାଣ ସେନଙ୍କୁ ଜିଲ୍ଲା ସଭାପତି ଭାବେ ଅବସ୍ଥାପିତ କରାଯାଇଛି । ନୂତନ ସଭାପତିଭାବେ କାର୍ଯ୍ୟଭାର ନେବାପରେ ସେ ଏହି ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷା ଡ. ସ୍ୱର୍ଣ୍ଣମୟୀ ଭାରତ ଓ ରାଜ୍ୟସଭାପତି ଚନ୍ଦ୍ରକାନ୍ତ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ପରିପେକ୍ଷୀରେ ରଘୁନାଥପୁର ବ୍ଲକ ଜାତୀୟ ମାନବାଧିକାର ସାମାଜିକ ନ୍ୟାୟ ପରିଷଦର ସଂଗଠନ ପକ୍ଷରୁ ଜିଲ୍ଲା ସାଧାରଣ ସମ୍ପାଦକ ରଂଜନ କୁମାର ଲେଙ୍କା, ବ୍ଲକ ସଭାପତି ଧନଞ୍ଜୟ ମଲ୍ଲିକ, ଉପସଭାପତି ନିରଞ୍ଜନ ସାହୁ, ଉପଦେଷ୍ଟା ଜ୍ଞାନରଂଜନ ପଟ୍ଟନାୟକ, ଭଗବାନ ସ୍ୱାଇଁ, ଅମୂଲ୍ୟ ଚନ୍ଦ୍ରକାନ୍ତ ମହାପାତ୍ର, ସଂଯୋଜକ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ନୂତନ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ ।

ସହରାଂଚଳ ଜନସମ୍ପର୍କ ଏବଂ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ

ବାଣପୁର,୧୦/୦୬ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ଏକ ସହରାଂଚଳ ଜନସମ୍ପର୍କ ଏବଂ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିଷଦ ଅଧ୍ୟକ୍ଷ ମିଟୁ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଣପୁର ଅଂଚଳର ଶିକ୍ଷାବିତ୍, ବୁଦ୍ଧିଜୀବୀ, ସମାଜସେବୀ, ସାମ୍ବାଦିକ, ସାହିତ୍ୟିକ, ତଥା ଅନ୍ୟାନ୍ୟ ଜନସାଧାରଣଙ୍କୁ ନେଇ ପରିଷଦ ତରଫରୁ କରାଯାଇଥିବା ଅନେକ ନୂତନ ପ୍ରକଳ୍ପ ପରିଦର୍ଶନ କରାଯାଇ ମତାମତ ଲୋଡ଼ାଯାଇଥିଲା । ନୂତନ ଭାବେ ନିର୍ମିତ ଆଦର୍ଶ ଶ୍ମଶାନ, ଗୋଶାଳା, ଓଦା ବର୍ଜ୍ୟବସ୍ତୁ ପୃଥକୀକରଣ କେନ୍ଦ୍ର, ମଳ ପଙ୍କ ପରିଚାଳନା ପ୍ରକ୍ରିୟା, ଇତ୍ୟାଦି ଅନେକ ପ୍ରକଳ୍ପ ପରିଦର୍ଶନ କରି ପରିଦର୍ଶକମାନେ ସନ୍ତୋଷ ପ୍ରକାଶ କରିଥିଲେ । ବାସ୍ତବିକ୍ ଅଧ୍ୟକ୍ଷ ମିଟୁ ନାୟକଙ୍କ ୨୦୨୨ ରୁ ୨୦୨୭ ପଂଚ ବର୍ଷ କାର୍ଯ୍ୟକାଳକୁ ବାଣପୁର ବିକାଶର ସୁବର୍ଣ୍ଣ ଯୁଗ ବୋଲି ପରିଦର୍ଶକମାନେ ମତ ବ୍ୟକ୍ତ କରିଥିଲେ । ଅଧ୍ୟକ୍ଷ ଶ୍ରୀଯୁକ୍ତ ନାୟକ ଏକ୍ଷେତ୍ରରେ ବାଣପୁରର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତଙ୍କ ସାହାଯ୍ୟ ସହଯୋଗ ଲୋଡ଼ିଥିଲେ । ପରିଦର୍ଶକମାନେ ଏଭଳି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହ ବାଣପୁର ବିଜ୍ଞାପିତ ଅଂଚଳ ପରିଷଦକୁ ଓଡ଼ିଶାର ଏକ ଶ୍ରେଷ୍ଠ ବିଜ୍ଞାପିତ ଅଂଚଳ ପରିଷଦ ଭାବେ ଗଢି ତୋଳିବାକୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

୧୩୧ କିଲୋରୁ ଅଧିକ ଗଞ୍ଜେଇ ଜବତ, ୫ ମାଫିଆ ଗିରଫ, ୩ ଅଭିଯୁକ୍ତ ଫେରାର

କୋମନା, ୧୦/୦୬ (ଆ.ପ୍ର) : କୋମନା ପୋଲିସକୁ ଏକ ବଡ଼ ସଫଳତା ମିଳିଛି । ଏକ ସ୍ୱତନ୍ତ୍ର ଚଢ଼ାଉ ଅଭିଯାନରେ ପୋଲିସ ୧୩୧ କିଲୋରୁ ଅଧିକ ଗଞ୍ଜେଇ ଜବତ କରିବା ସହ ୫ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଛି । ଏହି ଚକ୍ର ସହ ଜଡ଼ିତ ଆଉ ୩ ଜଣ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି । ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ କୋମନା ପୋଲିସ ଏକ ଯୋଜନାବଦ୍ଧ ଅଭିଯାନ ଚଳାଇଥିଲା । ଅଭିଯାନ ସମୟରେ ଗଞ୍ଜେଇ ଚୋରା ଚାଲାଣରେ ବ୍ୟବହୃତ ଗାଡ଼ି ସହ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଥିଲା । ଗିରଫ ଅଭିଯୁକ୍ତମାନେ ବିଭିନ୍ନ ରାଜ୍ୟ ସହ ସଂପୃକ୍ତ ଥିବାବେଳେ ସେମାନେ ଏକ ସଂଗଠିତ ଚୋରା ଚାଲାଣ ନେଟୱର୍କ ମାଧ୍ୟମରେ କାରବାର କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ପୋଲିସ ଫେରାର ଥିବା ୩ ଜଣ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜୋରଦାର କରିଥିବା ବେଳେ ଏହି ରାକେଟ୍‌ର ଅନ୍ୟ ସଦସ୍ୟମାନଙ୍କ ସମ୍ପର୍କରେ ମଧ୍ୟ ଖୋଜତାଡ଼ ଚାଲିଛି । ଏହି ସଫଳତାକୁ ନେଇ କୋମନା ପୋଲିସର କାର୍ଯ୍ୟଦକ୍ଷତାକୁ ସାଧାରଣରେ ପ୍ରଶଂସା ମିଳିଛି ।

ସାମ୍ବାଦିକଙ୍କ ପିତୃ ବିୟୋଗ

ଖଣ୍ଡପଡ଼ା, ୧୦/୦୬ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ତଥା ସାମ୍ବାଦିକ ପ୍ରଦୀପ ବେହେରାଙ୍କ ପିତା ଶଙ୍କର ବେହେରା(୯୧)ଙ୍କର ପରଲୋକ ହୋଇଯାଇଛି । କିଛି ମାସ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ସ୍ୱର୍ଗତ ବେହେରା ସିଧାମୂଳା ଗ୍ରାମ କୈବର୍ତ୍ତ ସମାଜର ମୁଖ୍ୟ ଭାବେ ଦୀର୍ଘ ବର୍ଷ ଧରି ସୁଚାରୁରୂପେ ଦାୟିତ୍ୱ ତୁଲାଇଥିଲେ । ଜଣେ ଶାନ୍ତ, ସରଳ ଓ ପରୋପକାରୀ ବ୍ୟକ୍ତି ଭାବେ ସ୍ୱର୍ଗତ ବେହେରା ବିଭିନ୍ନ ମହଲରେ ବେଶ ଜଣାଶୁଣା ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିବା ଜଣାଯାଇଛି ।

ଚଳନ୍ତା ଟ୍ରାକ୍ଟରରୁ ଖସି ନାବାଳକର ମୃତ୍ୟୁ

ବାଲିଗୁଡା, ୧୦/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଥାନା ଅଂଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ବୁଧବାର ଦିନ ଗୋଟିଏ ଚଳନ୍ତା ଟ୍ରାକ୍ଟରରୁ ଖସି ପଡ଼ି ଜଣେ ନାବାଳକର ମୃତ୍ୟୁ ଘଟଣା ଅଂଚଳରେ ଶୋକର ଛାୟା ଖେଳିଯାଇଛି । ମୃତ ନାବାଳକ ଜଣକ ହେଲେ ବ୍ରାହ୍ମଣୀଗାଁ ଥାନା ଡାକୁଙ୍ଗିଆ ପଂଚାୟତର ପଦାସାହି ନିବାସୀ ଅକ୍ଷୟ କୁମାର ମଲ୍ଲିକଙ୍କ ପୁଅ ଗ୍ରେସ କୁମାର ମଲ୍ଲିକ (୧୫) । ସୂଚନା ଅନୁଯାୟୀ ଗ୍ରେସ ଉଦୁଙ୍ଗିଆ ହାଇସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢୁଥିଲେ । ଖରାଛୁଟି କଟାଇବା ପାଇଁ ଘରକୁ ଆସିଥିଲେ । ବୁଧବାର ଦିନ ବଡିଭୋରରୁ ବାପା ବିଲରେ ହଳ କରିବାକୁ ଯାଇଥିଲେ । ସକାଳୁ ନିଜ ନିତ୍ୟକର୍ମ ସାରି ଗ୍ରେସ୍ ଗାଁ ମୁଣ୍ଡରେ ବୁଲାବୁଲି କରୁଥିବାବେଳେ ଡାକୁଙ୍ଗିଆରୁ ଏକ ଟ୍ରାକ୍ଟର ମହାଗୁଡ଼ି ଅଭିମୁଖେ ଯାଉଥିବା ଦେଖି ସେହି ଟ୍ରାକ୍ଟରରେ ଚଢ଼ି ଯାଇଥିଲେ । ହେଲେ କିଛି ବାଟ ଆସିବା ପରେ ମହାଗୁଡ଼ି ପହଂଚିବା ପୂର୍ବରୁ ଟୁଙ୍ଗୁଡୁମହା ସାହି ନିକଟରେ ଥିବା ହମ୍ପରେ ଗାଡ଼ି ବ୍ରେକ ମାରିବାରୁ ସେ ଟ୍ରାକ୍ଟରରୁ ଛିଟିକି ପଡ଼ି ଯାଇଥିଲେ । ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବ୍ରାହ୍ମଣୀଗାଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଖବର ପାଇ ବ୍ରାହ୍ମଣୀଗାଁ ଥାନା ଏସଆଇ ଭୋଳାନାଥ ପଣ୍ଡା ମେଡିକାଲରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣା ସ୍ଥଳରେ ପହଂଚି ତଦନ୍ତ ଜାରି ରଖିଥିବା ଜଣାପଡିଛି ।

ସିଥୋ ଆରମ୍ଭ
SEITHO ARAMBHA
ଗୁରୁବାର, ୧୧ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଭତା ସମସ୍ୟା ଦୂର ନହେବା ଯାଏ ବିଧାୟକ ଭତା ନେବେନାହିଁ : ଗୌତମବୁଦ୍ଧ ଦାସ

ଭୋଗରାଇ, ୧୦/୦୬ (ଆ.ପ୍ର) : ଯେବେ ପର୍ଯ୍ୟନ୍ତ ବୃଦ୍ଧବୃଦ୍ଧାଙ୍କୁ ଭତା ମିଳିବ ନାହିଁ, ସେ ପର୍ଯ୍ୟନ୍ତ ନେବିନି ବିଧାୟକ ଭତା । ଭତା ସମସ୍ୟା ରାଜ୍ୟରେ ଏକ ବଡ଼ ପ୍ରସଙ୍ଗ ଭାବେ ଉଭା ହୋଇଥିବା ବେଳେ, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଏଭଳି ଚିଠି ଲେଖିଛନ୍ତି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ । ସେ ଲେଖିଛନ୍ତି, ୩ ମାସ ହେଲା ରାଜ୍ୟର ୨୨ ଲକ୍ଷ ଅସହାୟ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ, ବିଧବା ଓ ସମାଜର ଅବହେଳିତ ବର୍ଗର ଲୋକେ ମାସିକ ସାମାଜିକ ସୁରକ୍ଷା ଭତା ପାଉନାହାନ୍ତି । ଫଳରେ ସେମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଓ ଅକଥନୀୟ ଯନ୍ତ୍ରଣା ଭୋଗ କରୁଛନ୍ତି । ଓଡ଼ିଶା ଇତିହାସରେ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଏଭଳି ବେଦନା ଦାୟକ ପରିସ୍ଥିତି ସୃଷ୍ଟି ହୋଇ ନଥିଲା । ପ୍ରଚଣ୍ଡ ଖରା ଓ ଗ୍ରୀଷ୍ମପ୍ରବାହରେ ସେମାନେ ପ୍ରତିଦିନ ବ୍ୟାଙ୍କ, ପଂଚାୟତ କିମ୍ବା ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରୁଛନ୍ତି । ଜୀବନରକ୍ଷାକାରୀ ଔଷଧ କିଣିବା ପାଇଁ ମଧ୍ୟ ସେମାନଙ୍କ ପାଖରେ ଟଙ୍କା ନାହିଁ । ମୋର ଭୋଗରାଇ ନିର୍ବାଚନ ମଣ୍ଡଳୀର ବୃଦ୍ଧବୃଦ୍ଧା ମାନେ ମୋ ପାଖକୁ ଆସି କାନ୍ଦୁଛନ୍ତି । ଜଣେ ବିଧାୟକ ଭାବେ ମୁଁ ସେମାନଙ୍କର ଭତା କେବେ ମିଳିବ ବୋଲି କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରୁନାହିଁ । ଏହି ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ମାନେ ତିନି ମାସ ହେଲା ଭତା ଯନ୍ତ୍ରଣାରେ ଜର୍ଜରିତ ହୋଇଛନ୍ତି । ତେବେ ଯେଉଁ ପର୍ଯ୍ୟନ୍ତ ଏହି ୨୨ ଲକ୍ଷ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଓ ଅନ୍ୟ ଅସହାୟ ମାନଙ୍କୁ ସେମାନଙ୍କ ବକେୟା ଭତା ଦିଆଯାଇନାହିଁ, ସେ ପର୍ଯ୍ୟନ୍ତ ମୋ ଆକାଉଂଟକୁ ବିଧାୟକ ଭତା ମଧ୍ୟ ଦିଅନ୍ତୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ଗୌତମ ବୁଦ୍ଧ ଦାସ । ଭତା ସମସ୍ୟାକୁ କେବଳ ବ୍ୟବସ୍ଥାଗତ ବା ଯାନ୍ତ୍ରିକ ତ୍ରୁଟି ଜନିତ ସମସ୍ୟା କହି ସରକାର କେତେ ଦିନ ନିରବ ବସିବେ ବୋଲି ପ୍ରଶ୍ନ କରିଛନ୍ତି ବିଧାୟକ ।

ପ୍ରଧାନମନ୍ତ୍ରୀଙ୍କ ଦୀର୍ଘତମ କାର୍ଯ୍ୟକାଳ ଅବସରରେ ନୀଳଗିରି ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କଲେ ବିଧାୟକ

ନୀଳଗିରି, ୧୦/୦୬ (ଆ.ପ୍ର) : ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘତମ କାର୍ଯ୍ୟକାଳ ପୂର୍ତ୍ତି ଅବସରରେ, ଆଜି ପୂର୍ବାହ୍ନରେ, ନୀଳଗିରି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ବିଧାୟକ ସନ୍ତୋଷ ଖଟୁଆ ପୂଜା ଅର୍ଚ୍ଚନା କରିଥିଲେ । ପରେ ଭଜନ କୀର୍ତନ କରି ମନ୍ଦିର ପରିକ୍ରମା କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ସୁସ୍ଥତା, ଦୀର୍ଘାୟୁ ଏବଂ ଦେଶର ଉନ୍ନତି, ସମୃଦ୍ଧି ଓ ଶାନ୍ତି କାମନା କରି ଏହି ବିଶେଷ ପୂଜା ଅର୍ଚ୍ଚନା ପ୍ରାର୍ଥନା କାର୍ଯ୍ୟକ୍ରମ ଆୟୋଜନ

କରାଯାଇଛି ବୋଲି ବିଧାୟକ ଶ୍ରୀ ଖଟୁଆ କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ, ସାମାଜିକ କର୍ମୀ, ନୀଳଗିରି ନିର୍ବାଚନ ମଣ୍ଡଳୀର ବହୁ ବରିଷ୍ଠ ଦଳୀୟ ନେତା ଓ କର୍ମୀ ଏବଂ ସ୍ଥାନୀୟ ନାଗରିକମାନେ ଉପସ୍ଥିତ ଥିଲେ ।

ସରକାରଙ୍କ ଉଦାସୀନତାକୁ ଦେଖି ଫକୀରମୋହନ ନଗରବାସୀ ରାସ୍ତା କାମ ନିଜେ କଲେ

ବାଲେଶ୍ୱର, ୧୦/୦୬ (ଆ.ପ୍ର) : ରାସ୍ତା ମରାମତି ପାଇଁ ବାରମ୍ବାର ନିବେଦନ କଲେ । ପ୍ରଶାସନକୁ ମଧ୍ୟ ଦାବିପତ୍ର ଦେଲେ । ହେଲେ ବାରମ୍ବାର ନିବେଦନ କରି ନିରାଶ ହେବା ପରେ ଏବେ ଲୋକେ ନିଜେ ରାସ୍ତା ମରାମତି କରିଛନ୍ତି । ଯାହା ଲୋକଙ୍କ ଏକତାକୁ ପ୍ରକାଶ କରୁଥିବା ବେଳେ ପ୍ରଶାସନିକ ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନ ମଧ୍ୟ ଛିଡ଼ା କରିଛି । ବାଲେଶ୍ୱର ସହରକୁ ଲାଗି ଫକୀରମୋହନ ନଗରରେ ଏହି ଦୃଶ୍ୟ ଆଜି ଦେଖିବାକୁ ମିଳିଛି । ବର୍ଷାକୁ ଦୃଷ୍ଟିରେ ରଖି ଶେଷରେ ନିଜ ରାସ୍ତା ଅଂଚଳବାସୀ ନିଜେ ମରାମତି କରିଛନ୍ତି । ସରକାର ଓ ପ୍ରଶାସନ ଦୃଷ୍ଟିର ଆଢ଼ୁଆଳରେ ରହିଯାଇଛି ବାଲେଶ୍ୱର ସହର ସହ ଲାଗିକି ରହିଥିବା ରେମୁଣା ବ୍ଲକ ଅନ୍ତର୍ଗତ କରଞ୍ଜିଆ ପଂଚାୟତର ଏହି ଫକୀରମୋହନ ନଗର । ୧୦୦୦ରୁ ଅଧିକ ପରିବାର ରହୁଥିବା ଏହି ଅଂଚଳରେ ଥିବା ରାସ୍ତାଗୁଡ଼ିକର ଅବସ୍ଥା ଅନେକ ବର୍ଷରୁ ଶୋଚନୀୟ ଅବସ୍ଥାରେ ରହିଛି । ସବୁଦିନ ଏହି ରାସ୍ତାରେ ହଜାର ହଜାର ଲୋକ ଯାତାୟତ କରୁଛନ୍ତି । କିନ୍ତୁ ଫକୀରମୋହନ ନଗରର ବିଭିନ୍ନ କଲୋନି ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ ଅବସ୍ଥାରେ ରହିଛି । କେବଳ କଲୋନିଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଖରାପ ନାହିଁ, ମୁଖ୍ୟ ରାସ୍ତାର ଅବସ୍ଥା ମଧ୍ୟ ଯାତାୟାତ ଯୋଗ୍ୟ ହୋଇ ରହି ନାହିଁ । ଫକୀରମୋହନ ନଗରବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ରାସ୍ତା ମରାମତି କରାଗଲା ନାହିଁ । ଆଗାମୀ ବର୍ଷାକୁ ଦୃଷ୍ଟିରେ ରଖି ଆଜି ଅଂଚଳବାସୀ ମିଶି ନିଜେ ରାସ୍ତା ମରାମତି କରିଛନ୍ତି । ତେବେ ତୁରନ୍ତ ସମ୍ପୂର୍ଣ୍ଣ ରାସ୍ତା ମରାମତି କରିବାକୁ ଅଂଚଳବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ପ୍ରଶାସନର ପ୍ରତିକ୍ରିୟା ମିଳିପାରିନଥିବା ବେଳେ ଉକ୍ତ ଅଂଚଳର ବରିଷ୍ଠ ନାଗରିକ ସୁନୀତା ଜେନା ଏ ସମ୍ପର୍କରେ ନିଜର ପ୍ରତିକ୍ରିୟା ରଖି କହନ୍ତି, "ବୟସ ହେଲାଣି । ହସ୍ପିଟାଲ ଯିବାକୁ ହେଲେ ଘର ଯାଏଁ ଗାଡି ଆସେନି । ଷ୍ଟ୍ରେଚରରେ ବୋହି ନେବାକୁ ପଡେ । ମୁଁ ଭାବିଥିଲି ମରିବା ଆଗରୁ ଭଲ ରାସ୍ତାଟିଏ ଦେଖିବି ।" ରାସ୍ତାର ଦୂରବସ୍ଥା ବିଷୟରେ ସ୍ଥାନୀୟ ବିଧାୟକ ଠୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ କରାନଯିବାର ଅସନ୍ତୋଷ ବ୍ୟକ୍ତ କରନ୍ତି ଜନୈକ ବ୍ୟବସାୟୀ ରମେଶ ଚନ୍ଦ୍ର ସାହୁ, "ପଂଚାୟତରୁ ବ୍ଲକ, ବ୍ଲକରୁ ବିଧାୟକ - ସମସ୍ତଙ୍କୁ କହିଲୁ । କେବଳ ପ୍ରତିଶ୍ରୁତି ମିଳେ, କାମ ହୁଏନି । ବର୍ଷା ଦିନେ ପିଲାଙ୍କୁ ସ୍କୁଲ ପଠାଇବା କଷ୍ଟ । ଆମ୍ବୁଲାନ୍ସ ଆସିପାରେନି । ବାଧ୍ୟ ହୋଇ ଆମେ ନିଜେ ମାଟି ପକାଉଛୁ ।"

ଭାଷା ବିକାଶ ଆନ୍ଦୋଳନ ତରଫରୁ ଅନୁଷ୍ଠିତ ହେଲା ପୁରାତନ କବିଙ୍କ ରଚନାର ଗାୟନୋତ୍ସବ

ବାଲେଶ୍ୱର, ୧୦/୦୬ (ଆ.ପ୍ର) : ଓଡ଼ିଶା ଭାଷା ବିକାଶ ଆନ୍ଦୋଳନ (ଓବିବିଏ) ଆନୁକୂଲ୍ୟରେ ମାଳଲପୁରସ୍ଥିତ ସ୍ରଷ୍ଟା ନାଟ୍ୟାଳୟରେ 'ପୁରାତନ କବିଙ୍କ ରଚନାର ଗାୟନୋତ୍ସବ' ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ସଭାରେ ପୌରୋହିତ୍ୟ କରି ମତବ୍ୟକ୍ତ କରିଥିଲେ ଯେ ଓଡ଼ିଶାର ପୁରାତନ କବିମାନଙ୍କର କବିତା ଓ କାବ୍ୟସମୂହ କାଳୋତୀର୍ଣ୍ଣ ଓ ଶାଶ୍ୱତ; ଯେଉଁଥିପାଇଁକି କାଳ ପରେ କାଳ ବିତି ଯାଇଥିଲେ ମଧ୍ୟ ସେଗୁଡ଼ିକ ଓଡ଼ିଆଙ୍କ ମାନସପଟରୁ ଲିଭି ଯାଇନାହିଁ ଏବଂ ଯେପର୍ଯ୍ୟନ୍ତ ଓଡ଼ିଆ ଭାଷା ଥିବ ସେପର୍ଯ୍ୟନ୍ତ ଏସବୁ ଦୀପ୍ତିମନ୍ତ ସୂର୍ଯ୍ୟ ସମ ଉଦ୍‌ଭାସିତ ହେଉଥିବ । ଏହି ଉତ୍ସବରେ କବି ମାର୍କଣ୍ଡ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ଅଚ୍ୟୁତାନନ୍ଦ ଦାସ, ଜଗନ୍ନାଥ ଦାସ, ବଳରାମ ଦାସ, ଭୀମଭୋଇ, ମାଧବୀ ଦାସ, ବିଶ୍ୱନାଥ ଖୁଂଟିଆ, ବନମାଳୀ ଦାସ, ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ସାଲବେଗ, ଭକ୍ତଚରଣ ଦାସ, ଦୀନକୃଷ୍ଣ ଦାସ, ଗୋପାଳକୃଷ୍ଣ ପଟ୍ଟନାୟକଙ୍କ କବିତାକୁ ଯଥାକ୍ରମେ ଚିନ୍ମୟୀ ପ୍ରିୟଦର୍ଶିନୀ ମିଶ୍ର, କୃଷ୍ଣା ପ୍ରଧାନ, ସ୍ନିଗ୍ଧା ସାମନ୍ତରାୟ, ଜ୍ୟୋତ୍ସ୍ନା ରାୟ, ଅର୍ଚ୍ଚନା କର, ସଙ୍ଗୀତା ରଥ, ଅର୍ଚ୍ଚନା ନନ୍ଦୀ, ସଙ୍ଗୀତା ବାରିକ, ମାମିନା ମହାପାତ୍ର, ଅଞ୍ଜଳି ପଣ୍ଡା, ଅବନ୍ତୀ ପ୍ରଧାନ, କୁମରନାଥ ପାତ୍ର, ଶାନ୍ତିଲତା ପଣ୍ଡା, ବାସନ୍ତୀ ଦେ, କମଳିନୀ ଦାସ ପ୍ରମୁଖ ଗାୟନ କରିଥିଲେ । କବିତାଗୁଡ଼ିକୁ ସଂଯୋଜନା କରିଥିଲେ ଯୁଗ୍ମସମ୍ପାଦକ କୁମରନାଥ ପାତ୍ର, ଶାନ୍ତିଲତା ପଣ୍ଡା ଏବଂ ଡ. ସାରଙ୍ଗଧର ତ୍ରିପାଠୀ । ଏଥିରେ ପ୍ରାକ୍‌କଥନ ରଖିଥିଲେ ଉପସଭାପତି ରାଜକିଶୋର ନିବାରଣ ଜେନା ଏବଂ ଶେଷକଥା ରଖିଥିଲେ ସଂଗଠନ ସମ୍ପାଦକ ତପନ ରାୟ । ଉତ୍ସବ ଆରମ୍ଭରେ ସଭାପତି ପୁଷ୍ପଗୁଚ୍ଛ ଦେଇ ସୁଶ୍ରୀ ଅର୍ଚ୍ଚନା ନନ୍ଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶରତଚନ୍ଦ୍ର ମହାପାତ୍ର, ଭାସ୍କର ଚନ୍ଦ୍ର ମିଶ୍ର, ବେଣୁଧର ସାହୁ, ରମାକାନ୍ତ ନାୟକ, କରୁଣାକର ସ, ସଂଗୀତା ରଥ, ଉର୍ମିଳା ନାୟକ, ଦିଲ୍ଲୀପ କୁମାର ଚକ୍ରବର୍ତୀ, ସୁନାମଣି ଜେନା, ଦୀପକ ଦାସ, ତପନ କୁମାର ପଣ୍ଡା, ଅକ୍ଷୟ କୁମାର ତ୍ରିପାଠୀ, ଦୀନବନ୍ଧୁ ଲେଙ୍କା, ପୁଷ୍ପଲତା ଚକ୍ରବର୍ତୀ, ଶାନ୍ତି ଦିଣ୍ଡି, ଅନାଦି ଚରଣ ଜେନା, ସୁବ୍ରତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଚଣ୍ଡ ରୌଦ୍ରତାପରୁ ନିସ୍ତାର ପାଇଁ ନଦୀକୁ ଗାଧୋଇବାକୁ ଯାଇ ଦୁଇ ନାବାଳକ ମୃତ

ନୀଳଗିରି, ୧୦/୦୬ (ଆ.ପ୍ର) : ପ୍ରଚଣ୍ଡ ରୌଦ୍ରତାପରୁ ନିସ୍ତାର ପାଇଁ ନଦୀକୁ ଗାଧୋଇବାକୁ ଯାଇ ଦୁଇ ନାବାଳକ ମୃତ । ସୂଚନାରୁ ଜଣାଯାଇଛି, ନୀଳଗିରି ବ୍ଲକ, ରାଧାକିଶୋରପୁର ପଂଚାୟତ, ରାଧାକିଶୋର ପୁର ଗାଁର ଲକ୍ଷ୍ମୀଧର ମହାଳିକଙ୍କ ୧୨ ବର୍ଷର ପୁଅ ଆକାଶ ଓ ପ୍ରଦୀପ ବେହେରାଙ୍କ ୧୪ ବର୍ଷର ପୁଅ କାର୍ତିକ ବେହେରା, ଦିନ ପ୍ରାୟ ୧୧.୩୦ ମିନିଟରୁ ୧୨ ମଧ୍ୟରେ ଦୁଇ ସାଙ୍ଗ ସୋନ ନଦୀର ପୁନ୍ଦାଳ ନଦୀ ଘାଟକୁ ଗାଧୋଇବା ପାଇଁ ଯାଇଥିଲେ । ଗାଧୋଉ ଥିବା ସମୟ ରେ ଗଭୀର ପାଣିକୁ ଗୋଡ଼ ଖସି ଯିବାରୁ ଦୁଇ ନାବାଳକ ପାଣିରେ ବୁଡ଼ି ଯାଇଥିଲେ । ଦୁଇ ଜଣ ସାଙ୍ଗ ହୋଇ ଘରୁ ବାହାରି ପୁନ୍ଦାଳ ନଦୀ ଘାଟରେ ହସ ଖୁସିରେ ଗାଧୋଉ ଥିବା ବେଳେ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟି ଥିବା କୁହା ଯାଉଛି । ସ୍ଥାନୀୟ ଅଂଚଳବାସୀ ବହୁ ଖୋଜାଖୋଜି ପରେ ଦୁଇଜଣଙ୍କୁ ଉଦ୍ଧାର କରିଥିଲେ ସତ, ହେଲେ କାହାରି ଆଖି ଫିଟି ନଥିଲା । ଘଟଣା ସ୍ଥଳରେ ନୀଳଗିରି ଅଗ୍ନିଶମ ବାହିନୀ ଓ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଥିବା ବେଳେ, ଆମ୍ବୁଲାନ୍ସ ଯୋଗେ ଦୁଇ ନାବାଳକଙ୍କୁ ରେମୁଣା ଫକିର ମୋହନ ମେଡିକାଲକୁ ନିଆ ଯାଇଥିଲା । ସେଠାରେ ଡାକ୍ତର ଦୁଇ ଜଣଙ୍କୁ ଦେଖି ମୃତ୍ୟୁ ଘୋଷଣା କରିଥିବା ଜଣା ଯାଇଛି । ଏ ନେଇ ଅଂଚଳରେ ଗଭୀର ଶୋକର ଛାୟା ଖେଳି ଯାଇଥିବା ଦେଖା ଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳ ନେତୃତ୍ୱର ଉତ୍ସବ ଜଳେଶ୍ୱରରେ ଭବ୍ୟ ମହାଯଜ୍ଞ ଓ ସଂକଳ୍ପ ସଭା ଅନୁଷ୍ଠିତ

ଜଳେଶ୍ୱର, ୧୦/୦୬ (ଆ.ପ୍ର) : ଭାରତ ବର୍ଷରେ ନରେନ୍ଦ୍ର ମୋଦିଜୀ ସର୍ବାଧିକ ସମୟ ଧରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଭାବେ ଗୌରବ ଅର୍ଜନ କରିଥିବା ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକର ଛମୌଜ ପାବନ କ୍ଷେତ୍ରଠାରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଳେଶ୍ୱର ଭାରତୀୟ ଜନତା ପାର୍ଟି (ବିଜେପି) ତରଫରୁ ପ୍ରଧାନମନ୍ତ୍ରୀଙ୍କ ସୁସ୍ଥ ଶରୀର ଏବଂ ଦୀର୍ଘାୟୁ କାମନା କରି ଏକ ସାମୂହିକ ଦୀପଦାନ, ମହାଯଜ୍ଞ, ବିଶେଷ ପୂଜାର୍ଚ୍ଚନା ଏବଂ ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି । ଜଳେଶ୍ୱରର ପ୍ରସିଦ୍ଧ ଛମୌଜ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏହି ପବିତ୍ର ଯଜ୍ଞ ଅନୁଷ୍ଠିତ ହୋଇଥିଲା । ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦିଜୀ ଦୀର୍ଘ ସମୟ ଧରି ଦେଶର ଦାୟିତ୍ୱ ତୁଲାଇ ଭାରତକୁ ବିଶ୍ୱ ଦରବାରରେ ଏକ ନୂତନ ଗୌରବ ଆଣିଦେଇଛନ୍ତି । ଏହି ଐତିହାସିକ ସଫଳତା ପାଇଁ ଭଗବାନଙ୍କ ନିକଟରେ କୃତଜ୍ଞତା ଜଣାଇବା ସହ ତାଙ୍କର ମଙ୍ଗଳ କାମନା କରି ଏହି ମହାଯଜ୍ଞ କରାଯାଇଥିଲା । ପୂଜାର୍ଚ୍ଚନା ଏବଂ ଯଜ୍ଞ ପୂର୍ଣ୍ଣାହୁତି ସମାପ୍ତ ହେବା ପରେ ସମସ୍ତ ଶ୍ରଦ୍ଧାଳୁ, ଜନସାଧାରଣ ଓ ଦଳୀୟ କାର୍ଯ୍ୟକର୍ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲଗୁନି ପାଣିଗ୍ରାହୀ ଅଧକ୍ଷତା କରିଥିଲେ । ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ସେବା ଓ ନେତୃତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ଡ.ପ୍ରଦୀପ ପଣ୍ଡା ଏବଂ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ନେତା ବ୍ରଜମୋହନ ପ୍ରଧାନ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ବାଲେଶ୍ୱର (ଉତ୍ତର) ବିଜେପି ଜିଲ୍ଲା ସମ୍ପାଦକ କାଳିଚରଣ ଦାସ ମଂଚ ଆହ୍ୱାନ କରିବା ସହ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ଗଣେଶ ସରେନ୍, ଜିଲ୍ଲା ଉପସଭାପତି ରାଧାକାନ୍ତ ପ୍ରଧାନ, ନଗର ସଭାପତି ଶିବ ନାରାୟଣ ମହାପାତ୍ର, କାଉନସିଲର ଚନ୍ଦନ ଦାସ, ମଣ୍ଡଳ ସଭାପତି ସଞ୍ଜୀବ ସେନାପତି, ସଞ୍ଜୀବ ଜେନା ଏବଂ ନବୀନ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଭବ୍ୟ ଆୟୋଜନରେ ରାଜେଶ ଜେନା, ସୁଶାନ୍ତ ପ୍ରଧାନ, ଅଜୟ ପ୍ରଧାନ, ଶ୍ରୀକଣ୍ଠ ମହାନ୍ତି, ରାଜେନ୍ଦ୍ର ପାତ୍ର, ସତ୍ୟରଞ୍ଜନ ପତି, କାଳିକିଙ୍କର ମହାନ୍ତି, ରାକେଶ ଖଟୁଆ, ହରିଶ ଚନ୍ଦ୍ର ପରିଡ଼ା, ଅତୁଲ ଚନ୍ଦ୍ର ଦାସ, ଜନ୍ମେଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ଓଝା, ରବୀନ୍ଦ୍ର ଜେନା, ଦୀନକୃଷ୍ଣ କୁଣ୍ଡୁ, ଅମୂଲ୍ୟ ସେନାପତି, ରାମଚନ୍ଦ୍ର ପ୍ରମାଣିକ, ସରୋଜ ଗିରି, ରଜନୀକାନ୍ତ ଜେନା, ତ୍ରିଲୋଚନ ଦାସ, ମନ୍ତୋଷ କମିଳା, ତାପସ ପାଣିଗ୍ରାହୀ, ଦିଲ୍ଲୀପ ପଣ୍ଡା, ସୁମତି ରଣା, ମଞ୍ଜୁଲିକା ଘୋଷ, ଚନ୍ଦନା ଦାସ, ବିଶ୍ୱରୂପ ଦାସ, ରବିନ୍ଦ୍ର ଗିରି, ଧରଣୀ ଧର ଦାସ, ମନ୍ମଥ ଦାସଙ୍କ ସମେତ ଶତାଧିକ ଜନସାଧାରଣ ଏବଂ ଦଳୀୟ କର୍ମକର୍ତା ବିପୁଳ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଆମ ସେବା କେନ୍ଦ୍ରରୁ ଚୋରୀ

ବାଲିଆପାଳ ଓ ସିଂଲା ଥାନା ଅଂଚଳରେ ବଢ଼ୁଛି ଚୋରୀ ଘଟଣା



ଲଙ୍ଗଳେଶ୍ୱର, ୧୦/୦୬ (ଆ.ପ୍ର) : ବାଲେଶ୍ୱର ଜିଲ୍ଲାର ବାଲିଆପାଳ ଓ ସିଂଲା ଥାନା ଅଂଚଳରେ ଦିନକୁ ଦିନ ଚୋରୀ ଘଟଣା ବଢ଼ିବା ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । କେବେ ହାଟବଜାରରୁ ମୋବାଇଲ ଓ ବାଇକ ଚୋରୀ ହେଉଛି, ତ କେବେ ଘର ଓ ଦୋକାନରୁ ନଗଦ ଟଙ୍କା, ଅଳଙ୍କାର, ପାଣିପମ୍ପ, ଧାନ ବସ୍ତା ଭଳି ସାମଗ୍ରୀ ଲୁଟ ହେଉଛି । ଏହି କ୍ରମରେ, ଆଜି ବାଲିଆପାଳ ଥାନା ଅନ୍ତର୍ଗତ ବଳରାମପୁରସ୍ଥିତ ଏକ ଆମ ସେବା କେନ୍ଦ୍ରରରୁ ଚୋରୀ ଘଟଣା ସାମ୍ନାକୁ ଆସିଛି । ରାତି ପ୍ରାୟ ୨ଟା ସମୟରେ କିଛି ଦୁର୍ବୃତ ସେବା କେନ୍ଦ୍ରରେ ପଶି କମ୍ପ୍ୟୁଟର, ପ୍ରିଂଟର, ଇନଭର୍ଟର ଓ ବ୍ୟାଟେରୀ ଭଳି ମୂଲ୍ୟବାନ ସାମଗ୍ରୀ ଚୋରୀ କରିନେଇଥିବା ଜଣାପଡ଼ିଛି । ସେବା କେନ୍ଦ୍ରର ମାଲିକ ଅବନୀ ବତ ସ୍ଥାନୀୟ ସରପଂଚଙ୍କୁ ଅବଗତ କରାଇବା ପରେ ବାଲିଆପାଳ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ଚୋରୀ ସମୟରେ ସ୍ଥାପିତ ସିସିଟିଭି କ୍ୟାମେରାରେ ଜଣେ ପୁରୁଷ ଓ ଜଣେ ମହିଳାଙ୍କ ଚେହେରା କଏଦ ହୋଇଥିବାରୁ, ସେହି ଆଧାରରେ ବାଲିଆପାଳ ପୋଲିସ ତଦନ୍ତ ଜୋରଦାର କରିଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ମଧ୍ୟରେ କେଣ୍ଡୁଡିହା ଗ୍ରାମ ଓ ଲଙ୍ଗଳେଶ୍ୱର ବଜାର ଅଂଚଳରୁ ମଧ୍ୟ ବାଇକ ଓ ନଗଦ ଟଙ୍କା ଚୋରୀ ନେଇ ଅଭିଯୋଗ ଆସିଥିଲା । ଏଭଳି ଘଟଣା ପରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଯୋଗକାରୀମାନେ ମତ ପ୍ରକାଶ କରିଛନ୍ତି ଯେ, ଚୋରା ମଦ କାରବାର ବୃଦ୍ଧି, ରାତ୍ରି ପେଟ୍ରୋଲିଂର ଅଭାବ ଓ ଚୋରୀ ଅଭିଯୋଗର ସଠିକ ତଦନ୍ତ ନ ହେବା ଯୋଗୁଁ ଏହି ଅଂଚଳରେ ଅପରାଧୀଙ୍କ ମନୋବଳ ବଢ଼ିଚାଲିଛି ।

ନୀଳଗିରୀ ପଂଚାୟତ ସମିତି ଉନ୍ନୟନ ମୂଳକ କାର୍ଯ୍ୟର ୬ଷ୍ଠ ତମ ସାଧାରଣ ସମୀକ୍ଷା ଓ ଆଲୋଚନା ବୈଠକ ଅନୁଷ୍ଠିତ

ନୀଳଗିରୀ, ୧୦/୦୬ (ଆ.ପ୍ର) : ଆଜି ପୂର୍ବାହ୍ନ ଘ ୧୦.୩୦ମି.ସମୟରେ ସ୍ଥାନୀୟ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ନୀଳଗିରି ପଂଚାୟତ ସମିତି ର ଉନ୍ନୟନ ମୂଳକ କାର୍ଯ୍ୟର ୬ ତମ ସାଧାରଣ ସମୀକ୍ଷା ଓ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ଓ ଆଲୋଚନା ବୈଠକରେ ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆଙ୍କ ଉପସ୍ଥିତ ଥିବା ବେଳେ ପଂଚାୟତ ସମିତିର ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ପୌରୋହିତ୍ୟ କରିଥିଲେ । ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା ବୈଠକର ବିବରଣୀ ଅନୁସାରେ ଉପସ୍ଥିତ ତ୍ରିସ୍ତରୀୟ ପଂଚାୟତ ରାଜ ବିଭାଗୀୟ ନିର୍ବାଚିତ ଲୋକ ପ୍ରତିନିଧି ଓ ବିଭିନ୍ନ ବିଭାଗ ମାଧ୍ୟମରେ ହେଉଥିବା ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ଓ ଆଲୋଚନା ହୋଇଥିଲା । ଗତ ୨୦୨୪-୨୫ ମସିହା ୧୫ ତମ ଆର୍ଥିକ ବର୍ଷରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନ ରାଶିରେ ଉନ୍ନୟନ ମୂଳକ କାର୍ଯ୍ୟରେ ନୀଳଗିରି ପଂଚାୟତ ସମିତି ଜିଲ୍ଲାରେ ପ୍ରଥମ ସ୍ଥାନରେ ଥିବାବେଳେ , ଗ୍ରାମ ପଂଚାୟତ ସ୍ତରରେ ଦ୍ୱିତୀୟ ସ୍ଥାନରେ ରହିଛି ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପରିଡ଼ା ପ୍ରକାଶ କରିଥିଲେ । ମାତ୍ର ଚତୁର୍ଦ୍ଦଶ ଅର୍ଥ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁଦାନ ରାଶି ସଠିକ୍ ଭାବରେ ବ୍ୟୟ ହୋଇ ପାରି ନ ଥିବାରୁ ମାନ୍ୟବର ବିଧାୟକ ଶ୍ରୀ ଖଟୁଆ ଗଭୀର ଉଦବେଗ ଏବଂ କ୍ଷୋଭ ପ୍ରକାଶ କରିଥିଲେ । ଏଥିରେ ନୀଳଗିରୀ ପଂଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ପଂଚାୟତମାନଙ୍କରେ ବିଭିନ୍ନ ଯୋଜନାରେ ହେଉଥିବା ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା ଓ ଆଲୋଚନା ହୋଇଥିଲା । ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁସମ୍ପଦ, ପାନୀୟ ଜଳ ଯୋଗାଣ, ଜଙ୍ଗଲ ଓ ପରିବେଶ, ବିଦ୍ୟୁତ୍, ସମନ୍ୱିତ ଶିଶୁ ବିକାଶ ଯୋଜନା, ଆଦିବାସୀ ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, ସାମାଜିକ ସଶକ୍ତି କରଣ ଓ ଖାଦ୍ୟ ସୁରକ୍ଷା ଯୋଜନା ଆଦି ସମସ୍ତ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକାରୀ ଯୋଜନାର ସୁଫଳ ଉପରେ ସମୀକ୍ଷା ଓ ଆଲୋଚନା କରାଯାଇଥିଲା । ଏଥିରେ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଗତ ବର୍ଷ ଅନୁଦାନ ତୁଳନାରେ ଦୁଇ ଗୁଣ ଅଧିକ ରାଶି ବ୍ୟୟ ବରାଦ ସଂପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପରିଡ଼ା ସୂଚନା ପ୍ରଦାନ କରିଥିଲେ । ଏହି ୬ଷ୍ଠ ତମ ସାଧାରଣ ସମୀକ୍ଷା ଓ ଆଲୋଚନା ବୈଠକରେ ବିଧାୟକ ସନ୍ତୋଷ ଖଟୁଆ, ମାନ୍ୟବର ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି କରୁଣାକର ପଣ୍ଡା, ପଂଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୋଥାଳ, ଜିଲ୍ଲା ପରିଷଦ ସଦସ୍ୟା ସଦସ୍ୟା ଗୋବିନ୍ଦକୃଷ୍ଣ ନନ୍ଦ, ରଞ୍ଜିତା ସିଂହ, ସୁଦର୍ଶ ମଞ୍ଜରୀ ସିଂ, ତ୍ରିସ୍ତରୀୟ ପଂଚାୟତ ରାଜ ବିଭାଗୀୟ ନିର୍ବାଚିତ ଲୋକ ପ୍ରତିନିଧି, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଗଣ ମାଧ୍ୟମର ପ୍ରତିନିଧିଗଣ ଯୋଗ ଦେଇଥିଲେ । ଶେଷରେ ଏହି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନନ୍ଦା ସାହୁ ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

୩୦ରୁ ଅଧିକ ବେଆଇନ ଦୋକାନଘରକୁ ଉଚ୍ଛେଦ କଲା ଜଳେଶ୍ୱର ପ୍ରଶାସନ

ଜଳେଶ୍ୱର, ୧୦/୦୬ (ଆ.ପ୍ର) : ଆରଏମସି ପକ୍ଷରୁ ମୋଡେଲ ମାର୍କେଟ ନିର୍ମାଣ ପାଇଁ ଜଳେଶ୍ୱର ହାଟ ପଡିଆ ଠାରେ ଆରଏମସ ଜାଗାରେ ବେଆଇନ ନିର୍ମାଣ ହୋଇଥିବା ୩୦ରୁ ଅଧିକ ବେଆଇନ ଦୋକାନଘରକୁ ଉଚ୍ଛେଦ କଲା ଜଳେଶ୍ୱର ପ୍ରଶାସନ । ବାଲେଶ୍ୱର ସବ କଲେକ୍ଟରଙ୍କ ନିର୍ଦ୍ଦେଶରେ ଉଚ୍ଛେଦ ଜାରି । ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଦୈନିକ ହାଟ ଠାରେ, ସୂଚନା ଅନୁଯାୟୀ ଆରଏମସି ପକ୍ଷରୁ ଉକ୍ତ ଜାଗାରେ ଏକ ମୋଡେଲ ମାର୍କେଟ ନିର୍ମାଣ ହେବ ଯେଉଁଥିରେ ସମସ୍ତ ଛୋଟ ବଡ଼ ଦୋକାନ ରହିବା ସହିତ ବିଭିନ୍ନ ସୁବିଧା ରହିବ । ତେବେ ଜଗଭ ର କିଛି ଜାଗାକୁ କିଛି ଲୋକ ଜୋର ଜବରଦସ୍ତ ଅକ୍ତିଆର କରି ଦୋକାନ ଘର ସହିତ ବଡ଼ ବଡ଼ ଦୋକାନ ଘର ନିର୍ମାଣ କରି ଭଡା ସୂତ୍ରରେ ଦେଇ ଆସୁଥିଲେ । ଯାହାକି ମୋଡେଲ ମାର୍କେଟ ନିର୍ମାଣରେ ଅସୁବିଧା ଦେଖା ଦେଉ ଥିଲା । ଜଗଭ ପକ୍ଷରୁ ବାଲେଶ୍ୱର ସବ କଲେକ୍ଟରଙ୍କୁ ଜଣାଇ ଥିଲେ, ଉକ୍ତ ଦୋକାନ ଘର ଗୁଡିକୁ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ନିର୍ଦ୍ଦେଶ ଅନୁଯାୟୀ ଜଳେଶ୍ୱର ତହସିଲ ପ୍ରଶାସନ ଓ ପୋଲିସ ପକ୍ଷରୁ ଉକ୍ତ ଦୋକାନ ଘର ଗୁଡିକୁ ଉଚ୍ଛେଦ କରାଯାଉଥିବା ଦେଖିବାକୁ ମିଳିଛି । ଉକ୍ତ ଉଚ୍ଛେଦରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଅତିରିକ୍ତ ତହସିଲଦାର, ଜଳେଶ୍ୱର ଏସଡିପିଓ, ଆଇଆଇସି ଓ ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ଉଚ୍ଛେଦ ଜାରି ରହିଛି ।

ସେତୁର ଆରମ୍ଭ
SEITHO ARAMBHA
ଗୁରୁବାର, ୧୧ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସମୟ କହିବ ଭବିଷ୍ୟତ କ'ଣ !

କୌଣସି ନିଶା ଦ୍ରବ୍ୟ ସେବନ ନକରି ମଧ୍ୟ ସାଧାରଣ ମଣିଷ କେମିତି ନିଶାରେ ପ୍ରଚଳିତ ହୁଅନ୍ତି ଏକ ବିସ୍ମୟକର ଘଟଣା । ଏହି କଥାଟି କୌଣସି ହାସ୍ୟାସ୍ପଦ କିମ୍ବା ପରିହାସ ମୂଳକ ନୁହେଁ, ବରଂ ମଣିଷ ମନର ଏକ ମନସ୍ତାତ୍ତ୍ୱିକ ବିଶ୍ଳେଷଣ । ନିଶା ଅର୍ଥାତ ଏକ ନିର୍ଦ୍ଦିଷ୍ଟ ବିଷୟ ମଧ୍ୟରେ ନିଜକୁ ସୀମିତ ରଖି ଦୁନିଆର ବାକି ସବୁ କଥାକୁ ଭୁଲିଯିବା । କୌଣସି ନିଶା ଦ୍ରବ୍ୟ ସେବନ କରିବା ଦ୍ୱାରା ମଣିଷ ନିଜର ହିତାହିତ ଜ୍ଞାନ ଶୂନ୍ୟ ହୋଇ ସେହି ନିଶା ନଛାଡିବା ପର୍ଯ୍ୟନ୍ତ ଗୋଟିଏ ନିର୍ଦ୍ଦିଷ୍ଟ ଭାବଧାରା ମଧ୍ୟରେ ବିଚରଣ କରିଥା'ନ୍ତି । ସେହି ନିଶାର ସମୟ ସୀମା ସରିଗଲା ପରେ ପୁଣି ସେମାନେ ସାଧାରଣ ମଣିଷ ଭଳି ଆଚରଣ କରିଥା'ନ୍ତି । କିନ୍ତୁ ଦୁନିଆରେ ଏମିତି ନିଶା ଅଛି ଯାହାର ନିର୍ଦ୍ଦିଷ୍ଟ ସମୟ କିମ୍ବା ଶେଷ ସୀମା ନଥାଏ । ଆଉ ସେହି ନିଶା ମଣିଷ ଜୀବନର କୌଣସି ଗୋଟିଏ ସମୟରେ ଆରମ୍ଭ ହୋଇ ଜୁଇରେ ଚିତା ଲାଗିବା ପର୍ଯ୍ୟନ୍ତ ଶେଷ ହୋଇନଥାଏ । ସେହି ନିଶାରେ ନିଶାସକ୍ତ ଆଜିର ସାଧାରଣ ଜୀବନ ଠାରୁ ଆରମ୍ଭ କରି ଅତ୍ୟନ୍ତ ଉଚ୍ଚ କୋଟିର ମଣିଷଙ୍କ ପାଖରେ ମଧ୍ୟ ଦେଖିବାକୁ ମିଳୁଛି ଯାହା ୧୦୦ ଶତକଡା ମଣିଷଙ୍କୁ ଆଜି ଦିନରାତି ଅହରହ ନିଶାଗ୍ରସ୍ତ କରି ରଖିଛି । ସେହି ନିଶା ମଣିଷର ମାନସିକ ସ୍ତରରୁ ଉତ୍ପତ୍ତି ନିଜ ଶାରୀରିକ ବିଡମ୍ବନା ଜନିତ, ଯାହା କୌଣସି ନିଶା ଦ୍ରବ୍ୟର ପ୍ରଭାବରୁ ହୋଇନଥାଏ । ହେଲେ ନିଶା ଦ୍ରବ୍ୟ ଜନିତ ନିଶାକୁ ଆୟତ୍ତ କରିବା କ୍ଷମତା ରଖିଥିବା ମଣିଷ ଆଜି ମାନସିକ ବିଡମ୍ବନା ଜନିତ ନିଶାରୁ ନିଜକୁ ମୁକୁଳିତ କରି ନପାରି, ଦିନକୁ ଦିନ ତାହାର ପ୍ରକୋପରେ ନିଜକୁ ଜାଳି ଜାଳି ଅହରହ ମରୁଛି । ନିଶାଦ୍ରବ୍ୟ ସେବନକାରୀଙ୍କୁ ନିଶା ଯେତିକି ଆନନ୍ଦ ପ୍ରଦାନ କରି ଶାରୀରିକ କ୍ଲେଶରେ ସହଯୋଗ କରିଥାଏ, ତାହାଠାରୁ ଯଥେଷ୍ଟ ଅଧିକ ଏହି ମାନସିକ ନିଶାସକ୍ତ ପରିସ୍ଥିତି ଆନନ୍ଦ ପ୍ରଦାନ ପୂର୍ବକ କେମିତି ଆଶାତୀତ ଶାରୀରିକ କ୍ଲେଶ ପ୍ରଦାନ କରିଥାଏ ଭାବ ବନିର୍ଣ୍ଣିତ ନିର୍ବୋଧ, ଅଜ୍ଞାନ ମଣିଷ ବୁଝିବା ଏତେ ସହଜ ନୁହେଁ କହିବାକୁ ଗଲେ ଆମ ଦେଶ ଲୋକ ମାନଙ୍କର ଏମିତି ମନସ୍ତାତ୍ତ୍ୱିକ ନିଶାଗ୍ରସ୍ତ ହୋଇ ନିଜ ଜୀବନକୁ ଅଶାନ୍ତ ପରିସ୍ଥିତି, ପରିବେଶ ମଧ୍ୟରେ ରଖି ରକ୍ତଚାପ, ମଧୁମେହ ଭଳି ଆହୁରି ଅନେକ ରୋଗ ଗ୍ରସ୍ତ ଅବସ୍ଥାରେ ଦିନରାତି ଅସନ୍ତୁଳିତ ମାନସିକତା ପ୍ରବଣ ଅବସ୍ଥାରେ ବଂଚିବା ପାଇଁ କୌଣସି ପ୍ରେରଣା ନଥିଲା । ଲୋକଙ୍କ ଜୀବନ ଯାପନ ଶୈଳୀ ଏକ ପ୍ରାକୃତିକ ପରିସ୍ଥିତି ମଧ୍ୟରେ ସନ୍ତୁଳିତ ଅବସ୍ଥାରେ ରହୁଥିଲା । ପ୍ରାଚୀନ ସମୟର ଅନେକ ସୁଖ୍ୟାତ ଦାର୍ଶନିକଙ୍କ ମନସ୍ତାତ୍ତ୍ୱିକ, ସାମାଜିକ, ମାନବିକ ଚେତନା ଉପରେ ଆଧାରିତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦାର୍ଶନିକ ମତବାଦ ଗୁଡ଼ିକୁ ଅନୁକରଣ କରି ସାଧାରଣ ଲୋକେ ସୁଖ ଶାନ୍ତିରେ ଜୀବନ ଅତିବାହିତ କରିବାରେ ସକ୍ଷମ ହୋଇ ପାରୁଥିଲେ । ମାନସିକ ନିଶାଗ୍ରସ୍ତ ହେବା ଦୂରର କଥା କୌଣସି ନିଶା ଦ୍ରବ୍ୟ ବ୍ୟବହାର ମଧ୍ୟ ଖୁବ୍ ବିରଳ ଥିଲା । ତେଣୁ ଲୋକଙ୍କ ମଧ୍ୟରେ ପରସ୍ପର ପ୍ରତି ସ୍ନେହ ସଦ୍ଭାବ ଏତେ ମାତ୍ରାରେ ଥିଲାଯେ ପଡୋଶୀଙ୍କୁ ଲୋକେ ନିଜ ପରିବାର ଭଳି ଭାବୁଥିଲେ । ତେଣୁ ଭାରତୀୟଙ୍କ ମର୍ଯ୍ୟାଦା ସର୍ବତ୍ର ଅକ୍ଷୁର୍ଣ୍ଣ ରହିଥିଲା । ସେହି ସମୟରେ ବିଶ୍ୱବ୍ୟାପୀ ସବୁ ଦେଶର ସାଧାରଣ ଲୋକଙ୍କ ସହିତ ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ ତଥା ବୁଦ୍ଧିଜୀବୀ, ନିରୀହ ଲୋକଙ୍କ ଜୀବନ ଜୀବିକା ଉପରେ ବ୍ୟାପକ ପ୍ରଭାବ ତଥା ସେମାନଙ୍କୁ କ୍ରୀତଦାସ ହୋଇଯିବା ଅଧାଢ଼ୁ କରି ବହୁ ବିରୁଦ୍ଧାଭାସ ପ୍ରକଟ କରିଥିଲେହେଁ କୌଣସି ଫଳପ୍ରଦ ହେଲାନାହିଁ । କାରଣ କିଛି କ୍ଷମତାଧାରୀ ମଣିଷଙ୍କ ଭାବଧାରାକୁ ଯଥେଷ୍ଟ ପ୍ରଭାବିତ କରି ବିଶ୍ୱବ୍ୟାପୀ ନିଜର ବ୍ୟବସାୟକୁ ତ୍ୱରାନ୍ୱିତ କରାଯିବା ଲକ୍ଷରଖି ଯାହା ସମସ୍ତ ବ୍ୟାପାରୀ ମାନେ କରି ଗଲିଲେ । ତେଣୁ ସାଧାରଣ ଲୋକଙ୍କ ତାହା ପରବର୍ତ୍ତୀ ବର୍ତ୍ତମାନର ୨୦ ବର୍ଷ ମଧ୍ୟରେ କ'ଣସେ ହୋଇଛି ସମୀକ୍ଷା କରିବା ପାଇଁ ବର୍ତ୍ତମାନ ଆଉ ବେଳ ନାହିଁ କାହାର । କାରଣ ସମସ୍ତେ ଆଜି ନିଶାରେ । ଆଉ ସମସ୍ତଙ୍କୁ ନିଶାଗ୍ରସ୍ତ ଅବସ୍ଥାରେ ରଖିଥିବା ଆଉ କେହି ନୁହେଁ କେବଳ ସେହି ବ୍ୟବସାୟୀ ମାନେ । କିନ୍ତୁ ସାଧାରଣ ଲୋକେ ଜାଣିନାହାଁନ୍ତି କେମିତି ସେମାନେ ଦିନରାତି କୁହୁବୁହୁ ହେଉଛନ୍ତି ନିଶାରେ ନିଜକୁ ଜାଳି ଜାଳି ସେମାନଙ୍କୁ ପୋଷିବା ପାଇଁ । ପ୍ରଥମେ ନିଶାଦ୍ରବ୍ୟର ବ୍ୟାପକ ପ୍ରଚଳନ କରାଯାଇ ନିଶାଖୋରଙ୍କ ଠାରୁ ଯଥେଷ୍ଟ ଆର୍ଥିକ ଲାଭ ଉଠାଯିବା ପ୍ରୟାସ କରାଗଲା । ବର୍ତ୍ତମାନ ସମୟରେ ଅନ୍ୟୁନ ୭୫ ଶତକଡାରୁ ଅଧିକ ସାଧାରଣ ମଣିଷ ନିଶା ଦ୍ରବ୍ୟ ଗୁଡିଏ ବ୍ୟବହାର କରି ବ୍ୟାପାରୀଙ୍କୁ ପୋଷିବାରେ ଲାଗିଛନ୍ତି, ସମସ୍ତେ ଜାଣନ୍ତି ।

ପରୀକ୍ଷା ଆଉ ପ୍ରତିଯୋଗିତା ନାହିଁ

।। ଶ୍ରୀ ଭାଗବତ ପାଢ଼ୀ ।।

ଦିନଥିଲା ଓଡିଶା ବ୍ୟାଙ୍କିଙ୍ଗ ଓ ୟୁପିଏସସିରେ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଅଧିକ ଛାତ୍ରଛାତ୍ରୀ ସଫଳତା ହାସଲ କରୁଥିଲେ । ଏଠିକାର ପିଲା ରେଭେନ୍ସା, ବାଣୀବିହାର, ଦିଲ୍ଲୀ ବିଶ୍ୱବିଦ୍ୟାଳୟ କିମ୍ବା ଜେଏନୟୁରେ ପଢି ସଫଳତା ହାସଲ କରୁଥିଲେ । ପରସ୍ପର ଭିତରେ ପ୍ରତିଯୋଗିତା ରହୁଥିଲା । ଛାତ୍ରାବାସରେ ରହି ପାଠ୍ୟ ସମୟରେ ତାହାର ପଟୁ ତାଲା ପକାଇ ରାତ୍ରି ଭୋଜନ ସମୟରେ ୱାର୍ଡେନଂଙ୍କ ଦ୍ୱାରା ତାଲା ଖୋଲି ଖାଇବାପରେ ପୁନର୍ବାର ସେହିଭଳି ନିଜକୁ ପ୍ରସ୍ତୁତି କରୁଥିଲେ । ଯାହା ସେମାନଂଙ୍କର ସ୍ୱାଭାବିକ ପରିଶ୍ରମର ମୂଲ୍ୟ ରହୁଥିଲା । ସେତେବେଳେ ଏତେ କୋଚିଂ ସେଂଟର ନଥିଲା । ଆର୍ଥିକ ସ୍ୱଚ୍ଛଳତା କମ୍ ଥିବା ପିଲାମାନେ ନିଜ ବାପାମାଆଙ୍କ ପରିଶ୍ରମର ମୂଲ୍ୟ ରଖୁଥିଲେ । ସେତେବେଳେ କମ୍ପ୍ୟୁଟର ଓ ଅନ୍ୟାନ୍ୟ ଡିଜିଟାଲ ସେବା ବି ନଥିଲା ।

ଆଜି ଯେତେବେଳେ ବିଜ୍ଞାନ ଓ ପ୍ରଯୁକ୍ତି ଆଗେଇଲାଣି ସ୍ୱଚ୍ଛତାର ମାପକାଠି ବଦଳିପଡିଲାଣି । ପରସ୍ପର ଭିତରେ କାଦୁଅ ଫିଂଗିବା ରାଜନୀତି ଆରମ୍ଭ ହେଲାଣି । ପ୍ରଶ୍ନ ଉଠେ ଏଭଳି କାହିଁକି ବ୍ୟତିକ୍ରମ ଘଟୁଛି ଓ ଏଥିପାଇଁ କିଏ ଦାୟୀ । ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ବାହାରକୁ ଆସିବା କିମ୍ବା ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ସ୍ୱଚ୍ଛତାର ଶୃଙ୍ଖଳାରେ ଦୂରେଇଯିବା ଏସବୁ ପ୍ରଶ୍ନ ଉଂକି ମାରୁଛି । ନିକଟରେ ଓପିଏସସି ପ୍ରେଲିମିନେରୀ ପରୀକ୍ଷାରେ ନିର୍ଭୟ ଭାବେ ମୋବାଇଲ ବ୍ୟବହାର କରିବା ନଜିର ଆସିଛି । କାନରେ ବ୍ଲୁଟୁଥ୍ ଲଗାଇ ପରୀକ୍ଷା ଦେବା ଲଜ୍ଜାର କଥା ।ଏଥିପାଇଁ ପରିଚାଳନା କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣ ବାହାରେ ରହୁଛି । ସେହିସବୁ ପରୀକ୍ଷା କେନ୍ଦ୍ର ଗୁଡ଼ିକୁ ମୂଲ୍ୟାଙ୍କନ କରି ଦୋଷୀକୁ କଠିନ ଦଣ୍ଡ ଦେବା ଉଚିତ ।ନିଟ୍ ପରୀକ୍ଷା କଥା କହିବାକୁ ଗଲେ ୨୦୨୪ ଭଳି ୨୦୨୬ରେ ମଧ୍ୟ ପରୀକ୍ଷାର୍ଥୀ ମାନଂଙ୍କୁ ବାଧକ ସୃଷ୍ଟି କରିଛି । ଏବେ ପୁଣି ଜୁନ୍ ୨୧ ତାରିଖରେ ପରୀକ୍ଷାର ଘୋଷଣା ହେଲାଣି । ସେତେବେଳେ ସମସ୍ତ ପରୀକ୍ଷାର୍ଥୀ ପରୀକ୍ଷା ଦେବେ କି ନଦେବେ ତାହା ସମୟ ହିଁ କହିବ । ସେମାନଂଙ୍କର ମାନସିକ ଚାପ ନିଶ୍ଚିତ ଭାବେ ଶାଣିତ କରିବ । ଯେଉଁମାନେ ବୁଦ୍ଧିମାନ ସେମାନଙ୍କ ପାଇଁ ଯଦିଓ ସହଜ ତଥାପି ପରିସ୍ଥିତି ସେମାନଙ୍କୁ ସେପ୍ରକାର ସୁଯୋଗ ଦେଇପାରେ କିମ୍ବା ନଦେଇପାରେ । ଗୋଟିଏ ପରୀକ୍ଷାର୍ଥୀ ୨୦୧୯ ମସିହାରେ ଓପିଏସସି ପରୀକ୍ଷା ଦେଇଥିଲେ । ତାଂଙ୍କର ଆଶା ଥିଲା ସେ ନିଶ୍ଚୟ ଓଏଏସ୍ ପାଇବେ । କିନ୍ତୁ ସେ ବହୁତ ତଳ ରାଂକିଂଗରେ ପାସ ହେଲେ । ତାଂଙ୍କ ମନରେ ସନ୍ଦେହ ହେଲା । ସେ ବାଧ୍ୟହୋଇ ଉଚ୍ଚ ନ୍ୟାୟାଳଂୟର ଆଶ୍ରୟ ନେଲେ । ଫଳରେ ଅଦାଲତ ତାଂଙ୍କର ଅଭିଯୋଗକୁ ମୂଲ୍ୟ ଦେଇ ପ୍ରେଲିମିନେରୀ ଠାରୁ ଶେଷ ଇଂଟରଭ୍ୟୁ ପର୍ଯ୍ୟନ୍ତ ସମସ୍ତ ଉତ୍ତର ଖାତାକୁ ତର୍ଜମା କଲେ । ଶେଷରେ ସେ ପରୀକ୍ଷାର୍ଥୀ ନିଜ ପରିଶ୍ରମରେ ସଫଳ ହେଲେ ଓ ତାଂଙ୍କର ସ୍ଥାନ ଓଏଏସ୍ ରାଂକିଂରେ ରହିଲା । ଏଥିପାଇଁ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ତାଂଙ୍କୁ ୫ ବର୍ଷ ଆଇନର ସହାୟତା ନେବାକୁ ପଡିଲା ଏବଂ ବିଜୟୀ ହେଲେ । ଅଦାଲତ କର୍ତ୍ତୃପକ୍ଷଂଙ୍କୁ ୫ ବର୍ଷର ବକେୟା(ଓଏଏସ୍ କ୍ୟାଡର) ଦେବାପାଇଁ ନିର୍ଦ୍ଦେଶ ଦେଲେ ।

ଏହିଭଳି ଗୋଟିଏ ଗୋଟିଏ ନଜିର ପ୍ରମାଣ କଲା ପ୍ରତ୍ୟେକ ପରୀକ୍ଷାରେ ଦୃଢ ନିଶ୍ଚିତ ଭାବେ ରହୁଛି । ଏହାକୁ ନିରଂକୁଶ କେମିତି ପ୍ରମାଣିତ କରାଯିବ ତାହା ବୁଦ୍ଧିଜୀବୀ ମହଲରେ ଆଲୋଡନ ସୃଷ୍ଟି କରିଛି ।ଏଥିପାଇଁ କିଏ ଦାୟୀ ତାହାବି ଭାବୁକ ଭଳି ସନ୍ଦିହାନ ସୃଷ୍ଟି କରିଛି ।

ବିନା କୋଚିଂରେ ଯଦିଓ ହାତ ଗଣତିରେ କିଛି ପରୀକ୍ଷାର୍ଥୀ ସଫଳତା ଲାଭ କରୁଛନ୍ତି ପ୍ରକୃତରେ ସେମାନେ ଭାଗ୍ୟବାନ । ସେମାନଂଙ୍କର ପିତାମାତା ଓ ସହଯୋଗ ଦେଉଥିବା ବ୍ୟକ୍ତିବିଶେଷ ପ୍ରକୃତରେ ଋଣୀ । ଆଜି ପ୍ରଶ୍ନ ଉଂକି ମାରୁଛି ଏହିଭଳି କେତେଦିନ ଚାଲିବ ଲକ୍ଷଲକ୍ଷ ପରୀକ୍ଷାର୍ଥୀଙ୍କ ସହ ଖେଳ କେବେ ବନ୍ଦ ହେବ । ଗୁଣାତ୍ମକ ଓ ପରିମାଣାତ୍ମକ ଭିତରେ ବହୁତ ସାମଂଜସ୍ୟ ରହୁଛି । ପ୍ରତିଯୋଗିତା ମନୋଭାବ ବେଳେବେଳେ ଅଂକୁଶ ସୃଷ୍ଟି କରେ ।

ଅନ୍ତତଃ ସମୟ ଆସିଛି ପ୍ରତ୍ୟେକ ଖେଳର ଫଳାଫଳ ସମାଜରେ ପ୍ରତିଫଳନ ସୃଷ୍ଟି କରୁଛି । ଏକ ନିରପେକ୍ଷ ମନୋଭାବ ନେଇ ଯଦି ପ୍ରତ୍ୟେକ ପରୀକ୍ଷା ଠିକ୍ ଭାବେ ଚାଲେ ବୁଦ୍ଧିମାନ ପରୀକ୍ଷାର୍ଥୀ ନିଜର ଶ୍ରେଷ୍ଠ ଭୂମିକା ସମ୍ପାଦନ କରିବେ ଏଥିରେ ଦ୍ୱିମତ ନାହିଁ ।ରାଜନୀତି ଠାରୁ ଉର୍ଦ୍ଧ୍ୱରେ ରହି ସାମର୍ଥ୍ୟ ଓ ଦୁର୍ବଳତା ମଧ୍ୟରେ ବ୍ୟବଧାନ ନ ରଖିଲେ ପ୍ରକୃତ ଶିକ୍ଷାର ପୃଷ୍ଠଭୂମି ସମ୍ଭବ ଏଥିରେ ସନ୍ଦେହ ନାହିଁ ।

ବଳିସାହି, ପାରଳାଖେମୁଣ୍ଡି, ଗଜପତି
ମୋ:୭୭୩୫୨୪୦୪୭୭

ମାଟିରେ କବର ନେଲା : ଲାଲବାଗ କୋଠୀର 'ପୁରୁଣା ଲାଲବାଗ ଥାନା'

।। ବିକ୍ରମ ମହାପାତ୍ର ।।

ହାଇକୋର୍ଟ ଆଡୁ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ଯିବା ପୂର୍ବରୁ ଡାହାଣ ପଟେ ଅର୍ଥାତ୍ ଚାନ୍ଦିନୀଚୌକ ଡାକଘରକୁ ଲାଗିଛି କଟକ ସହରର ଅନ୍ୟତମ ପୁରୁଣା ଥାନା 'ଲାଲବାଗ ଥାନା' । ଏହି ଥାନାର ସାମ୍ନାରେ ହିଁ ଶିଶୁଭବନ । ଯଦିଓ ବର୍ତ୍ତମାନ ଥାନା ସାମ୍ନାର ଶିଶୁଭବନ ଗେଟ ବନ୍ଦ ରହିଛି ତେବେ ଏ ଥାନା ହେଉଛି କଟକ ସହରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ପ୍ରମୁଖ ଥାନା । କାରଣ ଏହା ଅଧୀନରେ ଓଡ଼ିଶା ହାଇକୋର୍ଟ, ଶିଶୁଭବନ, ଆରଡିସିଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ପୌରାଳୟଙ୍କ କାର୍ଯ୍ୟାଳୟ, ନିମ୍ନ ଅଦାଲତ, ରେଭେନ୍ସା କଲିଜିଏଟ ସ୍କୁଲ, ରାଧାନାଥ ଟ୍ରେନିଂ କଲେଜ, ଡିଆରଡିଏ କାର୍ଯ୍ୟାଳୟ ଓ କଟକ ଗ୍ରାମାଂଚଳ ଏସପିଙ୍କ କାର୍ଯ୍ୟାଳୟ ମଧ୍ୟ ରହୁଛି । ସେହିପରି ସେପଟ ଅଂଚଳକୁ ଦେଖିଲେ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ପ୍ରଜାତନ୍ତ୍ର କାର୍ଯ୍ୟାଳୟ ଓ ସାଂସଦଙ୍କ ବାସଭବନ ପରି ଅଂଚଳ ରହୁଛି । ତେଣୁ ଏଇଥିରୁ ବୁଝିହୁଏ ଯେ ଲାଲବାଗ ଥାନାର ଗୁରୁତ୍ୱ ଓ ଦାୟିତ୍ୱ ଚାପ କେତେ ? ହଜାର ବର୍ଷର ସହର କଟକ । ବାଉନ ବଜାର ତେପନ ଗଳିକୁ ନେଇ ଏହାର ପରିଚିତ । କଟକ ସହରରେ ଅନେକ ସାହି, ବସ୍ତୀ, ଗଳି ସବୁ ରହିଛି । ନିକଟରେ ଲାଲାବାଗ କୋଠିର ଶେଷ ସ୍ମୃତି କୁହାଯାଉଥିବା 'ପୁରୁଣା ଲାଲବାଗ ଥାନା' ମାଟିରେ ମିଶିଲା । କହିବାକୁଗଲେ ହଜାର ବର୍ଷର ପୁରାତନ କଟକର ଏକ ଐତିହ୍ୟ ମୁଖସାକ୍ଷୀ କବର ନେଲା । ଏହା ପୂର୍ବରୁ ଶିଶୁ ଭବନ ସମ୍ପ୍ରସାରଣ ବେଳେ ମୂଳ ଲାଲବାଗ କୋଠି ଭାଙ୍ଗିଥିଲା । ଲାଲବାଗ ଶବ୍ଦଟି ଅନେକ ଓଡ଼ିଆଙ୍କ ପାଇଁ ଏକ ପରିଚିତ ଶବ୍ଦ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଯବନ ଭକ୍ତ ସାଲବେଗଙ୍କ ବାପା ହେଉଛନ୍ତି ଲାଲବାଗ । ପାଖାପାଖି ଶହେଦୁଇ ବର୍ଷ ଧରି ଲାଲବାଗ ଥାନା ଏହି ସ୍ମାରକୀରେ ପରିଚିତ ହୋଇଥିଲା ।

କଟକର ସମୃଦ୍ଧ ହଜାର ବର୍ଷର ଇତିହାସରେ ଲାଲବାଗ କୋଠୀର ସ୍ଥାନ ସ୍ୱତନ୍ତ୍ର । ଐତିହାସିକ ତଥ୍ୟ ଅନୁଯାୟୀ ଓଡ଼ିଶାରେ ମୁସଲିମ ଶାସନ ଆରମ୍ଭ ହେବାର ୬୫ ବର୍ଷ ପରେ ମୁସଲମାନ ଶାସକମାନେ କଟକ ଠାରେ ଗୋଟିଏ ରାଜପ୍ରସାଦ ନିର୍ମାଣ କରିବାକୁ ସ୍ଥିର କରିଥିଲେ । ଏ ସମ୍ପର୍କରେ ସମସ୍ତ ବିବରଣୀ ଲିପିବଦ୍ଧ ରହିଛି । ୧୬୩୩ ଖ୍ରୀଷ୍ଟାବ୍ଦରେ ଉଇଲିୟମ ବ୍ରୁଟନ, କ୍ୟାପଟେନ କାର୍ଟରାଇଟ ଓ ଜନ ଡାବରିନ ନାମକ ତିନି ଜଣ ଇଂରେଜ ବଣିକ ଓଡ଼ିଶାରେ ଇଂରେଜମାନଙ୍କ ବ୍ୟବସାୟ ଆରମ୍ଭ କରିବା ପାଇଁ ଅନୁମତି ପତ୍ର ହାସଲ ଉଦ୍ଦେଶ୍ୟରେ କଟକର ମୋଗଲ ସୁବେଦାରଙ୍କ ପାଖକୁ ଆସିଥିଲେ । ସେମାନଙ୍କର ବିବରଣୀ ବ୍ରୁଟନ ବିଶଦ ଭାବରେ ଲେଖି ଯାଇଛନ୍ତି । ସେ ସମୟରେ କାଠଯୋଡ଼ି ନଦୀ କୂଳରେ ଯେଉଁ ରାଜପ୍ରସାଦ ନିର୍ମାଣ ହୋଇଥିଲା ତାହା ଥିଲା 'ଲାଲବାଗ କୋଠୀ' । ଲାଲବାଗ କୋଠୀର ଅନ୍ୟ ଏକ ସ୍ୱତନ୍ତ୍ରତା ହେଉଛି ମୋଗଲ ସୁବେଦାରଙ୍କ ଠାରୁ ମରହଟ୍ଟା, ଇଂରେଜ ଅମଳର ପ୍ରାଦେଶିକ ଶାସନକର୍ତ୍ତାଗଣ ଏହିଠି ଅବସ୍ଥାନ କରୁଥିଲେ । କାଠଯୋଡ଼ି କୂଳର ସୁପ୍ରଶସ୍ତ କ୍ଷେତ୍ର ଉପରେ ତତ୍କାଳୀନ ସୁବେଦାର ମୁତାକ୍ୱାଦ୍ ଖାନ ଆଖପାଖ ଅଂଚଳର ବିକାଶକୁ ଗୁରୁତ୍ୱ ଦେଇଥିଲେ । ଯାହାର ଫଳସ୍ୱରୂପ ପରବର୍ତ୍ତୀ ସମୟରେ ଏଠାରେ ପ୍ରାଦେଶିକ ଶାସନର ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ସବୁ ନିର୍ମାଣ ହୋଇଥିଲା । ଅନେକ ସରକାରୀ କାର୍ଯ୍ୟାଳୟ ଗଢ଼ି ଉଠିଥିଲା ପରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟ, ରାଜସ୍ୱ ପରିଷଦ କାର୍ଯ୍ୟାଳୟ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ ହୋଇଥିଲା ।

କଟକରେ ମୁସଲମାନ କୀର୍ତ୍ତି ସମ୍ପର୍କରେ ଗବେଷଣା କରିଥିବା ପ୍ରଫେସର ଆଲଫତ୍ ହୁସେନଙ୍କ ତଥ୍ୟ ଅନୁଯାୟୀ 'କଟକର ଲାଲବାଗ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳଙ୍କ ବାସସ୍ଥାନ ରୂପରେ ବ୍ୟବହୃତ ହେଉଥିଲା । ୧୬୩୩ ଖ୍ରୀଷ୍ଟାବ୍ଦରେ ବ୍ରୁଟନ ନାମକ ଜଣେ ଇଂରେଜ ବଣିକ କଟକ ଆସିଥିଲେ । ସେତେବେଳେ ନବାବ ଗୋଟିଏ ପ୍ରାସାଦ ନିର୍ମାଣ କରୁଥାଆନ୍ତି । ସମ୍ଭବତଃ ନବାବଙ୍କ ନାମ ଥିଲା ବାକିର ଖାଁ । ତାଙ୍କରି ନାମାନୁସାରେ କଟକର ଏକ ଅଂଚଳର ନାମ 'ବାଖରାବାଦ' ରଖାଯାଇଛି । ଆଲିବର୍ଦ୍ଦିନ ଖାଁଙ୍କର ପୁତୁରା ସାଲଲତ୍ ଜଙ୍ଗ ଲାଲବାଗ ଜେଲରେ ବନ୍ଦୀ ଥିଲେ । ସେ ଯେତେବେଳେ ସେଠାରୁ ମୁକ୍ତ ହେଲେ ସେତେବେଳେ ଗିଆହ୍ସ ସାଲିଡିନ ୧୭୪୨ ଖ୍ରୀଷ୍ଟାବ୍ଦରେ ଏହି ଅଂଚଳକୁ 'ଲାଲବାଗ' ବୋଲି କହିଥିଲେ । ସେହି ଦିନରୁ ଏହା ଲାଲବାଗ ରୂପେ ପରିଚିତ ।

୧୯୪୮ ମସିହାରେ ଏହି କୋଠାର ଏକ ଅଂଶରେ ଶିଶୁରୋଗର ଉନ୍ନତ ଚିକିତ୍ସା ନିମିତ୍ତ 'ଶିଶୁଭବନ' ନିର୍ମାଣ ହୋଇଥିଲା । ତେବେ ଲାଲବାଗ ନାମକରଣକୁ ନେଇ ଐତିହାସିକ ଓ ଗବେଷକମାନଙ୍କ ତଥ୍ୟ ଭିତରେ ଅମେଳ ରହିଛି । ୧୬୧୭ରେ ଅବିଭକ୍ତ ବଙ୍ଗ ଓଡ଼ିଶାର ଶାସନକର୍ତ୍ତା ଥିବା ଲାଲାବେଗଙ୍କ ସ୍ମୃତିରେ ଲାଲବାଗ କୋଠା ତିଆରି ହୋଇଥିଲା ବୋଲି କେହି କେହି କୁହନ୍ତି । ତେବେ ଉଇଲିୟମ ବ୍ରୁଟନ ସାହେବଙ୍କ ଲିପିବଦ୍ଧ ବିବରଣୀ ଅନୁଯାୟୀ ୧୫୬୮ ମସିହାରେ ମୁକୁନ୍ଦ ଦେବଙ୍କ ପରଠାରୁ ବାରବାଟୀ ଦୁର୍ଗର ପତନ ଆରମ୍ଭ ହୋଇଯାଇଥିଲା । ତତ୍କାଳୀନ ମୋଗଲ ସୁବେଦାରମାନେ ନିଜ ଇଚ୍ଛାନୁଯାୟୀ ଏହି ଭବନର ନାମକରଣ କରିଥିଲେ । ଓଡ଼ିଶାର ଗୌରବପୂର୍ଣ୍ଣ ଇତିହାସରେ ଲାଲବାଗ କୋଠୀର ସ୍ମୃତି ଅନେକ । ଲାଲବାଗ କୋଠୀର ଶେଷ ସ୍ମୃତି ଏହି ଲାଲବାଗ ଥାନା ଥିଲା । ଆଜି ସମୟର ଆହ୍ୱାନ ଓ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଅନେକ ପୁରାତନ ଐତିହ୍ୟ ଓ ସ୍ମୃତିଜଡ଼ିତ ବଡ଼ ବଡ଼ ସ୍ମାରକୀ ସବୁ ଭଙ୍ଗାଯାଇ ନୂଆ ନିର୍ମାଣ ଚାଲିଛି । କିନ୍ତୁ ହଜାର ବର୍ଷର ଭାଇଚାରାର କଟକ ସହରରେ ଲାଲବାଗ ନିଶ୍ଚିତ ଭାବେ ଏକ ଆବେଗ, ସ୍ମୃତି ଓ ସ୍ମାରକୀର ସ୍ଥାନ ହୋଇ ପ୍ରତିଟି କଟକିଆଙ୍କ ହୃଦୟରେ ରହିବ ।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧,
ମୋ : ୯୪୩୭୦୨୧୬୧୫

ଇବୋଲା ସଂକ୍ରମଣ ଓ ବିଶ୍ୱ ସ୍ୱାସ୍ଥ୍ୟ ବ୍ୟବସ୍ଥା

।। ଡାକ୍ତର ରାଜକିଶୋର ପଣ୍ଡା ।।

କଙ୍ଗୋ ନଦୀକୁ ଦୁନିଆର ବିଶାଳତମ ଓ ଗଭୀରତମ ନଦୀମାନଙ୍କ ମଧ୍ୟରେ ଗଣାଯାଇଥାଏ । ଏହାର ଏକ ପାଖରେ ଅଛି କଙ୍ଗୋ ଗଣରାଜ୍ୟର ରାଜଧାନୀ "ବ୍ରାଜ୍ଭିଲ୍" ଓ ଅନ୍ୟ ପାଖରେ ଅଛି କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟ (Democratic Republic of Congo)ର ରାଜଧାନୀ "କିନ୍‌ଶାସା" । ଦୁନିଆରେ ଏପରି ଦୃଶ୍ୟ ବିରଳ, ଯେଉଁଠାରେ ଦୁଇଦେଶର ରାଜଧାନୀ, ପରସ୍ପରର ଠିକ୍ ସମ୍ମୁଖରେ ବିଦ୍ୟମାନ ଅଛନ୍ତି । "କିନ୍‌ଶାସା" ପୃଥିବୀର ସବୁଠାରୁ ଦରିଦ୍ର, ସଂଘର୍ଷରତ ଓ ଅସ୍ଥିର ଦେଶମାନଙ୍କ ମଧ୍ୟରୁ ଗୋଟିଏର ରାଜଧାନୀ ବୋଲି ମଧ୍ୟ ଆମେ କହିପାରିବା । ଏହି ଦେଶ ଓ ଏହାର ପଡ଼ୋଶୀ ଦେଶ "ଉଗାଣ୍ଡା"ରେ ପୁଣିଥରେ "ଇବୋଲା ମହାମାରୀ"ର ପ୍ରତ୍ୟାବର୍ତ୍ତନ ଘଟିଛି, ଯାହାକୁ ଆଧାର କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (WHO) ବର୍ତ୍ତମାନ ଆନ୍ତର୍ଜାତିକ ସାର୍ବଜନୀନ ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି । ପରିସ୍ଥିତିର ଗୁରୁତ୍ୱ ଏପରି ଯେ, କୋଭିଡ୍ ପରେ, ଚଳିତ ଶତାବ୍ଦୀରେ ଆମେ ଇବୋଲା ସଂକ୍ରମଣକୁ ଦ୍ୱିତୀୟ ମହାମାରୀ ବୋଲି ବିବେଚନା କରିପାରିବା । ବର୍ତ୍ତମାନ ଇବୋଲା ଭାଇରସ୍‌ର ସଂକ୍ଷିପ୍ତ ପରିଚୟ, ଲକ୍ଷଣ ଓ ଇତିହାସ ଉପରେ ଆମେ ଆଲୋକପାତ କରିବା । ଇବୋଲା ଗୋଟିଏ ଆର.ଏନ.ଏ (RNA) ଭାଇରସ୍ ଅଟେ । ଏହା ପଶୁମାନଙ୍କଠାରୁ ମଣିଷକୁ ଆସିଥିବାରୁ ଏହାକୁ ଜୁନୋଟିକ୍ ଡିଜିଜ୍ (Zoonotic Disease) ବୋଲି କୁହାଯାଇଥାଏ । ଯଦିଓ ଏପର୍ଯ୍ୟନ୍ତ ଏହା ସ୍ପଷ୍ଟ ହୋଇନାହିଁ, ଯେ କିପରି ଇବୋଲା ପଶୁଠାରୁ ମଣିଷକୁ ଆସିଲା, ଜୀବ ବିଜ୍ଞାନୀ ମାନଙ୍କର ମତ ଅନୁସାରେ, ମଣିଷ ସହ ଏହି ଭାଇରସ୍ ସଂକ୍ରମିତ ପଶୁର ସିଧାସଳଖ ସ୍ପର୍ଶ (Direct Contact) ହେତୁ ଏହା ସମ୍ଭବ ହୋଇଛି । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି, ଏହି ଭାଇରସ୍‌ର ଗୋଟିଏ ପ୍ରାକୃତିକ ଧାରକ (Natural Host.) ହେଉଛି "ବାଦୁଡ଼ି" । ବାଦୁଡ଼ି, ବିନା ସଂକ୍ରମଣ ଓ ବିନା କୌଣସି ଅସୁସ୍ଥତାରେ ଇବୋଲା ଭାଇରସ୍‌କୁ ଧାରଣ କରିପାରେ । ଅତୀତରେ ଖାଦ୍ୟାଭାବ ହେତୁ କେନ୍ଦ୍ରୀୟ ଆଫ୍ରିକାରେ, ସ୍ଥାନୀୟ ଅଧିବାସୀମାନେ ବାଦୁଡ଼ି ଶିକାର କରି ଏହାକୁ ଖାଇଥିଲେ ଏବଂ ଏହା ଇବୋଲା ମହାମାରୀ ସୃଷ୍ଟି କରିଥିଲା । ଏହି ଭାଇରସ୍‌ଟିକୁ ଧାରଣ କରିଥିବା ବାଦୁଡ଼ିଦ୍ୱାରା ଆଂଶିକ ଖିଆ ଯାଇଥିବା ଫଳକୁ ବାନ୍ଦ୍ରନ୍, ସିମ୍ପାଞ୍ଜି ଓ ଗରିଲା ଆଦି ସ୍ତନ୍ୟପାୟୀ (Mammal) ପଶୁମାନେ ସେବନ କରିଥାନ୍ତି । ଏହି ହେତୁ ସଂପୃକ୍ତ ପଶୁମାନେ ଏହି ଭାଇରସ୍‌ଦ୍ୱାରା ସଂକ୍ରମିତ ହୋଇଥାନ୍ତି ଓ ଏହାପରେ ଇବୋଲା ମଣିଷ ଶରୀରକୁ ଆସିଥାଏ । ଏହା ମଧ୍ୟ ଇବୋଲା ମଣିଷକୁ ସଂକ୍ରମିତ କରିବାର, ଗୋଟିଏ ପ୍ରମୁଖ କାରଣ ହୋଇପାରେ । ମଣିଷ ଶରୀରରେ ରୋଗ ସୃଷ୍ଟି କରୁଥିବା ଇବୋଲା ଭାଇରସ୍‌ର ଗୋଷ୍ଠୀକୁ ଆମେ ମୁଖ୍ୟତଃ ଚାରୋଟି ପ୍ରଜାତିରେ ବିଭକ୍ତ କରିପାରିବା । ସେଗୁଡ଼ିକ ହେଉଛି :- ବୁଣ୍ଡିବୁଗୋ ଇବୋଲା, ସୁଦାନ ଇବୋଲା, ତାଇ ଫରେଷ୍ଟ ଇବୋଲା ଓ ଜାଇରେ ଇବୋଲା । ଏଥିମଧ୍ୟରୁ ଜାଇରେ ପ୍ରଜାତିର ସଂକ୍ରମଣ ସବୁଠାରୁ ଭୟଙ୍କର ଅଟେ ଓ ଏହି ପ୍ରଜାତିଟି ସବୁଠାରୁ ବେଶି ସଂଖ୍ୟକ ମହାମାରୀକୁ ସୃଷ୍ଟି କରିଥାଏ । ବର୍ତ୍ତମାନ ଦେଖାଦେଇଥିବା ସଂକ୍ରମଣଟି ବୁଣ୍ଡିବୋଗୋ ପ୍ରଜାତି ଦ୍ୱାରା ହୋଇଛି ।

ଇତିହାସ ଉପରେ ଦୃଷ୍ଟି ପକାଇଲେ, ୧୯୭୬ ମସିହାରେ ପ୍ରଥମେ ଇବୋଲା ଭାଇରସ୍‌ର ଆବିର୍ଭାବ (Out Break) ଏକା ସାଙ୍ଗରେ ଦକ୍ଷିଣ ସୁଦାନର "ଏନ୍‌ଜାରା" (Nzara) ନାମକ ସହର ଓ କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟର "ୟାମ୍ବୁକୁ" ନାମକ ଗ୍ରାମରେ ହୋଇଥିଲା । ଏହି "ୟାମ୍ବୁକୁ" ଗ୍ରାମଟି ଇବୋଲା ନଦୀ କୂଳରେ ଅବସ୍ଥିତ ଥିବାରୁ ନଦୀର ନାମ ଅନୁସାରେ ଭାଇରସ୍‌ଟିର ନାମ "ଇବୋଲା" ରଖାଯାଇଥିଲା । ବିଶ୍ୱର ପ୍ରଥମ ଇବୋଲା ସଂକ୍ରମଣ ଉପରୋକ୍ତ ଗ୍ରାମର ଗୋଟିଏ ପୁରୁଷକୁ ହୋଇଥିବାରୁ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ଏହାକୁ ଇବୋଲା ସଂକ୍ରମଣର ସର୍ବପ୍ରଥମ କେସ୍ ବା "ଇଣ୍ଡେକ୍ସ କେସ୍" ବୋଲି ଚିହ୍ନଟ କରିଅଛି ।କୌଣସି ମହାମାରୀରେ ପ୍ରଥମ ରୋଗୀକୁ "ଇଣ୍ଡେକ୍ସ କେସ୍" ବା "ପେସେଂଟ ଜିରୋ" ବୋଲି କୁହାଯାଇଥାଏ । ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ୧୯୭୬ ରୁ ୨୦୧୨ ମଧ୍ୟରେ ଆଫ୍ରିକାରେ ପ୍ରାୟ ଚବିଶ ଥର ଇବୋଲା ମହାମାରୀ ଦେଖାଦେଇଛି, ଯେଉଁଥିରେ ପାଖାପାଖି ଅଢ଼େଇ ହଜାର ଲୋକ ସଂକ୍ରମିତ ହେବା ସହ ଶୋହଳଶହ ଜଣ ମୃତ୍ୟୁବରଣ କରିଛନ୍ତି । ସବୁଠାରୁ ବଡ଼ ଇବୋଲା ମହାମାରୀ ଦେଖାଦେଇଥିଲା ପଶ୍ଚିମ ଆଫ୍ରିକାରେ ଡିସେମ୍ବର ୨୦୧୩ ରୁ ଜାନୁୟାରୀ ୨୦୧୬ ମଧ୍ୟରେ ଯେଉଁଥିରେ ଅଠେଇଶି ହଜାର ଲୋକ ସଂକ୍ରମିତ ହେବା ସହ ଏଗାର ହଜାର ଜଣ ମୃତ୍ୟୁବରଣ କରିଥିଲେ । ଜୁଲାଇ ୨୦୧୯ ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କଙ୍ଗୋର ଇବୋଲା ମହାମାରୀକୁ ଗମ୍ଭୀରତାର ସହ ନେବା ସହିତ ଏହାକୁ ବିଶ୍ୱସ୍ୱାସ୍ଥ୍ୟ ନିମନ୍ତେ ଜରୁରୀକାଳୀନ ବୋଲି ଘୋଷଣା କରିଥିଲେ ।

ଆସିବା ଏବେ ମଣିଷ ଶରୀରରେ ଏହାର ଲକ୍ଷଣକୁ । ଏହି ଭାଇରସ୍‌ରେ ଆକ୍ରାନ୍ତ ହେଲେ, ଯେଉଁ ଯେଉଁ ପ୍ରାରମ୍ଭିକ ଲକ୍ଷଣମାନ ମଣିଷଠାରେ ଦେଖାଯାଇଥାଏ ତାହା ହେଉଛି, ଜ୍ୱର, ଦୁର୍ବଳତା, ଭୋକ ନ ହେବା, ମାଂସପେଶୀରେ ପୀଡ଼ା, ଅଣ୍ଠିଗଣ୍ଠିରେ ପୀଡ଼ା, ମୁଣ୍ଡବିନ୍ଧା ଓ ତଂଟିରେ ବ୍ୟଥା (Sore Throat) ଇତ୍ୟାଦି । ଉପରୋକ୍ତ ଲକ୍ଷଣଗୁଡ଼ିକର ପରେ ବାନ୍ତି, ଡାଇରିଆ ଆଦି ମଧ୍ୟ ହୋଇଥାଏ ଓ ଏହାଦ୍ୱାରା ଦେହରୁ ଜଳୀୟ ଅଂଶ କମିଯାଇଥାଏ । ଶରୀରରେ ଏକ ପ୍ରକାରର ଦାଗ ଦେଖାଯାଇଥାଏ, ଯାହାକୁ ଇଂରାଜୀରେ କୁହାଯାଏ "ମାକୁଲୋ ପାପୁଲାର୍ ରାସ୍" । ତେବେ ସବୁଠାରୁ ଘାତକ ଲକ୍ଷଣ ଇବୋଲା ସଂକ୍ରମଣର ହେଉଛି "ଅନ୍ତରୀଣ ଓ ବାହ୍ୟ ରକ୍ତସ୍ରାବ" ଯାହାକି ପ୍ରାରମ୍ଭିକ ଲକ୍ଷଣ ସବୁର ପାଂଚରୁ ସାତ ଦିନ ମଧ୍ୟରେ ଦେଖାଯାଇଥାଏ । ଏହାଦ୍ୱାରା ବାନ୍ତି, କଫ ଓ ମଳରେ ରକ୍ତ ପଡ଼ିଥାଏ । ସଂକ୍ରମିତ ରୋଗୀର ରକ୍ତ ଜମାଟ ବାନ୍ଧିବାର କ୍ଷମତାରେ ହ୍ରାସ ଘଟିବାରୁ ଏପରି ହୋଇଥାଏ । ସଂକ୍ରମିତ ତଥା ଲକ୍ଷଣ ଥିବା ବ୍ୟକ୍ତିଙ୍କର ରକ୍ତ, ଲାଳ, ବାନ୍ତି, ଝାଳ, ମଳ, ମୂତ୍ରଦ୍ୱାରା ଏହି ଭାଇରସ୍ ସୁସ୍ଥ ଲୋକଙ୍କୁ ଆକ୍ରାନ୍ତ କରେ । ଇବୋଲା ସଂକ୍ରମଣରେ ମୃତ୍ୟୁ ମୁଖ୍ୟତଃ ଜଳୀୟ ଅଂଶ ହ୍ରାସ ଯୋଗୁଁ ଘଟିଥାଏ, ଯାହାକି ହୋଇଥାଏ ପ୍ରାଥମିକ ଲକ୍ଷଣ ଦେଖାଯିବାର ଦଶରୁ ପନ୍ଦର ଦିନ ମଧ୍ୟରେ । ତେଣୁ ଏହାର ଚିକିତ୍ସାରେ ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଏ । ବୈଶ୍ୱିକ ମହାମାରୀ ହେବାର ସମ୍ଭାବନା ବର୍ତ୍ତମାନ ପର୍ଯ୍ୟନ୍ତ ଇବୋଲାର ହୋଇନାହିଁ । ଯଦିଓ ଏହା ଗମ୍ଭୀର ରୋଗ କିନ୍ତୁ ଗୋଟିଏ ବ୍ୟକ୍ତିଠାରୁ ଅନ୍ୟ ବ୍ୟକ୍ତିକୁ ସେତେବେଳେ ବ୍ୟାପିଥାଏ, ଯେତେବେଳେ ପ୍ରଥମଠାରେ ଲକ୍ଷଣମାନ ଥାଏ । ତେଣୁ ଭାରତ ତଥା ଅନ୍ୟ ଅପ୍ରଭାବିତ ଦେଶମାନଙ୍କ ପାଇଁ ତତ୍କାଳ କିଛି ବିପଦ ନାହିଁ, ମାତ୍ର ପ୍ରଶ୍ନ ଉଠୁଛି ଯେ ବୈଶ୍ୱିକ ସହଯୋଗ ଓ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ତତ୍ପରତା ସତ୍ତ୍ୱେ ଇବୋଲା ବାରମ୍ବାର ଫେରୁଛି କ'ଣ ପାଇଁ ? ଏହାର ଉତ୍ତର କେବଳ ସ୍ୱାସ୍ଥ୍ୟ ବିଜ୍ଞାନରେ ନୁହେଁ, ବରଂ ରାଜନୀତି, ଅର୍ଥ ବ୍ୟବସ୍ଥା ଓ ବୈଶ୍ୱିକ ଅସମାନତାରେ ନିହିତ ଅଛି । କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟ, ପ୍ରାକୃତିକ ସମ୍ପଦ ଯେପରିକି ଖଣିଜ ଓ ଦୁର୍ଲଭ ଧାତୁରେ ଭରପୂର । ସାମ୍ପ୍ରତିକ ଜଗତର ଇଲେକ୍ଟ୍ରୋନିକ୍ ବ୍ୟବସ୍ଥା ଯେଉଁ ଖଣିଜ ପଦାର୍ଥ ଉପରେ ନିର୍ଭରଶୀଳ ସେଗୁଡ଼ିକ କଙ୍ଗୋରେ ପ୍ରଚୁର ପରିମାଣରେ ଅଛି । ଏହି ଖଣିଜ ସମ୍ପଦର ମୂଲ୍ୟ କିନ୍ତୁ କଙ୍ଗର ସ୍ଥାନୀୟ ଲୋକମାନଙ୍କୁ ଦେବାପାଇଁ ପଡୁଛି । ଖଣି ଖନନ, ଅରଣ୍ୟ ଧ୍ୱଂସ କରିବା ଦ୍ୱାରା ମନୁଷ୍ୟ ଓ ବନ୍ୟଜନ୍ତୁମାନଙ୍କ ମଧ୍ୟରେ ଥିବା ବ୍ୟବଧାନ ହ୍ରାସ ପାଉଛି । ଏହା ଫଳରେ ମନୁଷ୍ୟଠାରେ ଏପରି ସବୁ ରୋଗ ଦେଖାଯାଉଛି, ଯାହାକି ଆଗରୁ କେବଳ ପଶୁମାନଙ୍କ ମଧ୍ୟରେ ସୀମିତ ଥିଲା । ବୈଜ୍ଞାନିକମାନେ ମଧ୍ୟ ଦୀର୍ଘ ସମୟ ଧରି ଚେତାବନୀ ଦେଇ ଆସିଛନ୍ତି କି, ପରିବେଶକୁ ବିନାଶ କରିବା ପ୍ରକ୍ରିୟା ନୂଆ ମହାମାରୀକୁ ସୃଷ୍ଟି କରିବାର ପ୍ରମୁଖ କାରଣ ହେବ । ଉଦାହରଣ – ଇବୋଲା ।

ଆଫ୍ରିକାର କିଛି ଦେଶ, ବିଗତ ବର୍ଷମାନଙ୍କରେ ନୂଆ ସଂକ୍ରମଣର ଉତ୍ପତିସ୍ଥଳ ପାଲଟିଛନ୍ତି । ଏମାନଙ୍କ ମଧ୍ୟରୁ ଇବୋଲା ସବୁଠାରୁ ଭୟାବହ । ଏହା ଏପରି ଏକରୋଗ ଯାହା ପାଇଁ ସବୁଠାରୁ ଅଧିକ ଥର ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । ତେଣୁ ଏଠାରେ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯଦି ଏତେଥର ଇବୋଲାକୁ ନେଇ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି, ତାହାହେଲେ ଏହାର ସ୍ଥାୟୀ ପ୍ରତିକାର କାହିଁକି କରାଯାଉନାହିଁ ? ଏହାର ଉତ୍ତର ହେଉଛି କି ସଙ୍କଟ ଆସିଲେ ବିଶ୍ୱର ସ୍ୱାସ୍ଥ୍ୟ ସଙ୍ଗଠନମାନେ ସକ୍ରିୟ ହୋଇଯାଆନ୍ତି କିନ୍ତୁ ସେମାନେ ସଙ୍କଟର ମୂଳୋତ୍ପାଟନ ପାଇଁ ଆବଶ୍ୟକୀୟ ନିବେଶ କରନ୍ତି ନାହିଁ । ଯେଉଁ ଦେଶରେ ବାରମ୍ବାର ଇବୋଲା ମହାମାରୀ ହେଉଅଛି, ସେହି ଦେଶଗୁଡ଼ିକ ଅର୍ଥନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳ । ନାଁ ସେଠାରେ ଅଛି ଅତ୍ୟାଧୁନିକ ପରୀକ୍ଷାଗାର ନାଁ ଅଛନ୍ତି ଡାକ୍ତରଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ । ସେଠାକାର ଗ୍ରାମୀଣ ପରିବେଶରେ ସ୍ୱାସ୍ଥ୍ୟସେବା ନାହିଁ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ଆହୁରି ମଧ୍ୟ ଆଫ୍ରିକାର ଅଧିକାଂଶ ଦେଶ ଜାତୀୟ ସଂଘର୍ଷ ଓ ରାଜନୈତିକ ଅସ୍ଥିରତା ମଧ୍ୟ ଦେଇ ଗତି କରୁଛନ୍ତି । ଇବୋଲା ମହାମାରୀ ଆସିଲେ ସମଗ୍ର ବିଶ୍ୱ ହଠାତ୍ ଚିନ୍ତିତ ହୋଇପଡ଼ିଥାଏ, ସଂପୃକ୍ତ ଦେଶକୁ ଆନ୍ତର୍ଜାତିକ ଟିମ୍‌ମାନେ ଯାଇଥାନ୍ତି ଓ ପାଣ୍ଠି ମଧ୍ୟ ଯୋଗାଇ ଦିଆଯାଇଥାଏ । ଏହାପରେ କିନ୍ତୁ ସଂକ୍ରମଣ କମିଲେ, ଦୁନିଆର ଧ୍ୟାନ ମଧ୍ୟ କମିଯାଇଥାଏ । କିଛିବର୍ଷ ପରେ ପୁନର୍ବାର ଏହି ଚକ୍ର ଆରମ୍ଭ ହୋଇଥାଏ – ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତି, ଅସ୍ଥାୟୀ ସକ୍ରିୟତା ଓ ବିସ୍ମୃତି । କେବଳ ଇବୋଲା କ୍ଷେତ୍ରରେ ଏହା ହୋଇନାହିଁ । ଏହା ବୈଶ୍ୱିକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସେହି ପ୍ରବୃତ୍ତିକୁ ଦର୍ଶାଉଛି, ଯେଉଁଥିରେ ଗରିବ ଦେଶମାନଙ୍କୁ ପ୍ରଭାବିତ କରୁଥିବା ରୋଗମାନଙ୍କୁ ସେ ପର୍ଯ୍ୟନ୍ତ ଗମ୍ଭୀରତାର ସହ ନିଆଯାଏ ନାହିଁ, ଯେତେବେଳେ ପର୍ଯ୍ୟନ୍ତ ସେମାନେ ଧନୀ ଦେଶମାନଙ୍କର ସୀମାରେ ପହଂଚୁନଥାନ୍ତି । ଏହାର ସଦ୍ୟ ଉଦାହରଣ – "ମଙ୍କିପକ୍ସ" । ଦୀର୍ଘ ବର୍ଷ ଧରି ଏହା ଆଫ୍ରିକାରେ ସୀମିତ ଭାବରେ ବ୍ୟାପୁଥିଲା କିନ୍ତୁ ୨୦୨୨ରେ ଯେବେ ଏହା ୟୁରୋପ ଓ ଆମେରିକାକୁ ପ୍ରବେଶ କଲା, ଏହାକୁ ନେଇ ଅନ୍ତର୍ଜାତିକ ସମୁଦାୟ ଚିନ୍ତିତ ହୋଇ ପଡ଼ିଲା । ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥାନଗୁଡ଼ିକ ଏତେ ସମୟ ପର୍ଯ୍ୟନ୍ତ ଅପେକ୍ଷା କଲେ କ'ଣ ପାଇଁ ?

ଅନ୍ୟ ଏକ ଚିନ୍ତାଜନକ ପ୍ରସଙ୍ଗ ହେଉଛି ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ପାଣ୍ଠି ବ୍ୟବସ୍ଥା । ସାରା ବିଶ୍ୱ ଆଶା କରେ ଯେ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ, ମହାମାରୀର ଉଚିତ୍ ନିୟନ୍ତ୍ରଣ କରୁ । ସଙ୍ଗଠନ ମଧ୍ୟ ମହାମାରୀ ଗୁଡ଼ିକରେ ସଂକ୍ରମଣ ନିୟନ୍ତ୍ରଣ, ଟୀକାର ବିକାଶ ପାଇଁ ପଦକ୍ଷେପମାନ ନେଉଅଛି କିନ୍ତୁ ଏଥିରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି ପାଣ୍ଠି । ସାଧାରଣତଃ ବିକଶିତ ଦେଶ ଯେପରିକି ଯୁକ୍ତରାଷ୍ଟ୍ର ଓ ବ୍ରିଟେନ ହିଁ ଏଥିପାଇଁ ସିଂହଭାଗ ପାଣ୍ଠି ଯୋଗାଇଥାନ୍ତି । ଏବେ କିନ୍ତୁ ଆମେରିକା ଏହି ପାଣ୍ଠିର ପରିମାଣକୁ ହ୍ରାସ କରିଛି, ଯାହାକି ଚିନ୍ତାଜନକ । ଯଦି ବିଶ୍ୱ ବାସ୍ତବରେ ଇବୋଲା ଭଳି ରୋଗମାନଙ୍କୁ ରୋକିବା ପାଇଁ ଚାହୁଁଛି, ତାହା ହେଲେ ତା'କୁ ସ୍ୱାସ୍ଥ୍ୟ ବିତ ବ୍ୟବସ୍ଥାକୁ ଅଧିକ ସ୍ଥାୟୀ, ପାରଦର୍ଶୀ ଓ ନ୍ୟାୟପୂର୍ଣ୍ଣ କରିବା ପାଇଁ ପଡ଼ିବ ।

ପରିଶେଷରେ ଉଲ୍ଲେଖ କରି ପ୍ରବନ୍ଧଟିକୁ ଶେଷ କରିବି ଯେ, କୌଣସି ଧନୀ ଦେଶକୁ ପ୍ରଭାବିତ ନ କଲେ ମଧ୍ୟ, ଗରିବ ଦେଶମାନଙ୍କରେ ଦେଖାଯାଉଥିବା ରୋଗମାନଙ୍କୁ ଯଥେଷ୍ଟ ପ୍ରାଥମିକତା ଦିଆଯାଉ । ଇବୋଲାର ବାରମ୍ବାର ଫେରିବା କେବଳ ଭାଇରସ୍‌ଟିର ପ୍ରତ୍ୟାବର୍ତ୍ତନ ମାତ୍ର ନୁହେଁ ବରଂ ଏହା ପ୍ରମାଣ କରୁଛି କି ଆଜି ମଧ୍ୟ ବୈଶ୍ୱିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭେଦଭାବପୂର୍ଣ୍ଣ ।

ମେଡିକାଲ ଅଫିସର, ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ସେଥିଓ ଆରମ୍ଭ
SEITHO ARAMBHA

ଗୁରୁବାର, ୧୧ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି 'ଦିଶା' ବୈଠକରେ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ସମୀକ୍ଷା

ରାୟଗଡ଼, ୧୦/୦୬ (ଆ.ପ୍ର) : ରାୟଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି (ଦିଶା)ର ବୈଠକ କୋରାପୁଟ ଲୋକସଭା ସାଂସଦ ତଥା କମିଟିର ସଭାପତି ମାନ୍ୟବର ସପ୍ତଗିରି ଶଙ୍କର ଉଲାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ରାୟଗଡ଼ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣି, ମାନ୍ୟବର ରାୟଗଡ଼ ବିଧାୟକ ଆପଲାସ୍ୱାମୀ କାଡ୍ରାକା, ମାନ୍ୟବର ଗୁଣପୁର ଓ ବିଷମକଟକ ବିଧାୟକଙ୍କ ପ୍ରତିନିଧି, ମାନ୍ୟବର ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ଗୁଣପୁର ଦୁଧାଳ ଅଭିଷେକ ଦିଲ୍ଲୀପ, ବିଭିନ୍ନ ପଂଚାୟତ ସମିତିର ଅଧ୍ୟକ୍ଷ/ଅଧ୍ୟକ୍ଷା, ପୌରାଧ୍ୟକ୍ଷ, ସରପଂଚ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକ ଆରମ୍ଭରେ ସାଂସଦ ଉଲାକା ଦିଶା ବୈଠକର ଗୁରୁତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରିଥିଲେ । ପୂର୍ବତଟ ରେଳବାଇ ଅଧୀନରେ ଚାଲିଥିବା ବିଭିନ୍ନ ରେଳ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଗୋପାଳପୁର–ରାୟଗଡ଼ (୨୫୦ କି.ମି.) ନୂତନ ବ୍ରଡ୍ ଗେଜ୍ ରେଳପଥ ପ୍ରକଳ୍ପ, ନୂଆପଡ଼ା–ଗୁଣପୁର–ଥେରୁବାଲି (୧୬୫ କି.ମି.) ଦ୍ୱିତ ରେଳପଥ ପ୍ରକଳ୍ପ ଏବଂ କୋରାପୁଟ–ସିଙ୍ଗାପୁର ରୋଡ୍ (୧୬୪.୫୬ କି.ମି.) ଦ୍ୱିତ ରେଳପଥ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା । ରାମନାଗୁଡ଼ା ପରିବର୍ତ୍ତେ ଗୁଡ଼ାରିରୁ ଟ୍ରେନ ଆରମ୍ଭ କରିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ପ୍ରକଳ୍ପ ଆରମ୍ଭ ପୂର୍ବରୁ ପର୍ଯ୍ୟାପ୍ତ ଅନୁପୂରକ ପାଣି ବ୍ୟବସ୍ଥା କରିବାକୁ ସାଂସଦ ମତ ପ୍ରକାଶ କରିଥିଲେ । ନୂତନ ଗୁଣପୁର ରେଳ ଷ୍ଟେସନ, ସାଇ ଇଂଟରନ୍ୟାସନାଲ ନିକଟରେ ଓଭରବ୍ରିଜ ନିର୍ମାଣ, ରାୟଗଡ଼ ରେଳ ଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥର ବିକାଶ ଓ ଷ୍ଟେସନ ଭିତରେ ଦିବ୍ୟାଙ୍ଗ ଓ ବୟସ୍କ ଯାତ୍ରୀଙ୍କ ପାଇଁ ଉ-ଭେହିକଲ ବ୍ୟବସ୍ଥା ସମ୍ପର୍କରେ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ରେଳ ଷ୍ଟେସନ ପରିସରରେ ଥିବା ପାର୍କିଂ ରେ ସୁରକ୍ଷା କ୍ୟାମେରା ସ୍ଥାପନ ଓ ବ୍ୟବସ୍ଥାର ସମୀକ୍ଷା ମଧ୍ୟ କରାଯାଇଥିଲା । ଜାତୀୟ ରାଜପଥ-୩୨୬ ଅନ୍ତର୍ଗତ ରାୟଗଡ଼ ସହର ଓ ଜେ.କେ.ପୁର ବାଇପାସ ନିର୍ମାଣ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି ସମୀକ୍ଷା କରାଯାଇଥିଲା । ୩୭୮.୩୩ କୋଟି ଟଙ୍କା ବ୍ୟୟ ଅଟକଳର ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇଥିବା ବେଳେ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଥିବା ସୂଚନା ଦିଆଯାଇଥିଲା । ନାଗାବଳୀ ନଦୀ ଉପରେ ୧୭.୮୨ କୋଟି ଟଙ୍କା ବ୍ୟୟରେ ନୂତନ ସେତୁ ନିର୍ମାଣ ଏବଂ ରାୟଗଡ଼-ଲକ୍ଷ୍ମୀପୁର ରାସ୍ତା ପ୍ରଶସ୍ତୀକରଣ ଓ ସିଧାକରଣ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ବିଏସଏନଏଲ୍ ପକ୍ଷରୁ ଜିଲ୍ଲାରେ ସ୍ଥାପିତ ୬୬ଟି ୪ଜି ଟାୱାରର କାର୍ଯ୍ୟକ୍ଷମତା, ସୋଲାର ଚାଳିତ ବ୍ୟବସ୍ଥା ଓ ଡିଜି ସେଟ୍ ଉପଲବ୍ଧତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଜରୁରୀ ପରିସ୍ଥିତିରେ ଯୋଗାଯୋଗ ସୁବିଧା ନିମନ୍ତେ ବ୍ଲକ ଓ ପଂଚାୟତ ସ୍ତରରେ ଦାୟିତ୍ୱପ୍ରାପ୍ତ କର୍ମଚାରୀଙ୍କ ତାଲିକା ଓ ଯୋଗାଯୋଗ ନମ୍ବର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଓ ନେଟୱର୍କ ସମ୍ପର୍କରେ ନୂତନ ସର୍ଭେ ରିପୋର୍ଟ ଓ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ବିବରଣୀ ଦାଖଲ କରିବାକୁ କୁହାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବେଳେ ଡେଙ୍ଗୁ ସ୍ଥିତି, ଫେଫରାଲ ରୋଗୀଙ୍କ ସଂଖ୍ୟା, ସ୍ୱାସ୍ଥ୍ୟ ଭିତିଭୂମି ଓ ଖାଲି ପଡ଼ିଥିବା ଡାକ୍ତର ଏବଂ ଆଶା କର୍ମୀ ପଦବୀ ଶୀଘ୍ର ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କୁର୍ଲି ଅଂଚଳରେ ଡାକ୍ତର ନିଯୁକ୍ତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଶିକ୍ଷା ବିଭାଗରେ ଖାଲି ଶିକ୍ଷକ ପଦବୀ, ବଦଳି ପ୍ରକ୍ରିୟା, ଶିକ୍ଷକ ନିଯୁକ୍ତି ଓ ସରକାରୀ ବିଦ୍ୟାଳୟରେ ଏ-୧ ଏବଂ ଏ-୨ ଗ୍ରେଡ୍ ଫଳାଫଳ ବୃଦ୍ଧି ପାଇଁ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା । ସୁବିଧାଜନକ ଯାତାୟାତ ପାଇଁ ମୁଖ୍ୟ ସଡ଼କ ନିକଟବର୍ତ୍ତୀ ବିଦ୍ୟାଳୟରେ ମହିଳା ଶିକ୍ଷୟିତ୍ରୀଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆଇଟିଡିଏ ପକ୍ଷରୁ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅନ୍ତର୍ଗତ ୪୨୦ଟି ଗ୍ରାମର ତାଲିକା, ପାଣି ବରାଦ ଓ ପିଏମ୍-ଜନମନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଇଏମଆରଏସ ବିଦ୍ୟାଳୟଗୁଡ଼ିକର କାର୍ଯ୍ୟକ୍ରମ ମଧ୍ୟ ସମୀକ୍ଷା କରାଯାଇଥିଲା । ଆରଡବ୍ଲୁଏସଏସ ବିଭାଗ ଦ୍ୱାରା ପାନୀୟ ଜଳ ସଙ୍କଟ ଏବଂ ଏହାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପସ୍ଥାପନ କରାଯାଇଥିଲା । ବନ ବିଭାଗ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ପାଇକ ରିସର୍ଟ, ଜଳକ୍ରୀଡ଼ା କାର୍ଯ୍ୟକଳାପ, ନର୍ସରୀ ବିକାଶ ଓ ବନ୍ୟଜନ୍ତୁ ସମ୍ବନ୍ଧୀୟ ମାମଲାର ସମୀକ୍ଷା କରାଯାଇଥିଲା । ଟିପିଏସଓଡିଏଲ୍ ପକ୍ଷରୁ ସୋଲାର ଚାଳିତ ଗ୍ରାମ ଏବଂ ବିଦ୍ୟୁତୀକରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସୂଚନା ଦିଆଯାଇଥିଲା । ଏସ ବି ଆଇ ବ୍ୟାଙ୍କ ଓ ନାବାର୍ଡ ସହ ଅନୁଷ୍ଠିତ ଆଲୋଚନାରେ ସରକାରୀ ଯୋଜନା ଅନ୍ତର୍ଗତ ଋଣ ପ୍ରଦାନ, ଗ୍ରାମାଂଚଳରେ ବ୍ୟାଙ୍କ ଶାଖା ଓ ଏଟିଏମ୍ ସୁବିଧାର ଉପଲବ୍ଧତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗ (ଆରଡବ୍ଲୁଡି) ପକ୍ଷରୁ ପିଏମଜିଏସୱାଇ-୪ ପ୍ରକଳ୍ପର ଅଗ୍ରଗତି, ୧୭୫ଟି ଗ୍ରାମକୁ ସଂଯୋଗ କରୁଥିବା ସଡ଼କ ପ୍ରକଳ୍ପ ଏବଂ ରାସ୍ତା ରକ୍ଷଣାବେକ୍ଷଣ କାର୍ଯ୍ୟର ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶେଷରେ ସାଂସଦ ଶ୍ରୀ ଉଲାକା ସମସ୍ତ ବିଭାଗକୁ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଶୀଘ୍ର କାର୍ଯ୍ୟକାରିତା, ନିୟମିତ ତଦାରଖ ଓ ଲୋକଙ୍କ ସୁବିଧାକୁ ସର୍ବାଧିକ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଅଫିସକୁ ହୋଇନି ଶିକ୍ଷକଙ୍କ ଡେପୁଟେସନ

ଦଶପଲ୍ଲା, ୧୦/୦୬ (ଆ.ପ୍ର) : ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ କୌଣସି ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇନାହିଁ ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ ଭାବେ ସୂଚନା ପ୍ରଦାନ କରାଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତରଫରୁ ସ୍ପଷ୍ଟ କରାଯାଇଛି ଯେ, ନୟାଗଡ଼ ଜିଲ୍ଲାର ସମସ୍ତ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କୌଣସି ଶିକ୍ଷକ ଡେପୁଟେସନ ଆଧାରରେ କାର୍ଯ୍ୟ କରୁନାହାନ୍ତି । କେବଳ ଯେଉଁ ସ୍କୁଲ ଗୁଡ଼ିକ ଏକମାତ୍ର ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହୁଏ, ସେହି କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କର ପାଠପଢ଼ାରେ ବ୍ୟାଘାତ ନଘଟିବା ପାଇଁ ଶିକ୍ଷକ ଡେପୁଟେସନ କରାଯାଏ । ବର୍ତ୍ତମାନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟଙ୍କ ଦ୍ୱାରା ପ୍ରଧାନଶିକ୍ଷକ ପଦବୀ ଗୁଡ଼ିକୁ ପୂରଣ କରିବା ପାଇଁ ତା ୦୨.୦୬.୨୬ ରିଖରେ ନିର୍ଦ୍ଦେଶନାମା ଜାରି କରାଯାଇଛି । ଉକ୍ତ ଶିକ୍ଷକମାନେ ପ୍ରଧାନ ପ୍ରଧାନଶିକ୍ଷକ ପଦବୀରେ ଯୋଗଦାନ କଲାପରେ ଡେପୁଟେସନରେ ଥିବା ଶିକ୍ଷକ ତାଙ୍କର ପ୍ରାଥମିକ ପଦବୀରେ କାର୍ଯ୍ୟ କରିବେ । ବଡ଼ କଥା ହେଲା, ଯଦି କୌଣସି ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇନାହିଁ ତେବେ କିଛି ଶିକ୍ଷକ ରୀତିମତ ପାଠ ପଢା ଛାଡି ଅଫିସରେ ବସି କରୁଛନ୍ତି କ'ଣ ? ଆଉ ସେମାନଙ୍କ ବିରୋଧରେ କାହିଁକି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ତାକୁ ନେଇ ଏବେ ଚର୍ଚ୍ଚା ଯୋର୍ ଧରିଲାଣି । ଏତେସବୁ ମଧ୍ୟରେ ବାସ୍ତବତା କ'ଣ ତାହା ସ୍କୁଲ ଖୋଲିବା ପରେ ସ୍ପଷ୍ଟ ହେବବୋଲି ମତପ୍ରକାଶ ପାଉଛି ।

ଫାର୍ମାସୀ ଅଧିକାରୀ ସେବା ସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ

ବାଲିଗୁଡା, ୧୦/୦୬ (ଆ.ପ୍ର) :ଦୀର୍ଘ ବର୍ଷର ନାର୍ଯ୍ୟଦାବୀ ମୁଳ ଦରମା ବୃଦ୍ଧି(ପିବି-୨)ପାଇଁ ବାଳିଗୁଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଫାର୍ମାସୀ ଅଧିକାରୀସେବା ସଂଘ,କନ୍ଧମାଳ ଶାଖା ତରଫରୁ ବାଳିଗୁଡା ବିଧାୟକ ଚକ୍ରମଣିକହଁରଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଶେଷକରି କନ୍ଧମାଳ ଭଳିଆଦିବାସୀ ବହୁଳ ସ୍ୱାସ୍ଥ୍ୟ ଅନୁଷ୍ଠାନ ମାନଙ୍କରେ ଡାକ୍ତର ମାନଙ୍କ ଅନୁପସ୍ଥିତ ରେ ମୁଖ୍ୟତଃ ଫାର୍ମାସୀ ଅଧିକାରୀ ରୋଗୀ ଚିକିତ୍ସା କରିବା ସହିତ ଚିକିତ୍ସାଳୟରେ ସମସ୍ତ କାର୍ଯ୍ୟକୁ ପରିଚାଳନା ମଧ୍ୟ କରିଥାନ୍ତି । ଏପରିପେକ୍ଷୀରେ ସେମାନେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ମେରୁଦଣ୍ଡ ସଦୃଶ୍ୟ ଅଟନ୍ତି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଫାର୍ମାସୀ ଅଧିକାରୀଙ୍କ ଭୂମିକା ତଥା ସମାଜ ଓ ରୋଗୀସେବା ପ୍ରତିଥିବାଅବଦାନକୁ ପାଥେୟକରି ଏମାନଙ୍କର ଦୀର୍ଘବର୍ଷରୁ ରହିଆସିଥିବା ଦରମା ଅସଙ୍ଗତକୁ ଦୁରକରିବା ସହ ମୁଳଦରମା (ପିବି-୨)କୁ ବୃଦ୍ଧୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି । ବିଧାୟକଙ୍କୁ ଦାବୀପତ୍ର ପ୍ରଦାନ ସମୟରେ ଜିଲ୍ଲା ଶାଖାର ସାଂଗଠନିକ ସମ୍ପାଦକ ଦେବିଲାଲ ମୁଠାମାଝୀ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

ଯୁବ ଲେଖକ ଲକ୍ଷ୍ମୀକାନ୍ତ ପାତ୍ରଙ୍କ ରଚିତ 'ଋଷିପୁତ୍ର' ପୁସ୍ତକ ଉନ୍ମୋଚନ କଲେ ରାଜ୍ୟପାଳ

ପାରଳାଖେମୁଣ୍ଡି, ୧୦/୦୬ (ଆ.ପ୍ର) : ମହେନ୍ଦ୍ର ମେଳାର ଅଷ୍ଟମ ଦିନରେ ଦଣ୍ଡନାଚର ଐତିହ୍ୟ , ସଂସ୍କୃତି ଓ ଆଧ୍ୟାତ୍ମିକ ମୂଲ୍ୟବୋଧକୁ ନେଇ ରଚିତ ଗବେଷଣାତ୍ମକ ପୁସ୍ତକ 'ଋଷିପୁତ୍ର' ଶୈବ ଶାକ୍ତ ଧର୍ମ ଧାରା ର ସମନ୍ୱୟ ପର୍ବ ଦଣ୍ଡ ନାଚ, ଓଡ଼ିଶାର ମହାମହିମ ରାଜ୍ୟପାଳ ଡାକ୍ତର ହରିବାବୁ କମ୍ଭମପତିଙ୍କ କରକମଳରେ ଉନ୍ମୋଚିତ ହୋଇଯାଇଛି । ଏହି ଐତିହାସିକ ଓ ଗୌରବମୟ ମୁହୂର୍ତ୍ତ ଦଣ୍ଡନାଚ ପରମ୍ପରା ଏବଂ ଓଡ଼ିଆ ସାଂସ୍କୃତିକ ଐତିହ୍ୟ ପାଇଁ ଏକ ବିଶେଷ ସଫଳତା ଭାବେ ପରିଗଣିତ ହେଉଛି । ଏହି ଗୌରବମୟ ଅବସରରେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉପସ୍ଥିତ ଥିଲେ । ସେହିପରି ମହେନ୍ଦ୍ର ମେଳାକୁ ଆସିଥିବା ସାଧୁ-ସନ୍ଥମାନଙ୍କ ପ୍ରେରଣା , ଆଶୀର୍ବାଦ ଓ ସହଯୋଗ ଏହି କାର୍ଯ୍ୟକୁ ସଫଳ କରିବାରେ ବିଶେଷ ଭୂମିକା ଗ୍ରହଣ କରିଛି । ପୁସ୍ତକର ଲେଖକ ଲକ୍ଷ୍ମୀକାନ୍ତ ପାତ୍ର କହିଛନ୍ତି ଯେ, ଏହା କେବଳ ଏକ ପୁସ୍ତକର ଉନ୍ମୋଚନ ନୁହେଁ ବରଂ ଓଡ଼ିଶାର ଲୋକକଳା , ପରମ୍ପରା ଓ ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ଦରବାରରେ ପହଂଚାଇବାର ଏକ ଛୋଟ ପ୍ରୟାସ । ଦଣ୍ଡନାଚ ଭଳି ପ୍ରାଚୀନ ଲୋକ ପରମ୍ପରାର ଗବେଷଣା ଓ ସଂରକ୍ଷଣ ଆଗାମୀ ପିଢ଼ି ପାଇଁ ଏକ ମୂଲ୍ୟବାନ ଐତିହ୍ୟ ଭାବେ ରହିବ ବୋଲି ସେ ମତ ପ୍ରକାଶ କରିଛନ୍ତି । ଏହି ପୁସ୍ତକରେ ଓଡ଼ିଶାରେ ଶୈବ ଓ ଶାକ୍ତ ପୂଜା ପଦ୍ଧତି ର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି । ବିଭିନ୍ନ ଶିଳାଲେଖ , ତାମ୍ର ଫଳକ ର ତଥ୍ୟ ପ୍ରଦାନ କରି ଲେଖକ ଓଡ଼ିଶାରେ ମନ୍ଦିର ନିର୍ମାଣର କାଳ ନିରୂପଣ କରିଛନ୍ତି । ଓଡ଼ିଶାରେ ମନ୍ଦିର ନିର୍ମାଣ ପ୍ରଥମ କରି ମହେନ୍ଦ୍ରଗିରି ରେ ହୋଇଥିବାର ସେ ତଥ୍ୟ ପ୍ରଦାନ କରିଛନ୍ତି । ମହେନ୍ଦ୍ରଗିରିକୁ ସେ ଓଡ଼ିଶାରେ ଶୈବ ଓ ଶାକ୍ତ ମତ୍ୱାଦର ଆଦ୍ୟ ସ୍ଥଳ ଭାବରେ ବର୍ଣ୍ଣନା କରିଛନ୍ତି । ଏହି ଅବସରରେ ମହେନ୍ଦ୍ର ମେଳାକୁ ଆସିଥିବା ବୁଦ୍ଧିଜୀବୀ, ଗବେଷକ, ସାହିତ୍ୟିକ ଓ ସାଂସ୍କୃତିକ ବ୍ୟକ୍ତିତ୍ୱମାନେ ପୁସ୍ତକଟିର ଭୂୟସୀ ପ୍ରଶଂସା କରିବା ସହ ଏହା ଦଣ୍ଡନାଚର ଇତିହାସ, ପରମ୍ପରା ଓ ମହତ୍ୱକୁ ନୂତନ ପିଢ଼ି ନିକଟରେ ପହଂଚାଇବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି । ଏହି ପୁସ୍ତକର ଉନ୍ମୋଚନ ଦଣ୍ଡନାଚ ଭଳି ପ୍ରାଚୀନ ଲୋକ ପରମ୍ପରାର ସଂରକ୍ଷଣ, ଗବେଷଣା ଓ ପ୍ରଚାର-ପ୍ରସାର ଦିଗରେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବା ସହ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

ପ୍ରତାପ ରୁଦ୍ର ପାତ୍ରଙ୍କୁ ରାଷ୍ଟ୍ରୀୟ ନାଟ୍ୟ ଶାସ୍ତ୍ର ସମ୍ମାନ

ଗୁ. ଉଦୟଗିରି, ୧୦/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି ଗୁ. ଉଦୟଗିରିର ବିଶିଷ୍ଟ ଯାତ୍ରା କଳାକାର ପ୍ରତାପ ରୁଦ୍ର ପାତ୍ରଙ୍କ ସଫଳତା । ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଆୟୋଜିତ ରାଷ୍ଟ୍ରୀୟ ନାଟ୍ୟ ଶାସ୍ତ୍ର ସମ୍ମାନ ଉତ୍ସବରେ ସେ ସମ୍ମାନଜନକ ରାଷ୍ଟ୍ରୀୟ ନାଟ୍ୟ ଶାସ୍ତ୍ର ସମ୍ମାନ ଲାଭ କରିଛନ୍ତି । ସର୍ବଭାରତୀୟ ସ୍ତରର ସାଂସ୍କୃତିକ ସଂଗଠନ ଓ ରାଜ୍ୟସ୍ତରୀୟ ଅନୁଷ୍ଠାନମାନଙ୍କ ମିଳିତ ଆନୁକୂଲ୍ୟରେ ଏହି ସମ୍ମାନ ପ୍ରଦାନ ଉତ୍ସବ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ କଳା ଓ ସଂସ୍କୃତି ବିଭାଗର ସଚିବ, ଜାତୀୟ ସ୍ତରୀୟ ସଭାପତି ମନୋଜ କୁମାର ପଣ୍ଡା, ସମ୍ପାଦକ ଉପେନ୍ଦ୍ର କୁମାର ଶର୍ମା, ବରିଷ୍ଠ ଯାତ୍ରା କଳାକାର ବାପି ପଣ୍ଡାଙ୍କ ସମେତ ଅନେକ ବିଶିଷ୍ଟ ଅତିଥି ଉପସ୍ଥିତ ରହିଥିଲେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଯାତ୍ରା ଜଗତରେ ନିଜର ଅଭିନୟ ପ୍ରତିଭା, କଳାପ୍ରତି ନିଷ୍ଠା ଓ ଦୀର୍ଘଦିନର ଅବଦାନ ପାଇଁ ପ୍ରାୟ ୬୦ ଜଣ କଳାକାରଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ସେମାନଙ୍କ ମଧ୍ୟରେ କନ୍ଧମାଳ ଜିଲ୍ଲାରୁ ଏକମାତ୍ର କଳାକାର ଭାବେ ପ୍ରତାପ ରୁଦ୍ର ପାତ୍ର ଏହି ସମ୍ମାନ ପାଇ ଜିଲ୍ଲାର ନାମକୁ ରାଜ୍ୟ ତଥା ଜାତୀୟ ସ୍ତରରେ ଉଜ୍ଜ୍ୱଳ କରିଛନ୍ତି । ପ୍ରତାପ ରୁଦ୍ର ପାତ୍ର ବହୁ ବର୍ଷ ଧରି ଯାତ୍ରା ମଂଚରେ ବିଭିନ୍ନ ସାମାଜିକ, ଐତିହାସିକ, ପୌରାଣିକ ଓ ଚରିତ୍ରାଧାରିତ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତି ଆସୁଛନ୍ତି । ତାଙ୍କର ନିପୁଣ ଅଭିନୟ, ସଂଳାପ ପରିବେଷଣ ଶୈଳୀ ଏବଂ ଚରିତ୍ରକୁ ଜୀବନ୍ତ କରିବାର କ୍ଷମତା ତାଙ୍କୁ ଯାତ୍ରା ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ସମ୍ମାନ ପାଇବା ପରେ ପ୍ରତାପ ରୁଦ୍ର ପାତ୍ର ନିଜର ଖୁସି ବ୍ୟକ୍ତ କରି କହିଛନ୍ତି ଯେ, ଏହି ପୁରସ୍କାର ତାଙ୍କ ପାଇଁ ଏକ ନୂତନ ପ୍ରେରଣା । ଭବିଷ୍ୟତରେ ମଧ୍ୟ ସେ ଓଡ଼ିଆ ଯାତ୍ରା କଳାର ବିକାଶ ଓ ପ୍ରଚାର ପାଇଁ ନିଜର ଅଭିନୟ ଜୀବନକୁ ଉତ୍ସର୍ଗ କରିବେ ବୋଲି କହିଛନ୍ତି । ତାଙ୍କର ଏହି ସଫଳତା ପରେ ଗୁ. ଉଦୟଗିରି ଓ ସମଗ୍ର କନ୍ଧମାଳ ଜିଲ୍ଲାରେ ଆନନ୍ଦର ଲହରୀ ଖେଳିଯାଇଛି । ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ କଳା ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଥିବା ବେଳେ ତାଙ୍କର ଏହି ସମ୍ମାନ ଜିଲ୍ଲାର ନୂତନ ପିଢ଼ିର କଳାକାରମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବ ବୋଲି ଆଶା କରାଯାଉଛି ।

ସୁନାମଧନ୍ୟ କଣ୍ଠଶିଳ୍ପୀ ଷ୍ଟିଫେନ ବିୟୋଗରେ ପରିବାରବର୍ଗଙ୍କୁ ସମବେଦନା ଜଣାଇଲେ ବିଧାୟକ

ପାରଳାଖେମୁଣ୍ଡି, ୧୦/୦୬ (ଆ.ପ୍ର) : ଗଜପତି ଜିଲ୍ଲାର ସୁନାମଧନ୍ୟ କଣ୍ଠଶିଳ୍ପୀ ଷ୍ଟିଫେନ ରାଉତଙ୍କ ବିୟୋଗରେ ଆଜି ବିଧାୟକ ରୂପେଶ ପାଣିଗ୍ରାହୀ ତାଙ୍କ ବାସଭବନ ଯାଇ ସପରିବାରଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପାଖରେ ପ୍ରାର୍ଥନା କରିଥିଲେ । ଷ୍ଟିଫେନ ଜଣେ ଭଲ କଣ୍ଠଶିଳ୍ପୀ ସହ ପରଉପକାରୀ ହିସାବରେ ଜଣାଶୁଣା, ସେ ଆଦିବାସୀ ଗୀତ ସହ ଆସାମୀ, ଓଡ଼ିଆ, ହିନ୍ଦୀ ତେଲୁଗୁରେ ଗୀତଗାଇ ସାରା ଓଡ଼ିଶା ସହ ଓଡ଼ିଶା ବାହାରେ ମଧ୍ୟ ସୁନାମ ଅର୍ଜନ କରିଛନ୍ତି । ଷ୍ଟିଫେନ ଓ ବିରାଜି ଯଦି କଣ୍ଠଶିଳ୍ପୀ ହିସାବ ରେ ବହୁ ଜଣାଶୁଣା, ବିରାଜୀ ହେଉଛନ୍ତି ତାଙ୍କ ଧର୍ମପତ୍ନୀ, ତାଙ୍କ ଯୋଡ଼ି ଭାଙ୍ଗିଯାଇଥିବାରୁ ବିରାଜି ଚିନ୍ତାଗ୍ରସ୍ତ ହୋଇପଡିଛନ୍ତି । ଆଜି ବିଧାୟକ ଷ୍ଟିଫେନଙ୍କ ଧର୍ମପତ୍ନୀ ଓ ତାଙ୍କ ପୁଅଝିଅଙ୍କୁ ମିଶି ସେମାନଙ୍କ ସମସ୍ତ ଅସୁବିଧାରେ ସହଯୋଗ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି । ଏହି ସମବେଦନା ଜଣାଇବା କାର୍ଯ୍ୟକ୍ରମରେ ବିଧାୟକ ସମେତ ସମିତି ସଭ୍ୟ ବୁଲୁ ରାଉତ, ବିଜେଡି ନେତା ଜେମସ ରାଇକା, ମସୁରୁନ ରାଉତ, ସାମ୍ବାଦିକ କୃଷ୍ଣ କୁମାର ବେହେରା, ପ୍ରବୀଣ ଲିମା ପ୍ରମୁଖ ଉପସ୍ଥିତ ଥିଲେ ।

ଭାସ୍କର୍ଯ୍ୟ ଶିଳ୍ପୀଙ୍କୁ ସମ୍ମାନ ସୂଚକ ଡ଼କ୍ଟରେଟ ଉପାଧି ପ୍ରଦାନ

ତାଳଚେର, ୧୦/୦୬ (ଆ.ପ୍ର) : ଏମସିଏଲର ତାଳଚେରସ୍ଥିତ କଳିଙ୍ଗ ଡିଏଭି ସ୍କୁଲରେ କଳା ଶିକ୍ଷକ ଭାବରେ କାର୍ଯ୍ୟରତ ଶଶଧର ପତି ସୃଜନାତ୍ମକ ଭାସ୍କର୍ଯ୍ୟ, ଚିତ୍ରକଳା ଏବଂ ସମକାଳୀନ କବିତା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ଶିଳ୍ପୀ ଶିବିର ଓ ପ୍ରଦର୍ଶନରେ ଅଂଶ ଗ୍ରହଣ କରି ନିଜର କଳା ନିପୁଣତାର ପରିଚୟ ଦେଇ ସହିତ ଓଡିଶା ଲଳିତ କଳା ଏକାଡେମୀ ଏବଂ କାଶୀ ବିଶ୍ୱ ବିଦ୍ୟାପୀଠ ଚିତ୍ର କଳା ଶିବିରରେ ଭାଗ ନେଇ ଥିଲେ । ଏହି କଳାତ୍ମକ ଅଭିବ୍ୟକ୍ତି ପାଇଁ ତାଙ୍କୁ ଜୁନ୍ ୭ ତାରିଖରେ କଟକର ଶତାବ୍ଦୀ ଭବନଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଜ୍ଞାନଦାନ ସମ୍ମାନ ସୂଚକ ଡ଼କ୍ଟରେଟ ପ୍ରତିଷ୍ଠାନ, ଦିଲ୍ଲୀର ବରିଷ୍ଠ କର୍ମକର୍ତ୍ତା ଏବଂ ଅନୁଷ୍ଠାନର ଅନ୍ୟାନ୍ୟ ସଦସ୍ୟମାନଙ୍କ ଉପସ୍ଥିତିରେ "ଜ୍ଞାନଦାନ ଡକ୍ଟରେଟ୍ ଆୱାର୍ଡ"ଟ ପ୍ରଦାନ କରାଯାଇଅଛି । ଡକ୍ଟର ଶଶଧର ପତି ଏକସଙ୍ଗେ କଳା ଓ ସାହିତ୍ୟ ଉପରେ ଗବେଷଣାରେ ନିୟୋଜିତ ଅଛନ୍ତି, ଯାହା ବର୍ତ୍ତମାନ ଯୁବପିଢ଼ିର ସାଂସ୍କୃତିକ ଆବଶ୍ୟକତାକୁ ପ୍ରୋତ୍ସାହନ ଦେଉଛି । ବିଭିନ୍ନ ପ୍ରକାର କଳାତ୍ମକ ଅଭିବ୍ୟକ୍ତିକୁ ଏକ ନୂତନ ଦିଗଦର୍ଶନ ଦେବା ପାଇଁ ସେ ତାଙ୍କ ବୈଚାରିକ ଦୃଷ୍ଟିଭଙ୍ଗୀକୁ ଉଲ୍ଲେଖନୀୟ ଭାବରେ ପରିବ୍ୟାପ୍ତ କରିଛନ୍ତି । ଡକ୍ଟର ପତିଙ୍କର କଳା ଓ କବିତା ଓଡ଼ିଶାର ବିଭିନ୍ନ ପତ୍ର ପତ୍ରିକାରେ ପାଠକୀୟ ସ୍ୱୀକୃତି ଲାଭ କରି, ପାଠକ ମାନଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ବାନ୍ଧି ନେଇଛି ଓ ଶ୍ରୀ ପତିଙ୍କର ଘର ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର, ମଲ୍ଲିକାପୁର ଗ୍ରାମ ହୋଇଥିବା ବେଳେ ତାଙ୍କ ପିତା ବିଦ୍ୟାଧର ପତି ଜଣେ ବିଶିଷ୍ଟ କଳାକାର ଓ ମଂଚ ଅଭିନେତା । ଏହି ସମ୍ମାନଜନକ ଡକ୍ଟରେଟ୍ - ଡକ୍ଟର ଶଶଧର ପତିଙ୍କ ବୃତିରେ ଏକ ସ୍ୱତନ୍ତ୍ର ମାଇଲଖୁଂଟ ଭାବେ ଛିଡ଼ା ହୋଇଛି, ଯାହା କଳାତ୍ମକ ପର୍ଯ୍ୟବେକ୍ଷଣ, ଗଭୀର ଭାବନା ଏବଂ ଅକ୍ଳାନ୍ତ ପ୍ରୟାସ ଉପରେ ଆଧାରିତ ନବୋନ୍ମେଷୀ ସୃଷ୍ଟି ପ୍ରତି ତାଙ୍କର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ତାଙ୍କର କାର୍ଯ୍ୟ ବର୍ତ୍ତମାନ ଓ ଭବିଷ୍ୟତ ଉଭୟ ପରିପ୍ରେକ୍ଷୀରେ କଳା ଓ ସାହିତ୍ୟକୁ ଉନ୍ନୀତ କରି ଚାଲିଛି । ସବୁ କିଛି ତାଙ୍କ ମାତା, ପିତାଙ୍କ ଶୁଭ ଆଶୀର୍ବାଦ ବୋଲି ଶିଳ୍ପୀ ଡକ୍ଟର ପତି ପ୍ରକାଶ କରିଛନ୍ତି ।

ବ୍ରାଉନସୁଗାର, ନଗଦ ୧୧ହଜାର୧୦୦ଟଙ୍କା, ମୋବାଇଲ ଜବତ, ଜଣେ ଗିରଫ

ଧାମନଗର, ୧୦/୦୬ (ଆ.ପ୍ର) : ଧାମନଗର ଥାନା ପରିସରରେ ଆଇଆଇସି ସୁଭ୍ରଜିତ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ ଧାମନଗର ପୋଲିସ ପକ୍ଷରୁ ଜଣେ ବ୍ରାଉନସୁଗାର ବିକ୍ରେତାଙ୍କ ଉପରେ ଚଢ଼ାଉ କରି ମଙ୍ଗଳବାର ଜଣଙ୍କୁ ଗିରଫ କରାଯାଇଥିଲା । ଗିରଫ ଅଭିଯୁକ୍ତ ଜଣକ ହେଲେ ସ୍ଥାନୀୟ ଉଚେଇପୁର ଗ୍ରାମର ଦୁର୍ଯ୍ୟୋଧନ ପତିଙ୍କ ପୁଅ ମାନସରଞ୍ଜନ ପତି(୨୬) ସୂଚନାଥାଉ କି ମାନସରଞ୍ଜନ ନିଶା କାରବାର କରୁଥିବାର ବିଶେଷ ସୂତ୍ରରୁ ପୋଲିସ ଖବର ପାଇ ଅଚାନକ ଚଢ଼ଉ କରିଥିଲା । ଅଭିଯୁକ୍ତ ପୋଲିସକୁ ଦେଖି ଦୌଡି ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରି ମାନସ ପାରୁ ୧୦ ଗ୍ରାମ ୩୦ ମିଲି ଓଜନର ବ୍ରାଉନସୁଗାର ଏବଂ ନଗଦ ୧୧ ହଜାର୧୦୦ ଟଙ୍କା, ଗୋଟିଏ ମୋବାଇଲ ଫୋନ ଜବତ କରିଛନ୍ତି । ଥାନା ଏସ୍ଆଇ ମହେଶ୍ୱର ପ୍ରଧାନଙ୍କ ଅଭିଯୋଗ କ୍ରମେ ଥାନା କେସ୍ ନଂ ୨୫୭/୨୬ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନସରଞ୍ଜନଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି ଆଇଆଇସି ସୂଚନା ଦେଉଛନ୍ତି । ତେବେ ଏସ୍ଆଇ ନାରାୟଣ ନାୟକ ତଦନ୍ତ ଅଧିକାରୀ ଭାବେ ଘଟଣାର ତଦନ୍ତ କରୁଛନ୍ତି । ଧାମନଗର ବିଭିନ୍ନ ସ୍ଥାନରେ ଚୋରା ମଦ, ଧଳା ଜହର ବିକ୍ରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହି ନିଶା କାରବାର ଯୋଗୁ ଯୁବପିଢ଼ିଙ୍କର ଭବିଷ୍ୟତ ନଷ୍ଟ ହେଉଥିବାରୁ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହି ଚୋରା କାରବାର ଉପରେ ସମ୍ପୂର୍ଣ୍ଣ ରୋକେ ଲଗାଇବା ପାଇଁ ପୋଲିସ ନିୟମିତ ଚଢ଼ାଉ କରିବା ପାଇଁ ସ୍ଥାନୀୟ ଅଂଚଳବାସୀ ଦାବି କରିଛନ୍ତି ।

ଜଳିଗଲା ତିନି ବଖରା ଘର

ଦଶପଲ୍ଲା, ୧୦/୦୬ (ଆ.ପ୍ର) : ଦଶପଲ୍ଲା ବ୍ଲକ୍ ନଛିପୁର ପଂଚାୟତ ଅନ୍ତର୍ଗତ ବିଦ୍ୟାପାଳୁ ଗ୍ରାମରେ ଆଜି ଦ୍ୱିପ୍ରହର ସମୟରେ ଅଗ୍ନିକାଣ୍ଡ ଘଟି କବିରାଜ ମୁଦୁଲି (୪୭)ଙ୍କ ତିନି ବଖରା ଚାଳଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି । ସୂଚନାରୁ ପ୍ରକାଶ ଯେ ପରିବାରର ଲୋକ ଖରା ସମୟରେ ଶୋଇଥିବା ଅବସ୍ଥାରେ ଘରେ ଅଚାନକ ଏହି ଅଗ୍ନିକାଣ୍ଡ ଘଟିଥିଲା । ପରିବାରର ସଦସ୍ୟଙ୍କ କାହାର କିଛି କ୍ଷୟକ୍ଷତି ହୋଇନଥିବା ବେଳେ ଅଗ୍ନିକାଣ୍ଡରେ ନଗଦ ଟଙ୍କା ସମେତ ଘରେ ଥିବା ସମସ୍ତ କାଗଜପତ୍ର, ଧାନ, ଚାଉଳ ଓ ସମସ୍ତ ଜିନିଷ ଜଳିପୋଡ଼ି ଯାଇଛି । ସ୍ଥାନୀୟ ଲୋକେ ନିଆଁକୁ ଆୟତ କରିବା ପାଇଁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ । ଖବର ପାଇ ଦମକଳ ବାହିନୀ ନିଆଁକୁ ଆୟତ କରିବା ବେଳକୁ ସବୁ ଜଳି ଯାଇଥିଲା ।

ଆଇନ ମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେପିର ମିଶ୍ରଣ ପର୍ବ

ଚିଲିକା/ବାଣପୁର, ୧୦/୦୬ (ଆ.ପ୍ର) : ଭୁବନେଶ୍ୱର ସ୍ଥିତ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସରକାରୀ ବାସଭବନ ଠାରେ ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଣପୁର ବିଜ୍ଞାପିତ ଅଂଚଳ ପରିଷଦର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବିଜୁ ଜନତା ଦଳର ଯୁବ ସଂଗଠକ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ବାଣପୁର ବିଜ୍ଞାପିତ ଅଂଚଳ ପରିଷଦର ୩ ନଂ ୱାର୍ଡ଼ର କାଉନସିଲର ଅଭିମନ୍ୟୁ ପ୍ରଧାନ, ୧୫ ନଂ ୱାର୍ଡ଼ର କାଉନସିଲର ଅଞ୍ଜଳୀ ପ୍ରଭା ତ୍ରିପାଠୀ, ୭ ନଂ ୱାର୍ଡ଼ର କାଉନସିଲର ଅଞ୍ଜନା ପ୍ରଧାନ, ୧୨ ନଂ ୱାର୍ଡ଼ର ପୂର୍ବତନ କାଉନସିଲର ହୃଷିକେଶ ନାୟକ, ୧୦ ନଂ ୱାର୍ଡ଼ର ପୂର୍ବତନ କାଉନସିଲର ସୁଧାକର ଭୋପାଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ଆଗଧାଡ଼ିର କର୍ମକର୍ତ୍ତା ବିଜୁ ଜନତା ଦଳ ପରିତ୍ୟାଗ କରି ଭାରତୀୟ ଜନତା ପାର୍ଟିର ନୀତି ଓ ଆଦର୍ଶ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବିକାଶ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି । ଦଳରେ ଯୋଗଦାନ କରିଥିବା ସମସ୍ତ କର୍ମକର୍ତ୍ତାଙ୍କୁ ମନ୍ତ୍ରୀ ହରିଚନ୍ଦନ ଦଳୀୟ ଉତରୀୟ ପିନ୍ଧାଇ ଭାଜପା ପରିବାରକୁ ସ୍ୱାଗତ କରିବା ସହ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଆପଣମାନଙ୍କର ଏହି ଯୋଗଦାନ ଆଗାମୀ ଦିନରେ ବାଣପୁର ବିଜ୍ଞାପିତ ଅଂଚଳ ପରିଷଦର ବିକାଶ ଓ ଦଳୀୟ ସଂଗଠନ ଆହୁରି ସୁଦୃଢ଼, ସକ୍ରିୟ ଏବଂ ଗତିଶୀଳ କରିବ ବୋଲି ମତବ୍ୟକ୍ତ କରିଛନ୍ତି । ଏହି ମିଶ୍ରଣ ପର୍ବରେ ରାଜ୍ୟ ଭାଜପା ପ୍ରବକ୍ତା ସୁଦୀପ୍ତ ରାୟ, ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ବାଣପୁର ଭାଜପା ନଗର ମଣ୍ଡଳ ସଭାପତି ସର୍ବିନ୍ ଷଡ଼ଙ୍ଗୀ, ବରିଷ୍ଠ ବିଜେପି ନେତା ନନ୍ଦକିଶୋର ମିଶ୍ର, ଭଗବାନ ପ୍ରଧାନ, ବାଣପୁର ନଗର ମଣ୍ଡଳ ଭାଜପା ପ୍ରଭାରୀ ରାଜକିଶୋର ପଣ୍ଡା ଓ ମହିଳା ମୋର୍ଚ୍ଚା ସଭାପତି ବନଜା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘାୟୁ ଶୁଭ କାମନା ପାଇଁ ସମୂହ ଦୀପ ଦାନ

ନିମାପଡ଼ା, ୧୦/୦୬ (ଆ.ପ୍ର) : ଭାରତ ଗଣତନ୍ତ୍ର ଇତିହାସରେ ସର୍ବାଧିକ ସମୟ ପର୍ଯ୍ୟନ୍ତ ନିରନ୍ତର ନିର୍ବାଚିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ରାଷ୍ଟ୍ର ସେବାରେ ତାଙ୍କର ସଫଳତା ତଥା ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘାୟୁ କଣ କରି ଆଜି ପୂର୍ବାହ୍ନରେ ହାଟ ବଜାରସ୍ଥିତ ପୂର୍ଣ୍ଣେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ବିଜେପି ଦଳ ପକ୍ଷରୁ ସମୂହ ଦୀପ ଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଯତୀନ୍ଦ୍ର ସ୍ୱାଇଁ, ସାଂସଦ ଏନ ଏସି ପ୍ରତିନିଧି ମୀନଲତା ମହାନ୍ତି, ଆତ୍ମା ଅଧ୍ୟକ୍ଷ ଦିଲ୍ଲୀପ କୁମାର ପରିଡ଼ା, ନଗର ସଭାପତି ନିରଞ୍ଜନ ନାୟକ, ମଣ୍ଡଳ ସଭାପତି ସତ୍ୟକୃଷ୍ଣ ସ୍ୱାଇଁ, ରାକେଶ ସେନାପତି, ନୀଳାଦ୍ରି ନାଥ ମଙ୍ଗରାଜ, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ସାଇପ୍ରିତମ୍ ପଟ୍ଟନାୟକ, ଝିଲୀ ଲତା ଦାସ, ସନ୍ତୋଷ ପରିଡ଼ା, ବିଷ୍ଣୁ ଚରଣ ମହାନ୍ତି, ସଚ୍ଚିଦାନନ୍ଦ ରାଉତରାୟ, ମନୋଜ କୁମାର ନାୟକ,ପ୍ରଭାତ କୁମାର ନାୟକ ସମେତ ଶତାଧିକ ଝାମୁଆ କର୍ମୀ ଏକତ୍ରିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘାୟୁ ଶୁଭ କାମନା ଉଦ୍ଦେଶ୍ୟରେ ଦୀପ ଦାନ କରିଥିଲେ ।

ହାତରେ ଲଣ୍ଠନ ଓ ବିଂଚଣା ଧରି ଗଣ ଶୋଭାଯାତ୍ରା

ଦଶପଲ୍ଲା, ୧୦/୦୬ (ଆ.ପ୍ର) : ଦଶପଲ୍ଲା ଅଂଚଳରେ ଦୀର୍ଘଦିନ ଧରି ଲାଗି ରହିଥିବା ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ସେବା ପ୍ରଦାନ ଦାବିରେ ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ବୁଧବାର ଏକ ବିଶାଳ ଗଣ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଏଥିରେ ଅଂଚଳର ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଶତାଧିକ ବିଦ୍ୟୁତ ଉପଭୋକ୍ତା ଯୋଗଦେଇ ନିଜର ଦାବି ଉପସ୍ଥାପନ କରିଥିଲେ । ଶୋଭାଯାତ୍ରାଟି ସ୍ଥାନୀୟ ଅଂଚଳରୁ ବାହାରି ସହର ପରିକ୍ରମା କରି ତହସିଲ କାର୍ଯ୍ୟାଳୟରେ ପହଂଚିଥିଲା । ସେଠାରେ ଉପସ୍ଥିତ ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର କୌଣସି କାରଣରୁ ଉପସ୍ଥିତ ନ ଥିବା ବେଳେ ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଅଂଚଳରେ ଘନଘନ ବିଦ୍ୟୁତ କାଟ, ଲୋ - ଭୋଲଟେଜ ସମସ୍ୟା, ବିଦ୍ୟୁତ ଭିତିଭୂମିର ଉନ୍ନତି ସହ ସ୍ଥାୟୀ ବିଦ୍ୟୁତ ସେବା ସୁନିଶ୍ଚିତ କରିବାକୁ ଦାବି କରାଯାଇଥିଲା । ଉତ୍ୟବସରରେ ବିଦ୍ୟୁତ ବିଭ୍ରାଟ ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ବ୍ୟବସାୟିକ କାର୍ଯ୍ୟକଳାପ ଓ ଦୈନନ୍ଦିନ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହେଉଥିବା ବକ୍ତାମାନେ ମତବ୍ୟକ୍ତ କରିଥିଲେ । ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମସ୍ୟାର ସମାଧାନ ନ ହେବାରୁ ଜନଅସନ୍ତୋଷ ବୃଦ୍ଧି ପାଉଥିବା ସେମାନେ ପ୍ରକାଶ କରିଥିଲେ । ସରକାର ଏବଂ ସମ୍ପୃକ୍ତ ବିଦ୍ୟୁତ ବିଭାଗ ତୁରନ୍ତ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ସ୍ଥାୟୀ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଅଧିକ ଜୋରଦାର କରାଯିବ ବୋଲି ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା ।

ଜଗତସିଂହପୁର ହରି ହର ପୀଠରେ ସାମୂହିକ ଦୀପ ଦାନ ଓ ପ୍ରାର୍ଥନା

ଜଗତସିଂହପୁର, ୧୦/୦୬ (ଆ.ପ୍ର) : ସ୍ଥାନୀୟ ପୁରୋହିତପୁର ଠାରେ ଅବସ୍ଥିତ ହରି ହର ମହାଦେବ ମନ୍ଦିରରେ ସେବା ସୁଶାସନ ଓ ଗରିବ କଲ୍ୟାଣର ପ୍ରତୀକ ଭାରତ ର ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ଦୀର୍ଘ ୧୨ ବର୍ଷ ନିରନ୍ତର ଦେଶ ସେବା ଅବସରରେ ବିଜେପି କାର୍ଯ୍ୟକର୍ତ୍ତା ମାନଙ୍କ ଦ୍ୱାର ସାମୂହିକ ଦୀପ ଦାନ ଓ ପାର୍ଥନା କରାଯାଇ ଥିଲା । ଏଥିରେ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ସମ୍ପାଦକ ଚିତ ରଞ୍ଜନ ପଣ୍ଡା ପ୍ରଭୃତି ମନ୍ଦିରର ପୂଜକ ନାରାୟଣ ନାୟକ, ଶିବ ନାୟକ ଓ ଧନେଶ୍ୱର ନାୟକ ପ୍ରଭୃତି ପ୍ରଭୁଙ୍କ ପାର୍ଶ୍ୱରେ ଦୀପ ଲଗାଇବା ସହ ଆଳତିରେ ସାହାଯ୍ୟ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପଳାଶୋଳ ମଣ୍ଡଳ ସଭାପତି ତ୍ରିଲୋକନାଥ ପଣ୍ଡା, ସାଂସଦଙ୍କ ପ୍ରତିନିଧି ସମୀର ରଞ୍ଜନ ନାୟକ, ନଗର ଉପସଭାପତି ଦେବେନ୍ଦ୍ର ତ୍ରିପାଠୀ, ଟୁନିଆ ପଜାଉରୀ, ରଂଜିତ ମହାନ୍ତି, ଅମର ଜିତ, ପ୍ରଦୀପ ଦାସ, ନଳିନୀ ପ୍ରଭା ସାହୁ, ଲତା ନାୟକ ମମତା ବେହେରା ସସ୍ମିତ ଷଡ଼ଙ୍ଗୀ, ନାରାୟଣ ସାମଲ, ବସନ୍ତ ନାୟକ, ବିଜୟ ମହାପାତ୍ର, ତୁଷାର ରଥ, ପ୍ରଭୃତି ଉପସ୍ଥିତ ଥିଲେ.ଶେଷରେ ହର ହର ମହାଦେବ, ନରେନ୍ଦ୍ର ମୋଦି ଜିନ୍ଦାବାଦ ଆଦି ନାରା ଦିଆଯାଇ କାର୍ଯ୍ୟକ୍ରମ ସମାପନ କରାଯାଇ ଥିଲା ।

ଏମଏମଏଫ୍‌ସି ସିନାପାଲି ଚାମ୍ପିୟନ୍: ଗ୍ରାଣ୍ଡ ଫାଇନାଲରେ ଭେଲ୍ଲାକୁ ୧-୦ ଗୋଲରେ ପରାସ୍ତ କରି ଜିତିଲା ଫ୍ଲଡ୍ ଲାଇଟ୍ ଫୁଟ୍‌ବଲ୍ ଟାଇଟଲ୍

ସିନାପାଲି, ୧୦/୦୬ (ଆ.ପ୍ର) : ସିନାପାଲି ଅଂଚଳରେ ଫୁଟବଲ୍ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଓ କ୍ରୀଡ଼ା ଉନ୍ମାଦନା ସୃଷ୍ଟି କରିଥିବା ୨ୟ ଗଗରଭ ଫ୍ଲଡ୍ ଲାଇଟ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ-୨୦୨୬ର ଗ୍ରାଣ୍ଡ ଫାଇନାଲ୍ ମଙ୍ଗଳବାର ସନ୍ଧ୍ୟାରେ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ଏମଏମଏଫ୍‌ସି ସିନାପାଲି ଆୟୋଜିତ ଏହି ପ୍ରତିଯୋଗିତାର ଫାଇନାଲ୍ ମୁକାବିଲାରେ ଗଗରଭ ସିନାପାଲି ଓ ଭେଲ୍ଲା ଦଳ ମଧ୍ୟରେ ରୋମାଂଚକର ଖେଳ ଦେଖିବାକୁ ମିଳିଥିଲା । ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିବା ବେଳେ ଦର୍ଶକମାନେ ଏକ ଉଚ୍ଚମାନର ଫୁଟ୍‌ବଲ୍ ମ୍ୟାଚ୍‌ର ମଜା ଉଠାଇଥିଲେ । ଦ୍ୱିତୀୟାର୍ଦ୍ଧରେ ଏମଏମଏଫ୍‌ସି ସିନାପାଲି ନିର୍ଣ୍ଣାୟକ ଗୋଲ୍ ସ୍କୋର କରି ଭେଲ୍ଲାକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ୍ ଟ୍ରଫି ନିଜ ନାମରେ କରିଥିଲା । ବିଜେତା ଏମଏମଏଫ୍‌ସି ସିନାପାଲି ଦଳକୁ ୭ ହଜାର ଟଙ୍କା ନଗଦ ପୁରସ୍କାର ସହ ଟ୍ରଫି ଏବଂ ରନର୍ସଅପ୍ ଭେଲ୍ଲା ଦଳକୁ ୫ ହଜାର ଟଙ୍କା ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ାର ବିକାଶ ପାଇଁ ଏପରି ଆୟୋଜନର ଭୂମିକାକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଉମ୍ମେଦର ନିଆଲ, ସୁବ୍ରତ ଠାକୁର, ମୀନା ଗିଭେଲା, ମନୀଷ କୁମାର ପଟେଲ, ଏବିଡିଓ ସୁବ୍ରତ କୁମାର ବେହେରା, ଅଭିରଞ୍ଜନ ଯୋଶୀ, ଖୁଦୁରାମ ସୁନାନୀ, ସଞ୍ଜୀବ ପାତ୍ର, ମାଉଳି ପାଣିଗ୍ରାହୀ ଓ ଶରତ ଚନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଫାଇନାଲ୍ ଅବସରରେ ସିନାପାଲି ଅଂଚଳର ୧୦ ଜଣ ପୂର୍ବତନ ଫୁଟବଲ୍ ଖେଳାଳିଙ୍କୁ ସେମାନଙ୍କ କ୍ରୀଡ଼ା ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା, ଯାହା କାର୍ଯ୍ୟକ୍ରମର ଏକ ବିଶେଷ ଆକର୍ଷଣ ପାଲଟିଥିଲା । ବ୍ୟକ୍ତିଗତ ପୁରସ୍କାର ବିଭାଗରେ ଶଙ୍କର ଗୁନା "ମ୍ୟାନ୍ ଅଫ୍ ଦ ସିରିଜ୍", "ମ୍ୟାନ୍ ଅଫ୍ ଦ ଫାଇନାଲ୍" ଓ "ବେଷ୍ଟ ସ୍କୋରର" ଭାବେ ତିନୋଟି ସମ୍ମାନ ହାସଲ କରିଥିଲେ । ଭେଲ୍ଲା ଦଳ "ବେଷ୍ଟ ଡିସିପ୍ଲିନ୍ ଟିମ୍" ପୁରସ୍କାର ପାଇଥିବା ବେଳେ ଭେଲ୍ଲାର ଯୁବ ଖେଳାଳି ପ୍ରଦ୍ୟୁମ୍ନ "ଏମର୍ଜିଙ୍ଗ ପ୍ଲେୟର" ସମ୍ମାନ ଅର୍ଜନ କରିଥିଲେ । ମ୍ୟାଚ୍‌କୁ ଗିଲୁ ମାଝୀ, ଚନ୍ଦ୍ର ମାଝୀ, ବିହାରୀଲାଲ ମସରା ଓ ସୁମନ ମାଝୀ ପରିଚାଳନା କରିଥିବା ବେଳେ ଜାତୀୟ ସ୍ତରୀୟ ଭାଷ୍ୟକାର ପ୍ରକାଶ ଚନ୍ଦ୍ର ପାତ୍ର ଓ ଭାସ୍କର ମାଝୀ ଆକର୍ଷଣୀୟ ଧାରାବିବରଣୀ ପ୍ରଦାନ କରିଥିଲେ । ଏସ୍‌ଡି ବ୍ରଡକାଷ୍ଟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଫାଇନାଲ୍ ମ୍ୟାଚ୍‌ର ସିଧା ପ୍ରସାରଣ ହୋଇଥିବା ବେଳେ ହଜାର ହଜାର ଦର୍ଶକ ଅନଲାଇନରେ ଏହାକୁ ଉପଭୋଗ କରିଥିଲେ । ଏହି ଫ୍ଲଡ୍ ଲାଇଟ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ ସିନାପାଲି ଅଂଚଳରେ କ୍ରୀଡ଼ା ପ୍ରତିଭା ବିକାଶ, ଯୁବପିଢ଼ୀଙ୍କୁ ଖେଳ ପ୍ରତି ଆକୃଷ୍ଟ କରିବା ଏବଂ ଭାଇଚାରାର ବାର୍ତ୍ତା ପ୍ରସାର କରିବାରେ ସଫଳ ହୋଇଥିବା ମତ ପ୍ରକାଶ ପାଇଛି ।

ସିନାପାଲି ସିଏସସିରେ ଅବହେଳା ଅଭିଯୋଗ; ଷ୍ଟାଫ୍ ରୁମ୍ ରାସ୍ତାରେ ଦୀର୍ଘଦିନ ଧରି ପଡ଼ିରହିଛି ଗଛ

ସିନାପାଲି, ୧୦/୦୬ (ଆ.ପ୍ର) : ନୂଆପଡ଼ା ଜିଲ୍ଲାର ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏସସି) ପରିସରରେ ଅବ୍ୟବସ୍ଥା ଏବଂ ଅବହେଳାର ଏକ ଚିତ୍ର ସାମ୍ନାକୁ ଆସିଛି । ହସ୍ପିଟାଲର ଷ୍ଟାଫ୍ ରୁମ୍‌କୁ ଯିବା ମୁଖ୍ୟ ରାସ୍ତା ଉପରେ ଏକ ବଡ଼ ଗଛ ଦୀର୍ଘଦିନ ଧରି ପଡ଼ି ରହିଥିଲେ ମଧ୍ୟ ଏହାକୁ ହଟାଇବା ପାଇଁ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହୋଉଛି । ଏହି ରାସ୍ତା ଦେଇ ପ୍ରତିଦିନ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ ଯାତାୟାତ କରୁଥିବା ବେଳେ ଗଛଟି ରାସ୍ତା ଅବରୋଧ କରି ରହିଥିବାରୁ ସେମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ବିଶେଷକରି ରାତ୍ରିକାଳୀନ ଡ୍ୟୁଟି ସାରି ଫେରୁଥିବା ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଅଧିକ ହଇରାଣ ହେଉଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ଗଛଟି ଯେକୌଣସି ସମୟରେ ଦୁର୍ଘଟଣାର କାରଣ ହୋଇପାରେ । ସମସ୍ୟା ସମ୍ପର୍କରେ ବାରମ୍ବାର ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଠୋସ ପଦକ୍ଷେପ ନିଆଯାଇ ନଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି । ଖବର ପାଇ ଜଣେ ଯୁବ ସମାଜସେବୀ ଘଟଣାସ୍ଥଳରେ ପହଂଚି ସ୍ଥିତିର ସମୀକ୍ଷା କରିଥିଲେ । ସ୍ୱାସ୍ଥ୍ୟକର୍ମୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ପରେ ସେ କହିଥିଲେ ଯେ, ହସ୍ପିଟାଲ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏପରି ସମସ୍ୟା ଦୀର୍ଘଦିନ ଧରି ରହିବା ଦୁଃଖଦ ଏବଂ ଚିନ୍ତାଜନକ । ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସୁରକ୍ଷିତ ଓ ସୁବିଧାଜନକ ପରିବେଶ ସୁନିଶ୍ଚିତ କରିବା ପ୍ରଶାସନର ଦାୟିତ୍ୱ ବୋଲି ସେ ମତ ପ୍ରକାଶ କରିଥିଲେ । ସେ ପ୍ରଶାସନକୁ ତୁରନ୍ତ ଗଛଟିକୁ ହଟାଇ ରାସ୍ତାକୁ ସ୍ୱାଭାବିକ କରିବାକୁ ଦାବି କରିଛନ୍ତି । ଖୁବଶୀଘ୍ର ସମସ୍ୟାର ସମାଧାନ ନ ହେଲେ ସ୍ଥାନୀୟ ଲୋକଙ୍କୁ ସାଙ୍ଗରେ ନେଇ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି । ବର୍ତ୍ତମାନ ହସ୍ପିଟାଲ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ନଜର ପ୍ରଶାସନ ଉପରେ ରହିଛି । କେବେ ଗଛଟିକୁ ହଟାଯାଇ ରାସ୍ତାକୁ ଚଳାଚଳ ଉପଯୋଗୀ କରାଯିବ, ତାହାକୁ ନେଇ ଅଂଚଳରେ ଚର୍ଚ୍ଚା ଜୋର ଧରିଛି ।

ଆଇପିଏଲ୍ ଢାଂଚାରେ ହେବ ହ୍ୟାଣ୍ଡବଲ୍ ଖେଳ

ଜଗତସିଂହପୁର,୧୦/୦୬ (ଆ.ପ୍ର) : ଜଗତସିଂହପୁର ଜିଲ୍ଲାର ଏକ ପୁରାତନ ତଥା ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ପି ଟି ଉଷା ସ୍ପୋର୍ଟସ୍ କ୍ଲବ୍ ତାର ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବାକୁ ଯାଉଛି । ଏହି ଅବସରରେ ବିଭିନ୍ନ କ୍ରୀଡାର ଆୟୋଜନ କରାଯାଉଛି । ଏଥିପାଇଁ ଆସନ୍ତା ୧୨ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲାର ବଛା ବଛା ହ୍ୟାଣ୍ଡବଲ୍ ଖେଳାଳୀ ମାନଙ୍କୁ ନେଇ ଆଇପିଏଲ ଢାଂଚାରେ ୪ ଗୋଟି ଫ୍ରାଂଚାଇଜ୍ ଭିତ୍ତିକ ଦଳ ମଧ୍ୟରେ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହେବ । ଏହି ଟୁର୍ଣ୍ଣାମେଂଟ୍ କାବୁଆପଡାଠାରେ ଅନୁଷ୍ଠିତ ହେବ । ସେହିପରି ୧୫ ତାରିଖ ଦିନ ଜିଲ୍ଲାର ପୂର୍ବତନ କ୍ରିକେଟ୍ ଖେଳାଳୀ ମାନଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ମୁହୁପୁର ଖେଳ ପଡିଆରେ ଅନୁଷ୍ଠିତ ହେବ ଏବଂ ସେହିଦିନ ରଜ ଅବସରରେ ଦୋଳି, ପୁଚି ଆଦି ମନୋରଞ୍ଜନଧର୍ମୀ ଖେଳ ମଧ୍ୟ ଅନୁଷ୍ଠିତ ହେବ ବୋଲି ପି ଟି ଉଷା ସ୍ପୋର୍ଟସ୍ କ୍ଲବ୍‌ର ପ୍ରତିଷ୍ଠାତା ପ୍ରିୟନାଥ ରାୟ ଜଣାଇଛନ୍ତି । ଏଥିସହିତ ବର୍ଷ ତମାମ ଫୁଟବଲ୍, ଭଲିବଲ୍ ଆଦି ଖେଳ ଆୟୋଜନ ସହିତ ଆସନ୍ତା ଡ଼ିସେମ୍ବର ମାସରେ ଉତ୍ସବ ଉଦଯାପିତ ହେବ ।

ଡ୍ରେନ ନିର୍ମାଣରେ ବାଧକ ସାଜୁଛି କୁଟରାଜନୀତି

ପାରଳାଖେମୁଣ୍ଡି, ୧୦/୦୬ (ଆ.ପ୍ର) : ପାରଳାଖେମୁଣ୍ଡି ମୁଖ୍ୟରାସ୍ତାର ଶ୍ରୀକୃଷ୍ଣ ସିନେମା ହଲ ସମ୍ମୁଖ ରେ ଥିବା ପଟ୍ଟନାୟକ ବନ୍ଧର ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଛି । ଏହା ନିକଟରେ ଥିବା ପୁରାତନ ଏକ ଡ୍ରେନର ଦୂଷିତ ପାଣି ପଟ୍ଟନାୟକ ବନ୍ଧ ଭିତରେ ପଶି ପୋଖରୀର ପାଣି ଦୂଷିତ ହେଉଥିଲା । ସ୍ଥାନୀୟ ଲୋକ ବିରୋଧ କରି ବିଧାୟକ ରୂପେଶ ପାଣିଗ୍ରାହୀଙ୍କୁ ଲିଖିତ ଭାବେ ଅଭିଯୋଗ କରି ଏହି ଡ୍ରେନଟି ବନ୍ଧ ଭିତରକୁ ନଦେଇ ଗୁମ୍ମା ନାଳକୁ ସଂଯୋଗ କରିବା ପାଇଁ ନିବେଦନ କରିଥିଲେ । ବିଧାୟକ ତୁରନ୍ତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅଭିଷେକ ସେଠିଙ୍କୁ ସମସ୍ୟା ସମ୍ପର୍କରେ ଆଲୋଚନା କରି ତୁରନ୍ତ ଏହି ଡ୍ରେନଟି ଗୁମ୍ମା ନାଳକୁ ସଂଯୋଗ କରିବା ସହ ଉଚ୍ଚ ଧରଣର ଡ୍ରେନ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଯାହା କିଛି ଦିନ ପୂର୍ବେ କିଛି ଖବର କାଗଜ ଓ ନ୍ୟୁଜ ଚ୍ୟାନେଲ ରେ ପ୍ରସାରଣ ମଧ୍ୟ ହୋଇଥିଲା । ଏହା ପରେ ଏହାକୁ ନେଇ ଆରମ୍ଭ ହୋଇଥିଲା କୁଟ ରାଜନୀତି । ରାଜନୈତିକ ଆରୋପ ପ୍ରତ୍ୟାରୋପ ମଧ୍ୟରେ ଡ୍ରେନ କାର୍ଯ୍ୟକୁ ବନ୍ଦ କରିବା ସହ ସହରର ଉନ୍ନତି କରଣରେ ବାଧା ସୃଷ୍ଟି ହୋଇଛି । ନିଜେ ଶାସକ ଦଳର କିଛି ମୁଷ୍ଟିମେୟ ଲୋକ ମଧ୍ୟ ଏହାର ବିରୋଧ କରୁଥିବା ଦେଖିବାକୁ ମିଳୁଛି ।

ବାଇକ ଚାଳକଙ୍କୁ ମାଡ ମାରି ଲୁଟ ଘଟଣାରେ ୫ ଡ଼କାୟତ ଗିରଫ : ଲୁଟ୍ ସାମଗ୍ରୀ ଜବତ

ବାଲିଗୁଡ଼ା, ୧୦/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୋଲିସକୁ ମିଳିଲା ବଡ଼ ସଫଳତା । ୫ ଡକାୟତଙ୍କୁ ବାନ୍ଧିଲା ବାଲିଗୁଡ଼ା ପୋଲିସ୍ । ବାଲିଗୁଡ଼ା-ଖମଣଖୋଲ ରାସ୍ତା ଡାବୁଡାକା ଘାଟିରେ ହୋଇଥିଲା ଡ଼କାୟତି । ଜଣେ ବ୍ୟକ୍ତିଙ୍କୁ ମାଡମାରି ୨୦ ହଜାର ଟଙ୍କା, ବାଇକ୍ ଓ ମୋବାଇଲ୍ ଲୁଟି ନେଇଥିଲେ ଦୁର୍ବୃତ୍ତ ଚୋରି ସାମଗ୍ରୀ ଉଦ୍ଧାର ସହ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ୍ । ଅଭିଯୁକ୍ତଙ୍କ ନିକଟରୁ ୩ଟି ବାଇକ୍,୪ଟି ମୋବାଇଲ୍ ଫୋନ୍ ସମେତ ୨୦ ହଜାର ଟଙ୍କା ଜବତ ହୋଇଛି । ସୂଚନା ଅନୁଯାୟୀ ଗତ ୮ ତାରିଖ ଦିନ ସକାଳ ପ୍ରାୟ ୧୦ଟା ସମୟରେ ଅଜୟ କୁମାର ନାମକ ଜଣେ ବ୍ୟକ୍ତି ନିଜ ମୋଟରସାଇକେଲ ଯୋଗେ ବାରଖମାରୁ ବାହାରି ବଲାଙ୍ଗୀର ଯାଉଥିଲେ । ଯିବା ବାଟରେ ଡାବୁଡାକା ଘାଟିରେ ଦୁଇଟି ମୋଟରସାଇକେଲରେ ୫ଜଣ ଦୁର୍ବୃତ୍ତ ହଠାତ୍ ଆସି ଅଜୟଙ୍କୁ ଅଟକାଇ ମାଡ଼ ମାରିବା ସହ ସେ ଧରିଥିବା ନଗଦ ୨୦ ହଜାର ଟଙ୍କା, ମୋବାଇଲ୍ ଫୋନ୍ ଓ ତାଙ୍କ Hero HF Deluxe ମୋଟରସାଇକେଲ ଛଡ଼ାଇ ନେଇଯାଇଥିଲେ । ଅଜୟ କୁମାର ସେଠାରୁ ଫେରି ବାରଖମା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । କେଶ ନଂ.୧୪୪/୨୬ ର ଅଭିଯୋଗ ପ୍ରକାରେ ଫାଣ୍ଡି ଅଧିକାରୀ ଅମରେନ୍ଦ୍ର ବାହୁବଳୀ ସୁବୁଦ୍ଧି ତ୍ୱରିତ ପଦକ୍ଷେପ ନେବା ସହ ଘଟଣାରେ ସମ୍ପୃକ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ଅଂଚଳର ଅଜିତ୍ ସାହୁ ଓ ଅର୍ଣ୍ଣିଷ ପଟେଲ, ସମ୍ବଲପୁର ଜିଲ୍ଲା ଧମା ଥାନା ଅଂଚଳର ରାଜନାଥ ଅମାତ୍, ସୁବର୍ଣ୍ଣପୁର ଜିଲ୍ଲା ଏସ.ରାମପୁର ଥାନା ଅଂଚଳର ଗିରିକ୍ ଖମାରୀ ଓ ଶିବ ପଟେଲ୍ ହୋଇଥିବା ବେଳେ ଏନେଇ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଛି ।

ବିଡମ୍ବନା 'ବାସନ୍ଦ' ଆଗରେ ହାରିଗଲା ମାନବିକତା, ମା'ର ଶେଷକୃତ ସମାପନ କଲା ପ୍ରଶାସନ

ବଣାଇଁ, ୧୦/୦୬ (ଆ.ପ୍ର) : ସମାଜ ମଣିଷକୁ ଏକାଠି କରିବା ପାଇଁ ଗଢ଼ାଯାଇଥାଏ । କିନ୍ତୁ ସେହି ସମାଜ ଯେତେବେଳେ ଜଣେ ଅସହାୟ ମା' ଓ ଝିଅଙ୍କ ଜୀବନରେ ଦୁଃଖର ପାହାଡ଼ ହୋଇ ଛିଡ଼ା ହୁଏ, ସେତେବେଳେ ପ୍ରଶ୍ନ ଉଠେ ମାନବିକତା କେଉଁଠି ? ସୁନ୍ଦରଗଡ଼ ଜିଲ୍ଲା ବଣାଇ ବ୍ଲକ ମହୁଲଡିହା ଗାଁରେ ଏପରି ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଥିଲା । ଖାସି, ଚାଉଳ ଓ ଟଙ୍କା ଦେଇ ନପାରିବାରୁ ଦୀର୍ଘ ୧୨ ବର୍ଷ ହେଲା ମା' ଓ ଝିଅ ସମାଜରୁ ବାସନ୍ଦ ହୋଇ ରହିଛନ୍ତି । ସାମାଜିକ ବାସନ୍ଦର ଭୟ ଏତେ ଥିଲା, ଗାଁର କେହି ଜଣେ ବି ଦୀର୍ଘ ୧୨ ବର୍ଷ ହେବ ମା'ଝିଅ ପାଖ କେହି ମାଡ଼ିଲେ ନାହିଁ । ଏପରିକି ପୁଅ ବୋହୂ ମଧ୍ୟ ବାସନ୍ଦର ଗାର ଡେଇଁବାର ସାହସ କରିପାରି ନଥିଲେ । ଗତକାଲି ଆମେ ଏ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଖବର ପ୍ରସାରଣ କରିଥିଲୁ । ଦୁର୍ଭାଗ୍ୟର କଥା ଆଜି ସେହି ଝିଅର ମା ଆଖି ବୁଜି ଆରପାରିକୁ ଚାଲିଗଲେ । ଝିଅ ବର୍ତ୍ତମାନ ଅବାକ୍ ହୋଇ ସ୍ତବ୍ଧ ପାଲଟି ଯାଇଛି । ଅତ୍ୟାଧୁନିକ ଭାରତରେ ସାମାଜିକ ବ୍ୟବସ୍ଥାର ଏଭଳି ବିଡ଼ମ୍ବନା ଚିତ୍ର ଏବେ ମଧ୍ୟ ଦେଖିବାକୁ ମିଳୁଛି ଯେଉଁଠି ସାମାଜିକ ବାସନ୍ଦର ତିନି ଗାର ଡେଇଁବାକୁ ସାହସ କରିପାରୁନି ମାନବିକତା । ସେଥିପାଇଁ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଚିତ୍ର । ସମାଜ ଯେତେବେଳେ ଦୂରେଇ ଗଲା ଶେଷ ସାହାରା ସାଜିଲା ପ୍ରଶାସନ । ଉକ୍ତ ପରିବାରକୁ ଯାଇ ମାଉ ଶେଷ କୃତ୍ୟ ସଂପନ୍ନ କରି ଆଗକୁ ବଂଚିବାର ରାହା ଦେଖାଇଛି ପ୍ରଶାସନ । ଏହି ସମ୍ବେଦନଶୀଳ କୁପ୍ରଥା ବିଷୟରେ ଆଜି ଆମେ କିଛି ସମାଜସେବୀ, ବୁଦ୍ଧିଜୀବୀଙ୍କୁ ନେଇ ବିଶ୍ଳେଷଣ କରିଥିଲୁ - (ପ୍ରଭାତୀ ମୁଣ୍ଡାରୀ, ସମାଜସେବୀ) ପ୍ରାୟ ୧୫ ବର୍ଷ ତଳେ ଅନ୍ୟତ୍ର ପଳାଇ ଯାଇଥିବା ଅଭିଯୋଗରେ ପ୍ରଭାତୀଙ୍କୁ ସମାଜ ଦଣ୍ଡ ଦେଇଥିଲା । ଖାସି, ଚାଉଳ ଓ ଟଙ୍କା ଦେଇ ସମାଜରେ ମିଶିବାକୁ କୁହାଯାଇଥିଲା । କିନ୍ତୁ ଦାରିଦ୍ର୍ୟ ତାଙ୍କୁ ସେହି ଦଣ୍ଡ ପୂରଣ କରିବାର ସୁଯୋଗ ଦେଇନଥିଲା । ଫଳରେ ୧୨ ବର୍ଷ ହେଲା ସମାଜରୁ ବାସନ୍ଦ । ଆଜି ସେ ପଚାରୁଛନ୍ତି, ଭୁଲ କରିଥିଲି ବୋଲି କଣ ସାରା ଜୀବନ ଦଣ୍ଡ ଭୋଗିବି ? ମା'ର ଶେଷ ସମୟରେ ମଧ୍ୟ କି ମିଳିବ ନାହିଁ ସମାଜର ସହଯୋଗ? (ଏଲିନା, ସମାଜସେବୀ, ମହୁଲଡିହା) ଏହି ଘଟଣା କେବଳ ଗୋଟିଏ ପରିବାରର କାହାଣୀ ନୁହେଁ, ଏହା ସମାଜ ଓ ମାନବିକତା ପାଇଁ ଏକ ବଡ଼ ପ୍ରଶ୍ନ । ଜଣେ ଝିଅ ଦୀର୍ଘ ୧୨ ବର୍ଷ ଧରି ନ୍ୟାୟର ଅପେକ୍ଷାରେ ଅଛନ୍ତି । ମା'ର ଶେଷ ସମୟରେ ସେ ଚାହୁଁଥିଲେ କେବଳ ସମାଜର ସ୍ୱୀକୃତି ଓ ସହଯୋଗ । (ପ୍ରଦ୍ୟୁମ୍ନ ତ୍ରିପାଠୀ, ବରିଷ୍ଠ ଓକିଲ, ବଣାଇଁ) ଆଇନ ବିଶେଷଜ୍ଞଙ୍କ ମତରେ, କୌଣସି ବ୍ୟକ୍ତିଙ୍କୁ ଏଭଳି ସମାଜରୁ ବାସନ୍ଦ କରି ମୌଳିକ ଅଧିକାରରୁ ବଂଚିତ କରିବା ଆଇନ ସମ୍ମତ ନୁହେଁ । ଏଭଳି ଘଟଣା ବିରୋଧରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବା ଆବଶ୍ୟକ । (ଅଶୋକ କୁମାର ଦାସ, ଉପଜିଲ୍ଲାପାଳ ବଣାଇଁ) ଘଟଣା ସମ୍ପର୍କରେ ଉପଜିଲ୍ଲାପାଳଙ୍କୁ ପଚାରିବାରୁ ସେ ଏହାକୁ ଗୁରୁତ୍ୱର ସହ ନେଇଛନ୍ତି । ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆଜି ପ୍ରଶାସନ ତାଙ୍କ ପରିବାରରେ ପହଂଚି ତାଙ୍କ ମା'ଙ୍କ ଶବକୁ ଶେଷକୃତ୍ୟ ସମାପନ କରିଛୁ ପରବର୍ତ୍ତୀ ସମୟରେ ଆବଶ୍ୟକ ପଦକ୍ଷେପ ନିଆଯିବ । ଖାସି, ଚାଉଳ ଓ କିଛି ଟଙ୍କା ପାଇଁ ଯଦି ଜଣେ ଅସହାୟ ମା' ଓ ଝିଅଙ୍କୁ ୧୨ ବର୍ଷ ଧରି ସମାଜରୁ ଅଲଗା କରି ରଖାଯାଏ, ତେବେ ଏହା କେବଳ ଗୋଟିଏ ପରିବାରର ଦୁଃଖ ନୁହେଁ, ଏହା ଆମ ସମାଜର ବିବେକ ପାଇଁ ଏକ କଠିନ ପ୍ରଶ୍ନ । ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନର ପଦକ୍ଷେପ ଏହି ମା'-ଝିଅଙ୍କ ଜୀବନରେ ନ୍ୟାୟ ଓ ସମ୍ମାନ ଫେରାଇ ପାରୁଛି କି ନାହିଁ । ଅନ୍ୟପକ୍ଷରେ ସାମାଜିକ ବାସନ୍ଦ ନାଁରେ ଏଭଳି ଅମାନବିକତାର ସବୁ ସ୍ତରରେ ନିନ୍ଦା କରାଯାଇଛି । ପ୍ରଶାସନ ଏ ଦିଗରେ କେବଳ ଆଇନଗତ ନୁହେଁ, ସାମାଜିକ ସ୍ତରରେ ସଂସ୍କାର ଆଣିବା ପାଇଁ ପଦକ୍ଷେପ ନେଉ ବୋଲି ବୁଦ୍ଧିଜୀବୀ ମହଲରେ ମତ ରଖିଛନ୍ତି ।

ମା' ସରସ୍ୱତୀ ଶିଶୁମନ୍ଦିର ଖେରସର ଉନ୍ନବିଂଶ ବାର୍ଷିକ ଉତ୍ସବ ପାଳିତ

ଜଗତସିଂହପୁର, ୧୦/୦୬(ଆ.ପ୍ର): ମା'ସରସ୍ୱତୀ ଶିଶୁମନ୍ଦିର, ଖେରସର ଉନ୍ନବିଂଶ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଥିଲା । ଏହି ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଅମରେନ୍ଦ୍ର ଦାସ, ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ, ଜଗତସିଂହପୁର, ମୁଖ୍ୟ ବକ୍ତା ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ମହାରାଜ, ସମ୍ପାଦକ, ଓଡିଶା ସାଧୁସନ୍ଥ ସମାଜ ଓ ଅନ୍ତର୍ଜାତୀୟ ଜଗନ୍ନାଥ ମହିମା ପ୍ରଚାରକ, ସମ୍ମାନନୀୟ ଅତିଥି ପ୍ରେମାନନ୍ଦ ଲେଙ୍କା, ଡ଼ିଏସ୍‌ପି ସ୍ୱତନ୍ତ୍ର ଶାଖା, ଜଗତସିଂହପୁର, ମଧୁସୂଦନ ସାହୁ, ପୂର୍ବତନ ପୌରାଧ୍ୟକ୍ଷ, ଜଗତସିଂହପୁର, ଉପଦେଷ୍ଟା ମା' ସରସ୍ୱତୀ ଶିଶୁ ମନ୍ଦିର, ଖେରସ, ଦେବାଶିଷ ସ୍ୱାଇଁ, ପାରିଷଦ, ୱାର୍ଡ ନଂ - ୧୭, ଜଗତସିଂହପୁର ପୌରପରିଷଦ, ଅଭୟ କୁମାର ଦାସ, ସଭାପତି, ମା' ସରସ୍ୱତୀ ଶିଶୁ ମନ୍ଦିର, ଖେରସ, ସ୍ମୃତିରଞ୍ଜନ ପରିଡା, ସମ୍ପାଦକ, ମା'ସରସ୍ୱତୀ ଶିଶୁ ମନ୍ଦିର, ଖେରସ, ସତ୍ୟରଞ୍ଜନ ସାହୁ, ଉପସଭାପତି, ମା'ସରସ୍ୱତୀ ଶିଶୁ ମନ୍ଦିର,ଖେରସ, ବିଶ୍ୱନାଥ ସ୍ୱାଇଁ, ସହସମ୍ପାଦକ, ମା' ସରସ୍ୱତୀ ଶିଶୁ ମନ୍ଦିର, ଖେରସ, ବରଣ୍ୟ ଅତିଥିମାନେ ଉପସ୍ଥିତ ରହି ଛାତ୍ର ଛାତ୍ରୀମାନେ ଭଲ ପାଠ ପଢି ଜଣେ ଜଣେ ପ୍ରଶାସନିକ ଅଧିକାରୀ ଏବଂ ସବୁ କ୍ଷେତ୍ରରେ ଅଗ୍ରଣୀ ହୋଇ ଜଗତସିଂହପୁର ମା' ସରସ୍ୱତୀ ଶିଶୁମନ୍ଦିର, ଖେରସର ସୁନାମ ରଖନ୍ତୁ । ତାପରେ ଛାତ୍ର ଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସୁନାମ ଅର୍ଜନ କରିଥିବା ସମସ୍ତଙ୍କୁ ପୁରସ୍କୃତ କରାଯାଇଥିଲା ଓ ଜଗତସିଂହପୁର ଜିଲ୍ଲା କଳିଙ୍ଗ ଟିଭି ଓ କନକ ଟିଭିର ପ୍ରତିନିଧି, ସମାଜ ସେବୀ,ଗୁରୁଜୀ, ଗୁରୁମା ସମସ୍ତଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥିମାନେ ସମ୍ମାନୀତ କରିଥିଲେ । ଶେଷରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ନିମନ୍ତେ ସଚେତନତା

ଜଗତସିଂହପୁର, ୧୦/୦୬ (ଆ.ପ୍ର) : ଜଗତସିଂହପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସ ଆଇ ଆର ପ୍ରକ୍ରିୟା ଆରମ୍ଭ ହେବା ସହ ବୁଥ ସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ପରିଗଣନା ଫର୍ମ ବଂଟନ କରୁଛନ୍ତି । ଏହି କ୍ରମରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ସ୍ୱତନ୍ତ୍ର ସେଲ୍ଫି ଜୋନ ଓ ମତଦାତା ସହାୟତା କେନ୍ଦ୍ରର ଶୁଭାରମ୍ଭ ହୋଇଯାଇଛି । ୧୦୨ ତିର୍ତୋଲ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ରଞ୍ଜନ ରାୟ, ୧୦୩ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସମିତ କୁମାର ରାଉତ,୧୦୪ ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ଦରାଇ ଏହି ଜୋନରେ ସେଲ୍ଫି ଉଠାଇବା ସହ ମତଦାତା ମାନଙ୍କୁ ବିଏଲଓଙ୍କ ଦ୍ୱାରା ପରିଗଣନା ଫର୍ମ ବଂଟନ ଓ ପୂରଣ ସଂପର୍କରେ ସଚେତନ କରିଥିଲେ । ଏଥିସହିତ ସମସ୍ତଙ୍କୁ ଏସ ଆଇ ଆର ପ୍ରକ୍ରିୟା ରେ ସାମିଲ ହୋଇ ଏକ ସ୍ୱଚ୍ଛ ଓ ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ସହାୟତା ପାଇଁ ସଚେତନ କରିଛନ୍ତି । ଡେପୁଟି କଲେକ୍ଟର ତଥା ସ୍ୱିପ ନୋଡାଲ ଅଧିକାରୀ ଦୃପ୍ତିମୟୀ ପ୍ରଧାନ ଓ ଅନ୍ୟ ଅଧିକାରୀ ମାନେ କାର୍ଯ୍ୟାଳୟକୁ ଆସୁଥିବା ନାଗରିକ ମାନଙ୍କୁ ପରିଗଣନା ଫର୍ମ ପୂରଣ ବିଷୟରେ ଅବଗତ କରିଥିଲେ । ଅନଲାଇନ୍ ମାଧ୍ୟମରେ voters.eci.gov.in ରେ ସେମାନେ ନିଜର ପଞ୍ଜୀକରଣ କରିପାରିବେ ଓ କୌଣସି ଅସୁବିଧା ହେଲେ ଟୋଲ୍ ଫ୍ରି ନମ୍ବର ୧୯୫୦ ରେ କଲ କରିପାରିବେ ବୋଲି ସୂଚନା ଦେଇଥିଲେ । ଜୁନ୍ ୨୮ ଯାଏଁ ଏହି ପ୍ରକ୍ରିୟା ଚାଲିବ । ପୂରଣ ହୋଇଥିବା ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ । ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ, ଏଲଓ, ବିଏଲଓ ସୁପରଭାଇଜର ମାନେ ଉପସ୍ଥିତ ଥିଲେ ।

କୁରୁମପୁରୀରେ ଯାନ୍ତ୍ରିକ ପ୍ରତ୍ୟକ୍ଷ ବିହନ ବୁଣା ପ୍ରଶିକ୍ଷଣ: ଆଧୁନିକ ଧାନ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବୃଦ୍ଧି

ନୂଆପଡ଼ା, ୧୦/୦୬ (ଆ.ପ୍ର) : ନୂଆପଡ଼ା ଜିଲ୍ଲାର କୁରୁମପୁରୀଠାରେ ବୁଧବାର ଯାନ୍ତ୍ରିକ ପ୍ରତ୍ୟକ୍ଷ ବିହନ ବୁଣା ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଛି । ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, କୃଷି ବିଭାଗ ଏବଂ ଭରସା ଏନଜିଓର ମିଳିତ ସହଯୋଗରେ ଏହି ପ୍ରଶିକ୍ଷଣ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ଗ୍ରାମ କୃଷି କର୍ମଚାରୀ, କୃଷି ଅଧିକାରୀ, ଚାଷୀ ଓ ଟ୍ରାକ୍ଟର ଚାଳକଙ୍କୁ ମିଶାଇ ପ୍ରାୟ ୭୦ ଜଣ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣ ସମୟରେ ବୈଜ୍ଞାନିକମାନେ ଏହି ପ୍ରଣାଳୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ପଦ୍ଧତି ମାଧ୍ୟମରେ ଜଳ ଓ ଶ୍ରମ ସଂଚୟ ସହ ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇବା ସହିତ ଧାନ ଚାଷକୁ ଅଧିକ ଲାଭଜନକ କରାଯାଇପାରିବ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ଚାଷୀ ଓ ଟ୍ରାକ୍ଟର ଚାଳକମାନଙ୍କୁ mDSR ଯନ୍ତ୍ରର ବ୍ୟବହାର, ବିହନ ବୁଣା ପ୍ରକ୍ରିୟା ଏବଂ ଫସଲ ପରିଚାଳନା ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା । ଏହି ପ୍ରଶିକ୍ଷଣ ମାଧ୍ୟମରେ ଆଧୁନିକ କୃଷି ପ୍ରଯୁକ୍ତିର ପ୍ରସାର ଘଟିବା ସହ ଅଂଚଳର ଚାଷୀମାନଙ୍କ ମଧ୍ୟରେ ଯାନ୍ତ୍ରିକ ପ୍ରତ୍ୟକ୍ଷ ବିହନ ବୁଣା ପ୍ରଣାଳୀ ପ୍ରତି ଆଗ୍ରହ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ଭାରତ ସରକାରଙ୍କ ବିପର୍ଯ୍ୟୟ ପ୍ରଶମନ ବିଭାଗ, ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, IRRI ଏବଂ ICRISATର ମିଳିତ ସହଯୋଗରେ ନୂଆପଡ଼ା ଜିଲ୍ଲାର କୋମନା ବ୍ଲକର ୧୭ଟି ଗ୍ରାମରେ ବିଭିନ୍ନ କୃଷିଭିତ୍ତିକ କାର୍ଯ୍ୟକ୍ରମ ଚାଲୁ ରହିଛି । ଏହି ପଦକ୍ଷେପଗୁଡ଼ିକ ମରୁଡ଼ି ଜନିତ କ୍ଷତି କମାଇବା ସହ ଚାଷୀମାନଙ୍କ ଜୀବନ ଓ ଜୀବିକାର ଉନ୍ନତିରେ ସହାୟକ ହେବ ବୋଲି ସମ୍ପୃକ୍ତ ଅଧିକାରୀମାନେ ମତ ପ୍ରକାଶ କରିଛନ୍ତି ।

ମତ୍ସ୍ୟ ବିଭାଗ ତରଫରୁ ବ୍ଲକସ୍ତରୀୟ ଏକ ବିବସାୟ ତାଲିମ୍ ଶିବିର

ଧାମନଗର, ୧୦/୦୬ (ଆ.ପ୍ର) : ଧାମନଗର ପଂଚାୟତ ସମିତି ପରିସରରେ ମତ୍ସ୍ୟ ବିଭାଗ ତରଫରୁ ବ୍ଲକ ସ୍ତରୀୟ ଏକ ଦିବସୀୟ ତାଲିମ୍ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ତାଲିମ୍ ଶିବିରରେ ଅନେକ ମତ୍ସ୍ୟ ପରିବାରର ସଦ୍ୟସ ମାନେ ଯୋଗ ଦେଇଥିଲେ ଏବଂ କେଉଁ ଭଳି ଭାବରେ ମାଛ ଚାଷ କଲେ ଅଧିକ ମାଛ ଉପାଦନ ହୋଇ ପାରିବ ତା ବିଷୟରେ ଅଧିକ ଆଲୋଚନା ହୋଇ ମାଛ ଚାଷୀ ମାନଙ୍କୁ ଅବଗତ କରାଯାଇ ଥିଲା । କେଉଁ ଭଳି ମାଛ ଚାଷ କଲେ ଅଧିକ ମାଛ ବଢ଼ି ପାରିବେ ସେ ବିଷୟରେ ଆଲୋଚନା କରାଯାଥିଲା. କମ ଖର୍ଚ୍ଚ କରି କେମିତି ଅଧିକ ଉପାଦନ କରି ପାରିବ ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇ ମାଛ ଚାଷୀଙ୍କୁ କେଉଁ ଭଳି ସରକାରଙ୍କ ତରଫରୁ ଦିଆ ଯାଉଥିବା ସବସିଡି ଓ ଅର୍ଥ ରାଶିକୁ କେଉଁ ଭଳି ଭାବରେ ଚାଷୀ ମାନେ ଉପଯୋଗ କରି ଆଗକୁ କେଉଁ ଭଳି ଭାବରେ ବଢ଼ି ପାରିବେ ସେ ଦିଗରେ ମଧ୍ୟ ଆଲୋଚନା କରାଗଲା ଏବଂ ଏହ ସଭାକୁ ପରିଚାଳନା କରୁଥିଲେ ଧାମନଗର ବ୍ଲକର ଏଫଓ ଆୟୁଷ ମାନ କର । ଏବଂ ଧାମନଗର ବ୍ଲକର ବିଡ଼ିଓ ଏବଂ ଭଦ୍ରକ ଜିଲ୍ଲାର ଡ଼ିଓଫ ଅମର ସାହୁ ଏବଂ ଭଦ୍ରକ ଜିଲ୍ଲା ତାଲିମ୍ କେନ୍ଦ୍ର ରାଣୀତାଲର ବଜ୍ଞାନିକ ବିଶ୍ୱ ରଞ୍ଜନ ସାମନ୍ତ ରାଏ ଓ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ ଓ ଭଦ୍ରକ ଜିଲ୍ଲା ପରିଷଦ ଉପସଭାପତି ତୁନିବାଳା ବିଶାଳ ଓ ଧାମନଗରର ଭାଇସ ଚିୟାରମେନ ଜଗବନ୍ଧୁ ବେହେରା ଓ ଧାମନଗର ଅଂଚଳରୁ ଆସିଥିବା ମତ୍ସ୍ୟ ଚାଷୀ ମାନେ ନିଜର ମତାମତ ଦେଇ ସଭାକୁ ସମାପ୍ତ କରିଥିଲେ ।

କନ୍ଧମାଳ ଜିଲ୍ଲାର ବରିଷ୍ଠ ପ୍ରତିଷ୍ଠିତ ବ୍ୟକ୍ତି ସିମାଂଚଳ ଆଚାର୍ଯ୍ୟଙ୍କ ପରଲୋକ

ବାଲିଗୁଡା, ୧୦/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ଜଣାଶୁଣା ବରିଷ୍ଠ ପ୍ରତିଷ୍ଠିତ ବ୍ୟକ୍ତି, କଂଗ୍ରେସ ନେତା, ଠିକାଦାର, ବ୍ୟବସାୟୀ ତଥା ବାଲିଗୁଡା ସ୍ଥିତ ପାଟଖଣ୍ଡା ଫୁଏଲସର ପ୍ରତିଷ୍ଠାତା ସିମାଂଚଳ ଆଚାର୍ଯ୍ୟ (୭୦)ଙ୍କ ବୁଧବାର ସକାଳେ ବାଲିଗୁଡା ନିଜ ବାସ ଭବନରେ ପରଲୋକ ହୋଇଯାଇଛି । ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସେ ଏକା ଧାରରେ ଜଣେ ମେଳାପୀ, ପରୋପକାରୀ, ବନ୍ଧୁ ବତ୍ସଳ, ତଥା ବିଚକ୍ଷଣ ରାଜନୀତିଜ୍ଞ ଭାବେ ବେଶ ଜଣାଶୁଣା ଥିବା ସହ ତାଙ୍କ ରାଜନୀତି କ୍ୟାରିଅର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେ କଂଗ୍ରେସ ଦଳରେ ନିଷ୍ଠାପର ଭାବେ କାର୍ଯ୍ୟ କରି ରାଜ୍ୟ ତଥା ଜିଲ୍ଲା ସ୍ତରରେ ବିଭିନ୍ନ ପଦ ପଦବୀ ରେ ରହି ଆସିଥିଲେ । ତାଙ୍କ ବିୟୋଗରେ ପରିବାର, ସମ୍ପର୍କୀୟ ଓ ଶୁଭେଚ୍ଛୁମାନେ ଗଭୀର ମର୍ମାହତ ହୋଇଛନ୍ତି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତି, ନାତୁଣୀ ସମେତ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ମୃତ୍ୟୁ ଖବର ପାଇ ବନ୍ଧୁ ପରିଜନ ଓ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ପହଂଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ଆଚାର୍ଯ୍ୟଙ୍କ ମର ଶରୀରକୁ ନିଜ ବାସଭବନ ଠାରୁ ଏକ ବିରାଟ ପଟୁଆର ରେ ସମଗ୍ର ସହର ପରିକ୍ରମା କରିବା ସମୟରେ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ସଦସ୍ୟ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶେଷ ଦର୍ଶନ କରିଥିଲେ । ପରିବାରର ସମସ୍ତ ସଦସ୍ୟଙ୍କ ଉପସ୍ଥିତରେ ପୁରୀ ସ୍ଥିତ ସ୍ୱର୍ଗଦ୍ୱାର ଠାରେ ବଡ଼ ପୁଅ ମାନସ ରଞ୍ଜନ ଆଚାର୍ଯ୍ୟ ମୁଖାଗ୍ନି ଦେଇ ଅନ୍ତିମ ସଂସ୍କାର କରିଥିଲେ ।

ମହିଳାମାନେ ରକ୍ତଦାନ ଉଦାହରଣ ସାଜିଲେ, ମୋଟ ୩୩ ୟୁନିଟ୍ ରକ୍ତ ସଂଗ୍ରହ

ଟାଙ୍ଗୀ,ଚୌଦ୍ୱାର,ସାଲେପୁର, ୧୦/୦୬ (ଆ.ପ୍ର) : ଦିନକୁ ଦିନ ରକ୍ତର ଅଭାବ ଦେଖାଦେଉଥିବା ବେଳେ ସମାଜସେବା କ୍ଷେତ୍ରରେ ଏକ ପ୍ରଶଂସନୀୟ ପଦକ୍ଷେପ ନେଇଛି ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍ । ପ୍ରତିଷ୍ଠାନର ଅଧ୍ୟକ୍ଷ ତ୍ରିଦେବ ବେହେରା ଓ ତାଙ୍କ ଧର୍ମପତ୍ନୀ ଡ଼. ସସ୍ମିତା ପଟ୍ଟନାୟକଙ୍କ ଉଦ୍ୟମରେ କଟକ ଜିଲ୍ଲା ସାଲେପୁର ବ୍ଲକର ଗନାପୁର ଆକ୍ସିଲ୍ କ୍ଲବ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ କଟକ ରେଡ୍ କ୍ରସ୍‌ର ଅଭିଜ୍ଞ ଡାକ୍ତରୀ ଦଳ ଯୋଗଦେଇ ରକ୍ତଦାତାଙ୍କ ଠାରୁ ମୋଟ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । ବିଶେଷ କଥା ହେଉଛି, ଏହି ରକ୍ତଦାନ ଶିବିରରେ ୭ ଜଣ ମହିଳା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ସମାଜ ପାଇଁ ଏକ ସକାରାତ୍ମକ ବାର୍ତ୍ତା ଦେଇଥିଲେ ।ଯୁବପିଢ଼ିଙ୍କ ମଧ୍ୟରେ ରକ୍ତଦାନ ପ୍ରତି ସଚେତନତା ବଢ଼ାଇବା ଏବଂ ଆଗାମୀ ଦିନରେ ଅଧିକରୁ ଅଧିକ ଲୋକଙ୍କୁ ଏହି ମହତ୍ କାର୍ଯ୍ୟରେ ସାମିଲ କରିବା ଲକ୍ଷ୍ୟରେ ଶିବିରଟି ଆୟୋଜନ କରାଯାଇଥିଲା । ଏହି ଅବସରରେ ବିଶ୍ୱ ରଞ୍ଜନ ସାହୁ, ସୁମନ, ହିମାଂଶୁ ସାମଲ, କୁମାର ଜେନା, ସୁସ୍ମିତ ରାଉତ, ସୁବ୍ରତ ଜେନା, ଦୀପକ ବାରିକ, ପ୍ରଦ୍ୟୁମ୍ନ ସାମଲ, ବନପ୍ରତାପ ପାଢ଼ୀ, ପ୍ରକାଶ ରାଉତ ପ୍ରମୁଖ ଆକ୍ସିଲ୍ କ୍ଲବର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଶିବିରକୁ ଯୁବ ସମାଜସେବୀ ବିଶ୍ୱଜିତ ଅଂଚଳ ଓ କେ ସି ପଟ୍ଟନାୟକ ମୁଖ୍ୟ ପରିଚାଳକ ଭାବେ ସଫଳତାର ସହ ପରିଚାଳନା କରିଥିଲେ । ଆଗାମୀ ଦିନରେ ମଧ୍ୟ ଏଭଳି ସାମାଜିକ ଓ ମାନବିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଟେଟ୍ରାହେଡ୍ରନ ଗ୍ରୁପ୍ର ର ପ୍ରତିଷ୍ଠାତା ତ୍ରିଦେବ ବେହେରା ଗଣମାଧ୍ୟମଙ୍କୁ ସୂଚନା ଦେଇଛନ୍ତି ।

ବାସୁଦେବପୁର ଠିକାଦାର ସଂଘ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ

ବାସୁଦେବପୁର, ୧୦/୦୬ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ତାରାଣୀ ଛକ ଠାରେ ବାସୁଦେବପୁର ଠିକାଦାର ସଂଘର ନୂତନ କାର୍ଯ୍ୟାଳୟର ଶୁଭ ଉଦଘାଟନ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଠିକାଦାର ତଥା ସଂଘର ସଭାପତି ବିଦ୍ୟାଧର ଘଡ଼ାଇ ଫିତା କାଟି ଏହି କାର୍ଯ୍ୟାଳୟର ଉଦଘାଟନ କରିଥିଲେ । ଏହି ଅବସରରେ ସଂଘର ବହୁ ସଦସ୍ୟ ଓ ସ୍ଥାନୀୟ ଠିକାଦାରମାନେ ଉପସ୍ଥିତ ରହି ସଂଘର ଆଗାମୀ କାର୍ଯ୍ୟକ୍ରମ ଓ ଉନ୍ନୟନମୂଳକ ଲକ୍ଷ୍ୟ ଉପରେ ଆଲୋଚନା କରିଥିଲେ । ବାସୁଦେବପୁର ତାରାଣୀ ଛକ ଠାରେ ଠିକାଦାର ସଂଘର ନୂତନ କାର୍ଯ୍ୟାଳୟ ଶୁଭ ଉଦଘାଟନ ଅବସରରେ ଏକ ସରଳ କିନ୍ତୁ ଗମ୍ଭୀର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସଂଘର ସଭାପତି ବିଦ୍ୟାଧର ଘଡ଼ାଇ ଫିତା କାଟି କାର୍ଯ୍ୟାଳୟର ଉଦଘାଟନ କରିବା ସହ ସଂଘର ଐକ୍ୟବଦ୍ଧତା ଓ ଅଂଚଳର ଉନ୍ନୟନ କାର୍ଯ୍ୟରେ ଠିକାଦାରମାନଙ୍କ ଭୂମିକା ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ରତିକାନ୍ତ ମଲ୍ଲିକ, ଉପସଭାପତି ଶ୍ୟାମ ସୁନ୍ଦର ମହାନ୍ତି, କୋଷାଧ୍ୟକ୍ଷ ଅଭୟ କୁମାର ପ୍ରଧାନ, ରମାକାନ୍ତ ଘଡେଇ, ଶଶିଭୂଷଣ ବାରିକ, କାହ୍ନୁ ସାହୁ, ସୁରେଶ ଚଣ୍ଡ, ଅଜୟ ପଳିତା, ହେମନ୍ତ ନାୟକ, ସନ୍ତୋଷ କୁମାର ବାରିକ ପିତାମ୍ବର ମଣ୍ଡଳ, ନିରଂଜନ ବାରିକ, ଅକ୍ଷୟ କୁମାର ବଳ, ସାରଦା ପ୍ରସନ୍ନ ମହାନ୍ତି, ଶ୍ରୀକାନ୍ତ ଦାସ, ସୌଳେନ୍ଦ୍ର ବାରିକଙ୍କ ସମେତ ବହୁ ଠିକାଦାର ଉପସ୍ଥିତ ଥିଲେ । ସଂଘର ସଦସ୍ୟମାନେ ଏହି ନୂତନ କାର୍ଯ୍ୟାଳୟ ମାଧ୍ୟମରେ ଠିକାଦାରମାନଙ୍କ ସମସ୍ୟା ସମାଧାନ ଓ ସଂଗଠନକୁ ଅଧିକ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ ।

ବରିଷ୍ଠ ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

ନିମାପଡା, ୧୦/୦୬ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ବଜାରର ବରିଷ୍ଠ ତଥା ବିଶିଷ୍ଟ ବ୍ୟବସାୟୀ ସନାତନ ସାହୁଙ୍କ ବିୟୋଗରେ ଆଜି ଚାରିଛକ ବ୍ୟବସାୟୀ ସଙ୍ଘ ତରଫରୁ ବଜାର ବନ୍ଦ ରହିବା ସହିତ ଏକ ଶୋକ ସଭା ତ୍ରିନାଥ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ବଜାର କମିଟି ସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଶୋକ ସଭାରେ ବ୍ୟବସାୟୀ ଲାଲଟୁ ପ୍ରସାଦ ପରିଡା ମନୋଜ ସାହୁ ବିରଂଚି ନାରାୟଣ ଖଟୋଇ କବିରାଜ ସ୍ୱାଇଁ ମହେଶ ବାଲ ନାରାୟଣ ନାୟକ ଆର୍ତ୍ତ ରୋଇ ପ୍ରକାଶ ସାହୁ ମୋହନ ସାହୁ ରାଜେଶ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବ୍ୟବସାୟୀ ଶ୍ରୀ ସାହୁଙ୍କ ଜୀବନୀ ଉପରେ ଆଲୋକ ପାତ କରିବା ସହିତ ତାଙ୍କ ଅମର ଆତ୍ମାର ସଦ ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

ଅଭାବୀ ବିକ୍ରିର ଶିକାର ହେଉଛି ଆମ୍ବ ଓ ପନିପରିବା ଚାଷୀ, ଶୀତଳ ଭଣ୍ଡାର ନିର୍ମାଣ ଦାବି

ଖଣ୍ଡପଡ଼ା, ୧୦/୦୬ (ଆ.ପ୍ର) : କୃଷିପ୍ରଧାନ ଅଂଚଳ ଭାବେ ପରିଚିତ ଖଣ୍ଡପଡା ବ୍ଲକ ଅଂଚଳରେ କେଉଁଠି ହେଲେ ଶୀତଳ ଭଣ୍ଡାରଟିଏ ନଥିବାରୁ ଏ ଅଂଚଳର ଚାଷୀମାନେ ବର୍ଷ ବର୍ଷ ଧରି ଅଭାବୀ ବିକ୍ରୀର ଶିକାର ହୋଇ ଆସୁଥିବା ଅଭିଯୋଗ ହେଉଛି । ନଦୀ ପଠା ସମେତ ଜମିରେ ବର୍ଷ ସାରା ଅକ୍ଳାନ୍ତ ପରିଶ୍ରମ କରି ପନିପରିବା ସହ ଅନ୍ୟାନ୍ୟ ଫସଲ ଉତ୍ପାଦନ କରୁଥିବା ଚାଷୀ ମାନେ ଶୀତଳ ଭଣ୍ଡାରଟିଏ ନଥିବାରୁ ଉଚିତ ମୂଲ୍ୟ ପାଇବାରୁ ବଂଚିତ ହେଉଥିବା ଜଣାପଡିଛି । ସେହିପରି ଆମ୍ବ ଚାଷୀ ମାନେ ଏବେ ଅଭାବୀ ବିକ୍ରିର ଶିକାର ହେଉଥିବା ବେଳେ ଦୈନିକ ଶହ ଶହ କ୍ୱିଂଟାଲ ପାଚିଲା ଆମ୍ବ ବଗିଚା ଓ ଫାର୍ମ ହାଉସରେ ପଡି ନଷ୍ଟ ହେଉଛି । କାଳବୈଶାଖୀ ପ୍ରଭାବରେ ଆମ୍ବ ଫସଲ ଉବୁଡିଯିବାକୁ ବସିଥିବା ବେଳେ ସତେ ଯେମିତି ଚାଷୀମାନଙ୍କ ଉପରେ ପ୍ରକୃତି ବାଉ ସାଧୁଛି । କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତିକଳ୍ପେ ଅନେକ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଛନ୍ତି । ମାତ୍ର ସାଧାରଣରେ ସରକାରୀ ଯୋଜନାର ସଫଳ ରୂପାୟନ ହୋଇ ପାରୁନଥିବା ଜଣାପଡିଛି । ଖଣ୍ଡପଡା ଅଂଚଳରେ ଶୀତଳ ଭଣ୍ଡାରଟିଏ ସ୍ଥାପନ କରାଗଲେ ଏ ଅଂଚଳର ଶହଶହ ଚାଷୀ ପରିବାର ଉପକୃତ ହୋଇପାରନ୍ତେ ବୋଲି ଜଣାପଡିଛି । ମହାନଦୀ ତଟବର୍ତ୍ତୀ ଅଂଚଳରେ ଅବସ୍ଥିତ ବଡବାଣପୁର, କୁମୁଣ୍ଡି, ଘଣାଶାଳିଆ, କଂଟିଲୋ ଲକ୍ଷ୍ମୀପ୍ରସାଦ, ଧାନଚେଙ୍ଗଡା, ବୋଦସା, ପଦ୍ମାବତୀ ଓ ଲଉବର ପ୍ରଭୃତି ଗ୍ରାମର ଚାଷୀ ମାନେ ବର୍ଷ ତମାମ ପୋଟଳ, ବାଇଗଣ, ଟମାଟ, କାକୁଡି, ମିଠା ମକା, କୋବି ଆଦି ବିଭିନ୍ନ ପନି ପରିବା ଚାଷ କରି ପରିବାରର ଗୁଜୁରାଣ ମେଂଟାଉ ଥିବା ବେଳେ ନୟାଗଡ, ବାହାଡା, ଖଳିସାହି, କଂଟିଲୋ, କଦାପଥର ଓ ସୁନାଖଳା ଅଂଚଳର ମୁନାଫାଖୋର ବ୍ୟବସାୟୀମାନେ ଏ ଅଂଚଳର ଚାଷୀମାନଙ୍କ ଠାରୁ କମ ଦରରେ ତଟକା ପନିପରିବା କ୍ରୟ କରି ବଜାରରେ ବଢ଼ା ଦରରେ ଖାଉଟି ମାନଙ୍କୁ ବିକ୍ରୀ କରିଥାନ୍ତି । ଫଳରେ ଚାଷୀମାନେ ଅକ୍ଳାନ୍ତ ପରିଶ୍ରମ କରି ଉଚିତ ପ୍ରାପ୍ୟ ପାଇବାରୁ ବଂଚିତ ହେଉଥିବା ଜଣାପଡିଛି । ଯଦି ଶୀତଳ ଭଣ୍ଡାରଟିଏ ଥାନ୍ତା ତାହେଲେ ଚାଷୀମାନେ ସେଠାରେ ପନିପରିବା ଓ ଆମ୍ବ, ପଣସ ସବୁକିଛି ମହଜୁଦ ରଖି ବେଶ ଦୁଇ ପଇସା ପାଇବାର ସୁଯୋଗ ସୃଷ୍ଟି ହୁଅନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ତେଣୁ ଏ ଦିଗରେ ଜିଲ୍ଲା ପ୍ରଶାସନ, ଜନପ୍ରତିନିଧି ଓ କୃଷି ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଂଚଳବାସୀ ଦାବି କରିଛନ୍ତି ।

ଉଦ୍‌ଘାଟିତ ହେଲା କନବାବିରି ଉତର ଭାରତ ମଣ୍ଡଳୀର ନୂତନ ଚର୍ଚ୍ଚ ଗୃହ

ଘୁ.ଉଦୟଗିରି, ୧୦/୦୬ (ଆ.ପ୍ର) : ଅଂଚଳର ଖ୍ରୀଷ୍ଟିୟ ବିଶ୍ୱାସୀମାନଙ୍କ ପାଇଁ ଏକ ଐତିହାସିକ ଓ ଆନନ୍ଦଦାୟକ ମୁହୂର୍ତ୍ତ ସୃଷ୍ଟି କରି ଆଜି କନବାବିରି ଉତର ଭାରତ ମଣ୍ଡଳୀର ନବନିର୍ମିତ ଚର୍ଚ୍ଚ ଗୃହ ଭବ୍ୟ ଆଡ଼ମ୍ବରରେ ଉଦ୍ଘାଟିତ ହୋଇଛି । ବହୁ ବର୍ଷର ଅକ୍ଳାନ୍ତ ପରିଶ୍ରମ, ପ୍ରାର୍ଥନା ଓ ବିଶ୍ୱାସୀମାନଙ୍କ ସହଯୋଗରେ ନିର୍ମିତ ଏହି ନୂତନ ଉପାସନା ଗୃହ ଅଂଚଳର ଖ୍ରୀଷ୍ଟିୟ ସମ୍ପ୍ରଦାୟ ପାଇଁ ଏକ ନୂତନ ଅଧ୍ୟାୟର ସୂଚନା ଦେଉଛି । ଏହି ମହତ୍ୱପୂର୍ଣ୍ଣ ଉଦ୍ଘାଟନୀ ଉତ୍ସବରେ ଚର୍ଚ୍ଚ ଅଫ୍ ନର୍ଥ ଇଣ୍ଡିଆ (ସିଏନଆଇ) ସିନୋଡ଼ର ମଡେରେଟର ତଥା କଲିକତା ଧର୍ମାଂଚଳର ବିଶପ ଡ଼ଃ ପରିତୋଷ କ୍ୟାନିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଚର୍ଚ୍ଚ ଗୃହର ଶୁଭ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଫୁଲବାଣୀ ଧର୍ମାଂଚଳର ବିଶପ ଆର୍ଟି, ରେଭ ଭାୟୋଲେଟ ନାୟକ, ସିଏନଆଇ ସିନୋଡ଼ର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ବିଶପ ରେଭ ରାଘବ ନାୟକ ଏବଂ ବିଶପ ରେଭ, ଓବେଦ ନାୟକ ଉପସ୍ଥିତ ରହି ଉତ୍ସବର ଗରିମା ବଢ଼ାଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟ ଅତିଥିଙ୍କୁ ପାରମ୍ପରିକ ଗୀତ, ନୃତ୍ୟ ଓ ବାଦ୍ୟର ତାଳେ ଭବ୍ୟ ସ୍ୱାଗତ ଜଣାଯାଇଥିଲା । ସ୍ଥାନୀୟ ବିଶ୍ୱାସୀ ଓ ମଣ୍ଡଳୀର ସଦସ୍ୟମାନେ ରାସ୍ତାରୁ ଶୋଭାଯାତ୍ରା ମାଧ୍ୟମରେ ଅତିଥିମାନଙ୍କୁ ନୂତନ ଚର୍ଚ୍ଚ ପରିସରକୁ ପାଛୋଟି ନେଇଥିଲେ । ପରେ ଉତ୍ସର୍ଗ ଓ ଉଦ୍ଘାଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଡ଼ଃ ପରିତୋଷ କ୍ୟାନିଙ୍ଗ ରିବନ କାଟି ଓ ପ୍ରାର୍ଥନା ମାଧ୍ୟମରେ ଚର୍ଚ୍ଚ ଗୃହକୁ ଉଦ୍ଘାଟନ କରିଥିଲେ । ଏହାପରେ ସେ ଉତ୍ସର୍ଗ ଫଳକ ଉନ୍ମୋଚନ କରିବା ସହ ମୁଖ୍ୟ ଫାଟକର ତାଲା ଖୋଲିଥିଲେ । ଗୀତ, ସ୍ତୁତି ଓ ବନ୍ଦନାର ପରିବେଶ ମଧ୍ୟରେ ଅତିଥିମାନେ ନୂତନ ଚର୍ଚ୍ଚ ଗୃହ ଭିତରକୁ ପ୍ରବେଶ କରି ଈଶ୍ୱରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସିଏନଆଇ ଫୁଲବାଣୀ ଡାଏସିସ୍‌ର ପଦାଧିକାରୀ, ଉଦୟଗିରି ପାଷ୍ଟୋରେଟ୍, ୟୁନିଅନ୍‌ର ପଦାଧିକାରୀ ଓ ଉଦୟଗିରି ପାଷ୍ଟୋରେଟ୍‌ର ବିଭିନ୍ନ ପଦାଧିକାରୀ ମାନେ ଉପସ୍ଥିତ ରହି ନୂତନ ଚର୍ଚ୍ଚ ଗୃହର ଉଦ୍ଘାଟନ ଓ ଉତ୍ସର୍ଗ କାର୍ଯ୍ୟରେ ସାମିଲ ହୋଇଥିଲେ । ଚର୍ଚ୍ଚ ଭିତରେ ଅନୁଷ୍ଠିତ ସ୍ୱାଗତ ସଭାରେ ମଣ୍ଡଳୀର ସମ୍ପାଦକ ଜୀବନାନନ୍ଦ ନାୟକ ନେତୃତ୍ୱରେ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା । ପୁଷ୍ପମାଲ୍ୟ, ଉପଢୌକନ ପ୍ରଦାନ କରି ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା । ପରେ ମୁଖ୍ୟ ଅତିଥି ପବିତ୍ର ବାଇବଲରୁ ଈଶ୍ୱରଙ୍କ ବାକ୍ୟ ପରିବେଷଣ କରି ଉପସ୍ଥିତ ବିଶ୍ୱାସୀମାନଙ୍କୁ ଆତ୍ମିକ ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଭବ୍ୟ କାର୍ଯ୍ୟକ୍ରମରେ ଘୁ. ଉଦୟଗିରି, ରାଇକିଆ ସମେତ ବିଭିନ୍ନ ଅଂଚଳରୁ ପାଂଚଶହରୁ ଅଧିକ ବିଶ୍ୱାସୀ ଯୋଗଦେଇଥିଲେ । ମଣ୍ଡଳୀର ସଭାପତି ଆଚାର୍ଯ୍ୟ କୁବେର ଦିଗାଲ, ଉପସଭାପତି ଆଉନଜୀବୀ ଫ୍ରାଙ୍କଲିନ ନାୟକ, ସହ-ସମ୍ପାଦକ ଜନସନ ନାୟକ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ନାୟକ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସମଗ୍ର ପରିବେଶ ଆଧ୍ୟାତ୍ମିକ ଉଲ୍ଲାସ, ଭକ୍ତିଭାବ ଓ ଆନନ୍ଦରେ ଭରି ରହିଥିଲା । ମଣ୍ଡଳୀର ସମସ୍ତ ବିଶ୍ୱାସୀ ନୂତନ ଚର୍ଚ୍ଚ ଗୃହର ଉଦ୍ଘାଟନ ଉପଲକ୍ଷେ ଈଶ୍ୱରଙ୍କ ମହିମା ଓ ଗୌରବ ପ୍ରକାଶ କରିବା ସହ ଏହି ଐତିହାସିକ ଦିନକୁ ସ୍ମରଣୀୟ କରିଥିଲେ ।

ସେଇଠୁ ଆରମ୍ଭ
SEITHO ARAMBHA

ଗୁରୁବାର, ୧୧ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ୱାନଡେ' ସିରିଜ୍ ପାଇଁ ରୋହିତ୍ ଏବଂ ପାଣ୍ଡ୍ୟା ଫିଟ୍

ମୁମ୍ବାଇ, ୧୦/୬ (ଆ.ପ୍ର) : ଆଫଗାନିସ୍ତାନ ବିରୋଧରେ ତିନିକିଆ ଶୃଙ୍ଖଳା ଖେଳିବେ ହାର୍ଦ୍ଦିକ୍ ଏବଂ ରୋହିତ୍ । ଆଇପିଏଲରେ ଆହତ ହୋଇଥିବା ଦୁଇ ଖେଳାଳି ୱାନଡେ' ସିରିଜ୍ ପୂର୍ବରୁ ଫିଟ୍ ହୋଇଛନ୍ତି । ସେଂଟର ଅଫ୍ ଏକ୍ସଲେନ୍ସ ହାର୍ଦ୍ଦିକ୍ ପାଣ୍ଡ୍ୟା ଏବଂ ରୋହିତ ଶର୍ମାଙ୍କୁ କ୍ଲିୟରାନ୍ସ ଦେବା ପରେ ବିସିସିଆଇ ସେମାନଙ୍କୁ ଫିଟ୍ ଘୋଷଣା କରିଛି । ଆସନ୍ତା ଆଫଗାନିସ୍ତାନ ବିପକ୍ଷରେ ଖେଳାଯିବାକୁ ଥିବା ସିରିଜରେ ଦୁଇ ଖେଳାଳି ଉପଲବ୍ଧ ରହିବେ । ସୂଚନା ଅନୁଯାୟୀ, ପିଠିରେ ମାଂସପେଶୀରେ ସମସ୍ୟା କାରଣରୁ ପାଣ୍ଡ୍ୟା ଏକାଧିକ ଆଇପିଏଲ ମ୍ୟାଚରୁ ବାଦ୍ ପଡ଼ିଥିଲେ । ଜୁନ୍ ୨ ତାରିଖରୁ ସେ ସିଓଇରେ ଯୋଗ ଦେଇଥିଲେ । ଏବେ ବିନା ବାଧାରେ ୧୦ ଓଭର ବୋଲିଂ କରିପାରୁଛନ୍ତି । ସିଓଇର ସ୍ପୋର୍ଟସ୍ ସାଇନ୍ସ ଟିମ୍ ଫିଟନେସକୁ ସବୁଜ ସଙ୍କେତ ଦେଇଛି । ଫଳରେ ଶନିବାର ଠାରୁ ଧର୍ମଶାଳାରେ ଆରମ୍ଭ ହେଉଥିବା ଆଫଗାନିସ୍ତାନ ବିପକ୍ଷରେ ଖେଳିବାକୁ ସେ ଯୋଗ୍ୟ ହୋଇଛନ୍ତି । ବେଙ୍ଗାଲୁରୁ ସ୍ଥିତ ସିଓଇରେ ସାମିଲ୍ ହେବା ପୂର୍ବରୁ ହାର୍ଦ୍ଦିକ୍ କିଛି ଦିନ ବିଦେଶରେ କଟାଇଥିଲେ । ବିଶେଷ କରି ପାଣ୍ଡ୍ୟା ତାଙ୍କ କୋଟାର ୧୦ ଓଭର ବୋଲିଂ କରିପାରୁଥିବାରୁ ଭାରତୀୟ ଦଳ ଆଶାବାଦୀ ରହିଛି । ସେହିପରି ରୋହିତ୍ ଶର୍ମା ମଧ୍ୟ ଆଫଗାନିସ୍ତାନ ସିରିଜ୍ ପାଇଁ ଫିଟ୍ ହୋଇଛନ୍ତି । ସେ ଆଇପିଏଲରେ ଆହତ ହୋଇ କିଛି ମ୍ୟାଚ୍ ଖେଳି ପାରିନଥିଲେ । ଏବେ ହିଟ୍ ମ୍ୟାନ୍ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇଥିବା ବିସିସିଆଇ ଘୋଷଣା କରିଛି ।

ଟିଏମସିର ବିଦ୍ରୋହୀ କ୍ୟାମ୍ପରେ ୟୁସୁଫ, ରଚନା, ଶତ୍ରୁଘ୍ନ ସିହ୍ନା ଓ ସାୟୋନୀ

କୋଲକାତା, ୧୦/୬ (ଆ.ପ୍ର) : ତୃଣମୂଳ କଂଗ୍ରେସ ଦଳରେ ରାଜନୈତିକ ସଙ୍କଟ ଏବେ ଅତି ଗମ୍ଭୀର ରୂପ ନେଇଛି ଏବଂ ଏହା ଏବେ ସଂସଦରେ ପହଂଚିଛି । ୟୁସୁଫ ପଠାନ, ସାୟୋନି ଘୋଷ ଏବଂ ଶତ୍ରୁଘ୍ନ ସିହ୍ନାଙ୍କ ପରି ବରିଷ୍ଠ ନେତା ମଧ୍ୟ ବିଦ୍ରୋହୀ ଗୋଷ୍ଠୀକୁ ସମର୍ଥନ କରିବା ସହ ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହୋଇଛନ୍ତି । ସେମାନେ ବିଦ୍ରୋହ ତାଲିକାରେ ସ୍ୱାକ୍ଷର କରିଛନ୍ତି । ତାଲିକାରେ ମୋଟ୍ ୧୯ ବିଦ୍ରୋହୀ ନେତା ସାମିଲ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ପାର୍ଥ ଭୌମିକ, କାକଳି ଘୋଷ ଦସ୍ତିଦାର, ବାପି ହଲଦର, ରଚନା ବାନାର୍ଜୀ, ଅସିତ ମଲ, କେ ରେହମାନ, ଶର୍ମିଳା ସରକାର, ମିତାଲି ବାଗ୍ । ପଶ୍ଚିମବଙ୍ଗ ବିଧାନସଭାରେ ବଡ଼ ଧରଣର ବିଦ୍ରୋହ ସହ ସାଂସଦମାନଙ୍କ ମଧ୍ୟରେ ଏଭଳି ଅପ୍ରତ୍ୟାଶିତ ବିଦ୍ରୋହ ମମତା ବାନାର୍ଜୀଙ୍କ ପାଇଁ ଏବେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଦୀର୍ଘ ୨୮ ବର୍ଷର ଇତିହାସରେ ଏହା ଟିଏମ୍‌ସି ପାଇଁ ସବୁଠାରୁ ବଡ଼ ସଙ୍କଟ ହୋଇଛି । ବିଧାନସଭା ନିର୍ବାଚନ ହାରିବାପରେ ଟିଏମ୍‌ସି ଦଳରେ ଏଭଳି ଆନ୍ତଃ କନ୍ଦଳ କେବଳ ରାଜ୍ୟରେ ଏହାର ପ୍ରଭାବକୁ ବିପଦରେ ପକାଇନାହିଁ ବରଂ ଶାସକ ଏନ୍‌ଡିଏକୁ ଏହାଦ୍ୱାରା ସଂସଦରେ

ଫାଇଦା ମିଳିବ । ଟିଏମ୍‌ସିର ଏବେ ଲୋକସଭା ସାଂସଦଙ୍କ ସଂଖ୍ୟା ୨୮ । ବସିରହାଟ ସାଂସଦ ହାଜି ନୁରୁଲ ଇସଲାମଙ୍କ ମୃତ୍ୟୁ ପରେ ଲୋକସଭାରେ ଟିଏମ୍‌ସି ଆସନ ସଂଖ୍ୟା ଗୋଟିଏ କମିଛି । ଏବେ ଟିଏମ୍‌ସି ଦଳରେ ଯେଉଁ ବିଦ୍ରୋହ ଦେଖାଦେଇଛି ତା' ଦ୍ୱାରା ଗୃହରେ ମମତାଙ୍କ ପ୍ରତି ସମର୍ଥନ କମିଯାଇଛି । ଉଲ୍ଲେଖଯୋଗ୍ୟ ଗତ ସୋମବାର କାକଳି ଘୋଷ ଦସ୍ତିଦାର ଦାବି କରିଥିଲେ ଯେ ଅନେକ ଟିଏମ୍‌ସି ସାଂସଦ ମମତା ବାନାର୍ଜୀଙ୍କ ହାତ ଛାଡ଼ିଦେବାପାଇଁ ପ୍ରସ୍ତୁତ ହେଉଛନ୍ତି । ଦଳରୁ ଇସ୍ତଫା ଦେଇଥିବା କାକଳି ଏବେ ସଂସଦୀୟ ବିଦ୍ରୋହର ଚେହେରା ପାଲଟିଛନ୍ତି । ବିଦ୍ରୋହୀ ସାଂସଦମାନଙ୍କର ସ୍ୱାକ୍ଷର ଥିବା ଏକ ପତ୍ର ବାଚସ୍ପତିଙ୍କ ନିକଟରେ ଦାଖଲ କରାଯାଇଛି ବୋଲି କାକଳି ଘୋଷ କହିଛନ୍ତି । ତେବେ ବିଦ୍ରୋହୀ ନେତାମାନେ ଦାବି କରିଛନ୍ତି ଯେ ସେମାନେ ବିଜେପିରେ ଔପଚାରିକ ଭାବେ ଯୋଗ ଦେବାପାଇଁ ଯୋଜନା କରିନାହାନ୍ତି । ସେମାନେ କହିଛନ୍ତି, ଆମେ ବିଜେପିରେ ଯୋଗ ଦେବୁନାହିଁ । ଆମେ ଏନ୍‌ଡିଏକୁ ବାହାରୁ ସମର୍ଥନ କରିବୁ । ଇତି ମଧ୍ୟରେ ଟିଏମ୍‌ସି ସାଂସଦ ମହୁଆ ମୈତ୍ର ବିଦ୍ରୋହୀ ଗୋଷ୍ଠୀକୁ ସମାଲୋଚନା କରିଛନ୍ତି ଏବଂ ସେମାନଙ୍କୁ ବିଶ୍ୱାସଘାତ କହିଛନ୍ତି । ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀଙ୍କର ନିଜ ଦଳ ଉପରେ ନିୟନ୍ତ୍ରଣ ଦୁର୍ବଳ ହେବାରେ ଲାଗିଛି । ୬୦ ଜଣ ଟିଏମ୍‌ସି ବିଧାୟକ ବିଦ୍ରୋହୀ ନେତା ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱକୁ ସମର୍ଥନ କରିବାପରେ ବିଦ୍ରୋହ ଏବେ ସଂସଦ ପର୍ଯ୍ୟନ୍ତ ପହଂଚିଲାଣି । ମମତାଙ୍କ ବିଶ୍ୱସ୍ତ ସହଯୋଗୀ ଶୁଖେନ୍ଦୁ ଶେଖର ରାୟ ରାଜ୍ୟସଭା ଛାଡ଼ିବାର କିଛି ସପ୍ତାହ ପରେ ସୁସ୍ମିତା ଦେବ ଆଜି ରାଜ୍ୟସଭା ଏବଂ ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଛନ୍ତି । ଏହା ମମତାଙ୍କୁ ଆଉ ଏକ ଶକ୍ତ ଝଟ୍‌କା । ସୁସ୍ମିତା ଦେବ ପୂର୍ବରୁ କଂଗ୍ରେସରେ ଥିବା ସମୟରେ ଆସାମର ସିଲଚରରେ ଲୋକସଭା ସାଂସଦ ଥିଲେ । ୨୦୧୯ରେ ସେ ଦଳ ଛାଡ଼ିବାପରେ ୨୦୨୧ରେ ତୃଣମୂଳ କଂଗ୍ରେସ ଦଳରେ ଯୋଗ ଦେଇଥିଲେ । ତେବେ ଟିଏମ୍‌ସିରେ ସେ ଖୁବଶୀଘ୍ର ଦଳର ଜାତୀୟ ମୁଖପାତ୍ର ହୋଇଥିଲେ ଏବଂ ପରେ ନିଜ ପାଇଁ ରାଜ୍ୟସଭା ପଦ ସୁରକ୍ଷିତ ରଖିଲେ । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ସୁସ୍ମିତା ଦେବ ଆଜି ରାଜ୍ୟସଭାରୁ ଇସ୍ତଫା ଦେବାପରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କୁ ଦିଲ୍ଲୀରେ ଭେଟିଛନ୍ତି ।

ସେରେନାଙ୍କ ଚମତ୍କାର ପ୍ରତ୍ୟାବର୍ତ୍ତନ: ୧୯୩ କିମି ବେଗରେ କଲେ ସର୍ଭିସ

ନୂଆଦିଲ୍ଲୀ, ୧୦/୬ (ଆ.ପ୍ର) : ପ୍ରାୟ ୪ ବର୍ଷ ପରେ ପେସାଦାର ଟେନିସ୍ କୋର୍ଟକୁ ଓହ୍ଲାଇଛନ୍ତି ୨୩ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ସେରେନା ୱିଲିୟମ୍ସ । ଏହି ଆମେରିକା ଟେନିସ୍ ରାଣୀଙ୍କ ପ୍ରତ୍ୟାବର୍ତ୍ତନ ବି ପ୍ରଭାବଶାଳୀ ରହିଛି । ଲଣ୍ଡନର କୁଇନ୍ସ କ୍ଲବ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାରେ ୪୪ ବର୍ଷୀୟା ୱିଲିୟମ୍ସ ମହିଳା ଯୁଗଳରେ କାନାଡ଼ାର ୧୯ ବର୍ଷୀୟ

ଉଦୀୟମାନ ତାରକା ଭିକ୍ଟୋରିଆ ଏମ୍‌ବୋକୋଙ୍କୁ ସାଥୀ କରି ଖେଳିଥିଲେ । ଏହି ମ୍ୟାଚ୍‌ରେ ୱିଲିୟମ୍ସଙ୍କ ଘଂଟାପ୍ରତି ୧୨୦ ମାଇଲ୍ (ପ୍ରାୟ ୧୯୩ କିମି) ବେଗ ସର୍ଭିସ ସମସ୍ତଙ୍କୁ ଚକିତ କରି ଦେଇଥିଲା । ସେ ଏବେ ବି ତାଙ୍କ ଟ୍ରେଡ୍‌ମାର୍କ ଶକ୍ତି ହରାଇ ନାହାନ୍ତି ବୋଲି ପ୍ରମାଣ କରି ଦେଇଛନ୍ତି । ତାଙ୍କର ଏହି ପ୍ରତ୍ୟାବର୍ତ୍ତନ ମ୍ୟାଚ୍‌ରେ ସେରେନା ଓ ଏମ୍‌ବୋକୋ ଯୋଡ଼ି ୭-୬, ୬-୨ ସେଟ୍‌ରେ ତୃତୀୟ ମାନ୍ୟତାପ୍ରାପ୍ତ ନିକୋଲ ମେଲିଚର ମାର୍ଟିନେଜ୍ ଓ ଏରିନ୍ ରୁଟ୍‌ଲିଫ୍‌ଙ୍କୁ ପରାସ୍ତ କରିଥିଲେ । ୨୦୨୨ ୟୁଏସ୍ ଓପନ୍ ପରେ ଏହି ପ୍ରଥମ ବ୍ୟକ୍ତିଗତ ମ୍ୟାଚ୍ ପରେ ଖୁସିରେ ନାଚି ଉଠିଥିଲେ । ବିଜୟ ପରେ ସେ କହିଥିଲେ, ଭିକ୍ଟୋରିଆଙ୍କ ସହ ଖେଳି ବହୁତ ଖୁସି । ସେ ଭଲ ଭାବେ ମୋ ସହିତ ତାଳ ଦେଇ ଖେଳିଥିଲେ ଏବଂ ପଏଂଟ୍ ବି ଅର୍ଜନ କରିବାରେ ବଡ଼ ଯୋଗଦାନ ରଖିଥିଲେ । ତାଙ୍କ ଉପରେ ମୁଁ ବି ଭରସା କରିଥିଲି । ପୂର୍ବରୁ ଆମେ କେବେ ଏକାଠି ଖେଳିନୁ, ହେଲେ ଏହି ମ୍ୟାଚ୍‌ରେ ଆମର ତାଳମେଳ ଭଲ ରହିଥିଲା । ଗତ ସପ୍ତାହରେ ଯୁଗଳ ମ୍ୟାଚ୍‌କୁ ଫେରିବେ ବୋଲି ସେରେନା ଘୋଷଣା କରିଥିଲେ । ହେଲେ ଏକକ ମ୍ୟାଚ୍ ନେଇ କୌଣସି ସ୍ପଷ୍ଟ କରି ନାହାନ୍ତି ।

ମେଟା ପାଇଁ ଡାଟା ସେଂଟର କରିବ ରିଲାଏନ୍ସ



ଜାମନଗର, ୧୦/୬(ନ୍ୟୁ.ଏ): ମାର୍କ ଜକରବର୍ଗଙ୍କ ସଂସ୍ଥା 'ମେଟା' ପାଇଁ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଗୁଜରାଟର ଜାମନଗରରେ ଏକ ଏଆଇ ଆଧାରିତ ଡାଟା ସେଂଟର ସ୍ଥାପନ କରିବ । ସେଥିପାଇଁ ଉଭୟ ସଂସ୍ଥା ମଧ୍ୟରେ ବୁଝାମଣା ହୋଇଛି । ଡାଟା ସେଂଟରର ନିର୍ମାଣଠାରୁ ପରିଚାଳନା ପର୍ଯ୍ୟନ୍ତ ସବୁ ଦାୟିତ୍ୱ ରିଲାଏନ୍ସ ନେବ । ଏହା ଅକ୍ଷୟ ଶକ୍ତିରେ ଚାଲିବ ଓ ସମୁଦ୍ର ପାଣିକୁ ବିଶୋଧନ କରି ସେଥିରେ ବ୍ୟବହାର କରାଯିବ । ୧୬୮ ମେଗାୱାଟ୍ ବିଶିଷ୍ଟ ଏହି ଡାଟା ସେଂଟର ଜରିଆରେ 'ମେଟା' ଏହାର ବିଶ୍ୱସ୍ତରୀୟ ଏଆଇ ଭିତିଭୂମିକୁ ସୁଦୃଢ଼ କରିବ । ଆସନ୍ତା ଦୁଇ ବର୍ଷ ମଧ୍ୟରେ ଉକ୍ତ ଡାଟା ସେଂଟର କାର୍ଯ୍ୟକ୍ଷମ ହେବ । ଏହି କେନ୍ଦ୍ରକୁ 'ମେଟା' ଲିଜ୍ ସୂତ୍ରରେ ନେବ । ମେଟା ଓ ରିଲାଏନ୍ସ ମଧ୍ୟରେ ସମ୍ପର୍କ ବେଶ ପୁରୁଣା ଓ ଦୃଢ଼ । ୨୦୨୦ରେ ରିଲାଏନ୍ସର ଜିଓ ପ୍ଲାଟଫର୍ମସ୍‌ରେ ମେଟା ୫୭୦ କୋଟି ଡଲାର ନିବେଶ କରିଥିଲା । ଏଆଇ ପ୍ଲାଟଫର୍ମ ଓ ଟୁଲ୍ ବିକାଶ କରିବା ପାଇଁ ଗତବର୍ଷ ଉଭୟ ସଂସ୍ଥା ୮୮୫ କୋଟି ଟଙ୍କାର ଏକ ଯୌଥ ଉଦ୍ୟୋଗ ଗଠନ କରିଥିଲେ ।

କର୍ଣ୍ଣାଟକ କଂଗ୍ରେସ ସରକାରଙ୍କ ବିରୋଧରେ 'ବର୍ଜ୍ୟବସ୍ତୁ ସ୍କାମ୍' ଅଭିଯୋଗ ଆଣିଲେ ବିଜେପି ନେତା

ବେଙ୍ଗାଲୁରୁ, ୧୦/୬(ନ୍ୟୁ.ଏ): କର୍ଣ୍ଣାଟକର କଂଗ୍ରେସ ସରକାର ବିରୋଧରେ ବୁଧବାର ଦିନ ଏକ ବଡ଼ ଧରଣର ଆର୍ଥିକ ଦୁର୍ନୀତିର ଅଭିଯୋଗ ଆଣିଛନ୍ତି ବରିଷ୍ଠ ବିଜେପି ନେତା ଆର. ଅଶୋକ । ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ସେ ଦାବି କରିଛନ୍ତି ଯେ, କଂଗ୍ରେସ ସରକାର ବେଙ୍ଗାଲୁରୁର କଠିନ ବର୍ଜ୍ୟବସ୍ତୁ ପରିଚାଳନା ନାମରେ ପ୍ରାୟ ୩୬,୦୦୦ କୋଟି ଟଙ୍କାର ବଡ଼ 'ଲୁଟ୍' କରିଛନ୍ତି ଏବଂ ଏହି ଦୀର୍ଘକାଳୀନ ଚୁକ୍ତିକୁ ପୂର୍ବରୁ କଳାତାଲିକାଭୁକ୍ତ (ବ୍ଲାକଲିଷ୍ଟେଡ୍) ହୋଇଥିବା ''ରାମ୍‌କି'' କମ୍ପାନିକୁ ଟେଣ୍ଡର ଆକାରରେ ଦିଆଯାଇଛି । ଅଶୋକଙ୍କ ଅନୁଯାୟୀ, ଆର୍ଥିକ ଜାଲିଆତି ଯୋଗୁଁ ବିଶ୍ୱବ୍ୟାଙ୍କ ଏବଂ ୨୦୧୬ରେ ବେଙ୍ଗାଲୁରୁ ମହାନଗର ନିଗମ ଦ୍ୱାରା ବ୍ୟାନ୍ ହୋଇଥିବା ଏହି ସଂସ୍ଥାକୁ ୩୦ ବର୍ଷ ପାଇଁ ଟେଣ୍ଡର ଦିଆଯିବା ସହ ୧,୫୦୦ କୋଟିର ଋଣ ନେବାକୁ ଅନୁମତି ଦିଆଯାଇଛି । ଏହି ମେଗା ଡିଲରେ ପ୍ରାୟ ୧୦,୦୦୦ କୋଟି ଟଙ୍କାର କିକବ୍ୟାକ୍ ବା ଲାଂଚ ନିଆଯାଇଥିବା ସେ ସିଧାସଳଖ ଅଭିଯୋଗ କରିବା ସହ ତୁରନ୍ତ ଏହି ଟେଣ୍ଡର ପ୍ରତ୍ୟାହାର କରିବାକୁ ଏବଂ ଘଟଣାର ସିବିଆଇ ତଦନ୍ତ କରିବାକୁ ଦୃଢ଼ ଦାବି କରିଛନ୍ତି । ବିଜେପି ନେତାଙ୍କ ସୂଚନା ଅନୁଯାୟୀ, ପୂର୍ବ ବ୍ୟବସ୍ଥାରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବାର୍ଷିକ ସମୁଦାୟ ୧୩୪୪ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ, ଏହି ନୂଆ ଚୁକ୍ତି ଅଧୀନରେ କେବଳ ବର୍ଜ୍ୟ ପ୍ରକ୍ରିୟାକରଣ ପାଇଁ ସରକାର ଆଗାମୀ ୩୦ ବର୍ଷରେ ୩୯,୪୩୭ କୋଟି ଟଙ୍କା ପ୍ରଦାନ କରିବେ, ଯାହା ରାଜ୍ୟ କୋଷାଗାର ଉପରେ ପ୍ରାୟ ୩୩,୦୦୦ କୋଟିର ଅତିରିକ୍ତ ଆର୍ଥିକ ବୋଝ ପକାଇବ । ଏହି ପ୍ରସ୍ତାବ ଉପରେ ସେଠାକାର ଅର୍ଥ ବିଭାଗ ମଧ୍ୟ ରେଡ୍ ଫ୍ଲାଗ୍ ଜାରି କରି ୩୦ ବର୍ଷ ବଦଳରେ ଚୁକ୍ତି ଅବଧିକୁ ୧୦ ବର୍ଷ କରିବାକୁ ପରାମର୍ଶ ଦେଇଥିଲା ଏବଂ ଏହା ଦ୍ୱାରା ସହରର ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ବୋଲି ଚେତାବନୀ ଦେଇଥିଲା ।

ଆଫଗାନିସ୍ତାନରେ ପାକିସ୍ତାନର ଏୟାର ଷ୍ଟ୍ରାଇକ: ୧୧ ପିଲାଙ୍କ ସମେତ ୧୩ ମୃତ

ନୂଆଦିଲ୍ଲୀ, ୧୦/୬ (ଆ.ପ୍ର) : ପୁଣିଥରେ ସୀମା ଲଘିଂଛି ପାକିସ୍ତାନ । ପଡ଼ୋଶୀ ଆଫଗାନିସ୍ତାନର ୩ଟି ପ୍ରଦେଶରେ ପାକିସ୍ତାନ ସେନା କରିଛି ଘନଘନ ଏୟାର ଷ୍ଟ୍ରାଇକ । ଏଥିରେ ୧୧ ଛୋଟ ପିଲାଙ୍କ ସମେତ ୧୩ ଜଣ ପ୍ରାଣ ହରାଇଥିବା ଆଫଗାନିସ୍ତାନରେ ଶାସନ କରୁଥିବା ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ସୂଚନା ଦେଇଛନ୍ତି । ତାଙ୍କ କହିବା କଥା ଯେ ପାକିସ୍ତାନ ସେନା ଆଫଗାନିସ୍ତାନ ବାୟୁସୀମାକୁ ଉଲ୍ଲଘଂନ କରିଥିଲା । ଏହାପରେ ପାକିସ୍ତାନ ପକ୍ଷରୁ କୁନାର, ଖୋଷ୍ଟ ଓ ପାକଟିକା ପ୍ରଦେଶରେ ବୋମା ମାଡ଼ କରାଯାଇଛି । ଏଥିରେ ଆବାସିକ ଅଂଚଳ କ୍ଷତିଗ୍ରସ୍ତ ହୋଇଛି । ୧୧ ଛୋଟ ପିଲାଙ୍କ ସହ ୧୩ ଜଣ ପ୍ରାଣ ହରାଇଛନ୍ତି । ସେହିପରି ଆହତ ହୋଇଥିବା ୧୪ ଜଣ ହେଉଛନ୍ତି ଛୋଟ ପିଲା ଓ ମହିଳା । ପାକିସ୍ତାନ ସାଧାରଣ ଲୋକଙ୍କୁ ଟାର୍ଗେଟ କରୁଥିବାରୁ ଏହାର ପ୍ରତିଶୋଧ ନିଆଯିବ ବୋଲି ମୁଜାହିଦ ଘୋଷଣା କରିଛନ୍ତି । ତାଲିବାନ ମୁଖପାତ୍ର ଏୟାର ଷ୍ଟ୍ରାଇକ କଥା କହିଥିଲେ ହେଁ ଏଯାଏ ପାକିସ୍ତାନ ସେନା କିମ୍ବା ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ କିଛି ବି କୁହାଯାଇନି । କିନ୍ତୁ ସୁରକ୍ଷା ଅଧିକାରୀମାନେ ରୟଟର୍ସକୁ ନିଶ୍ଚିତ କରିଛନ୍ତି ଯେ ପାକିସ୍ତାନ ପକ୍ଷରୁ ଏୟାର ଷ୍ଟ୍ରାଇକ ହୋଇଛି । ତାଲିବାନ ଆତଙ୍କବାଦୀମାନେ ବ୍ୟବହାର କରୁଥିବା ଠିକଣାରେ ପାକିସ୍ତାନ ଏୟାର ଷ୍ଟ୍ରାଇକ କରିଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି । କାବୁଲ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ପାକିସ୍ତାନ କ୍ରମାଗତ ଭାବେ ଅଭିଯୋଗ କରି ଆସୁଛି । ସେହି ଆତଙ୍କବାଦୀମାନେ ପାକିସ୍ତାନ ବିରୋଧରେ ମୁଣ୍ଡ ଟେକୁଥିବା ଇସଲାମାବାଦ କହୁଛି । ହେଲେ ତାଲିବାନ ଏହାକୁ ଅଗ୍ରାହ୍ୟ କରି ଆସିଛି ଓ ଆତଙ୍କବାଦ ପାକିସ୍ତାନର ଆଭ୍ୟନ୍ତରୀଣ ସମସ୍ୟା ବୋଲି କହିଛି । ଏହାପୂର୍ବରୁ ଫେବୃଆରୀରେ ମଧ୍ୟ ଦୁଇ ଦେଶ ମଧ୍ୟ ତିକ୍ତତା ଦେଖିବାକୁ ମିଳିଥିଲା । ପ୍ରାୟ ମାସେ ଯାଏ ଉଭୟ ପରସ୍ପରକୁ ଆକ୍ରମଣ କରିଥିଲେ । ଏହାପରେ ଚାଇନାର ମଧ୍ୟସ୍ଥତାରେ ଦୁଇ ପକ୍ଷ ଯୁଦ୍ଧ ବିରତି ଲାଗୁ କରିଥିଲେ । ଏବେ ପୁଣି ପାକିସ୍ତାନ ସେନା ଆଫଗାନରେ ଏୟାର ଷ୍ଟ୍ରାଇକ କରିଥିବାରୁ ଆଗକୁ ଦୁଇ ପକ୍ଷ ମଧ୍ୟରେ ତିକ୍ତତା ବଢ଼ିବାର ଆଶଙ୍କା ରହିଛି ।

ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଗୁରୁବାର ପୁଣି ଗର୍ଜିବ କକ୍ରୋଚ ଜନତା ପାର୍ଟି

ନୂଆଦିଲ୍ଲୀ, ୧୦/୬ (ଆ.ପ୍ର) : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିକୁ ଆହୁରି ତୀବ୍ର କରିବ କକ୍ରୋଚ ଜନତା ପାର୍ଟି । ଏଥିପାଇଁ ଆସନ୍ତାକାଲି ସଂଗଠନ ପକ୍ଷରୁ ମହାରାଷ୍ଟ୍ରର ପୁଣେ ଆୟୋଜନ କରାଯିବ ବିଶାଳ ବିକ୍ଷୋଭ ସମାବେଶ । ଏହି ସମାବେଶରେ ପରିବେଶବିତ ସୋନମ ୱାଙ୍ଗଚୁକ ମଧ୍ୟ ଯୋଗଦେବେ । ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଏହି ବିକ୍ଷୋଭ ସମାବେଶ ଆୟୋଜନ କରାଯିବ ବୋଲି କକ୍ରୋଚ ଜନତା ପାର୍ଟି ପକ୍ଷରୁ କୁହାଯାଇଛି । ସଂଗଠନର କହିବା କଥା ଯେ ସରକାରଙ୍କୁ ପ୍ରଶ୍ନ କରିବା ପାଇଁ ଆଉ ଯୁବଗୋଷ୍ଠୀ ଭୟ କରୁ ନାହାନ୍ତି । ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନ ଦେଲେ ଜୁନ ୨୦ରୁ ସଂଗଠନ ସଦସ୍ୟମାନେ ଦିଲ୍ଲୀର ଯନ୍ତରମନ୍ତରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ । ସେହିପରି ଗୁରୁବାର ଠାରୁ ସିଜେପି ଦେଶବ୍ୟାପୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ବିକ୍ଷୋଭ ଆରମ୍ଭ କରିବ ବୋଲି ଘୋଷଣା କରିଛି । ସଜେପି କହିଛି ଯେ ଜୁନ ୧୧ରୁ ବିଭିନ୍ନ ସହରରେ ବିକ୍ଷୋଭ ଆରମ୍ଭ ହେବ । ଆସନ୍ତାକାଲି ପୁଣେରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ।

ଏହାପରେ ଲକ୍ଷ୍ନୌ, ଅମୃତସର, ବେଙ୍ଗାଲୁରୁ, ଜୟପୁର ଓ ହାଇଦ୍ରାବାଦରେ ଯୁବଗୋଷ୍ଠୀ ଆନ୍ଦୋଳନ କରିବେ । ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନ ଦେବା ଯାଏ ସିଜେପି ବିକ୍ଷୋଭ ଜାରି ରଖିବ ବୋଲି କହିଛି । ଏଥିସହ ଆନ୍ଦୋଳନରେ ସାମିଲ ହେବାକୁ ସିଜେପି ଶିକ୍ଷାର୍ଥୀ, ଅଭିଭାବକ, ଶିକ୍ଷକ ଓ ସାଧାରଣ ନାଗରିକଙ୍କୁ ନିମନ୍ତ୍ରଣ କରିଛି । ଅନ୍ୟପକ୍ଷରେ ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପକେ ଗୋଟିଏ ଭିଡିଓ ରିଲିଜ କରି ଆସନ୍ତାକାଲି ପୁଣେ ଆନ୍ଦୋଳନରେ ସୋନମ ୱାଙ୍ଗଚୁକ ସାମିଲ ହେବେ ବୋଲି ସୂଚନା ଦେଇଛନ୍ତି । ସେ କହିଛନ୍ତି, ?" ଜୁନ ୧୧ରେ ହେବାକୁ ଥିବା ପୁଣେ ବିକ୍ଷୋଭ ସମାବେଶରେ ସୋନମ ୱାଙ୍ଗଚୁକ ଯୋଗଦେବେ । ଆମେ ଶିକ୍ଷାର୍ଥୀଙ୍କ ସହ ଛିଡ଼ା ହେବାକୁ ସମସ୍ତଙ୍କୁ ବିପୁଳ ସଂଖ୍ୟାରେ ଆସିବାକୁ ଅନୁରୋଧ କରୁଛୁ । ପୁଣେ ବିଶ୍ୱବିଦ୍ୟାଳୟରେ ଦିନ ୪ଟା ବେଳେ ବିକ୍ଷୋଭ ଆରମ୍ଭ ହେବ । ସମସ୍ତେ ସେଠାରେ ଏକାଠି ହୋଇ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିକୁ ତୀବ୍ର କରିବା । ଆମ ବିକ୍ଷୋଭ ସଂପୂର୍ଣ୍ଣ ଶାନ୍ତି ପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ ହେବ । ଏହି ବିକ୍ଷୋଭକୁ ଆମେ ସଫଳ କରିବା । " ଏହାପୂର୍ବରୁ ଜୁନ ୬ରେ କକ୍ରୋଚ ଜନତା ପାର୍ଟି ପକ୍ଷରୁ ଦିଲ୍ଲୀର ଯନ୍ତରମନ୍ତରରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ବିକ୍ଷୋଭ କରାଯାଇଥିଲା । ଏହି ବିଶାଳ ବିକ୍ଷୋଭରେ ମଧ୍ୟ ୱାଙ୍ଗଚୁକ ଯୋଗ ଦେଇଥିଲେ । ଏଥିସହ ଶତାଧିକ ଶିକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକ ମଧ୍ୟ ମିଳିତ ଭାବେ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି କରିଥିଲେ । ଦେଶରେ ଖୁଡ଼ି ପଡ଼ିଥିବା ଶିକ୍ଷା ବ୍ୟବସ୍ଥା ପାଇଁ ସିଧାସଳଖ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାୟୀ କରିଥିଲେ । ଦିନ ୧୦ଟାରୁ ଅପରାହ୍ନ ୫ଟା ଯାଏ କକ୍ରୋଚ ଜନତା ପାର୍ଟି ବିକ୍ଷୋଭ ପ୍ରଦର୍ଶନ କରିଥିଲା । ଏହାପରେ ଏହାପରେ ବି ଯଦି ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବେ ନାହିଁ, ତା'ହେଲେ ସଂଗଠନ ପୁଣି ଆଗାମୀ ଦିନରେ ରାସ୍ତାକୁ ଓହ୍ଲାଇବ କହିଥିଲା । ସେହି ଅନୁସାରେ ଆସନ୍ତାକାଲି ସଂଗଠନ ଦିନ ୪ଟାରେ ପୁଣେ ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ କରିବ ।

ତୀବ୍ର ହେଲା ଯୁଦ୍ଧ: ଆମେରିକା ହେଲିକପ୍ଟରକୁ ଖସାଇଲା ଇରାନ

ନୂଆଦିଲ୍ଲୀ, ୧୦/୬ (ଆ.ପ୍ର) : ପୁଣିଥରେ ଆମେରିକା ଓ ଇରାନ ମଧ୍ୟରେ ତିକ୍ତତା ତୀବ୍ର ହୋଇଛି । ହର୍ମୁଜ ପ୍ରଣାଳୀ ନିକଟରେ ଆମେରିକାର ଗୋଟିଏ ଆପାଚେ ହେଲିକପ୍ଟରକୁ ଖସାଇ ଦେଇଛି ଇରାନ । ଏହାକୁ ନେଇ ଆମେରିକା ପୂରା ଖପ୍ପା ହୋଇଛି । ଏଥିପାଇଁ ଆମେରିକା ସେନାର ଇରାନୀୟ ମିଲିଟାରୀ ଓ ସର୍ଭେଲାନ୍ସ ଠିକଣା ଉପରେ ଘନଘନ ମିସାଇଲ ମାଡ଼ କରିଛି । ଏଥିସହ ଆମେରିକା ମିସାଇଲ ମାଡ଼ରେ ଇରାନର ୨ଟି ପ୍ରମୁଖ ଜଳଭଣ୍ଡାର ମଧ୍ୟ ଧ୍ୱଂସ ହୋଇଯାଇଛି । ଏଥିଯୋଗୁ ଉପକୂଳବର୍ତୀ ଅଂଚଳରେ ଲୋକମାନେ ପିଇବା ପାଣିର ଅଭାବ ଅନୁଭବ କରିଛନ୍ତି । ଲୋକଙ୍କ ପାଖରେ ଏବେ ପିଇବା ପାଣି ନଥିବା ଇରାନ କହିଛି । ଆମେରିକା ମିଲିଟାରୀ ସେଂଟ୍ରାଲ କମାଣ୍ଡ କହିଛି ଯେ ଇରାନ ପ୍ରଥମେ ଆପାଚେ ହେଲିକପ୍ଟରକୁ ଖସାଇଥିଲା । ଏହାପରେ ଷ୍ଟ୍ରେଟ ଅଫ ହର୍ମୁଜ ଠାରେ ଥିବା ଇରାନର ବିଭିନ୍ନ ଏୟାର ଡିଫେନ୍ସ ସିଷ୍ଟମ, ଗ୍ରାଉଣ୍ଡ

କଂଟ୍ରୋଲ ଷ୍ଟେସନ ଓ ରାଡାର ସାଇଟଗୁଡ଼ିକୁ ଟାର୍ଗେଟ କରାଯାଇଥିଲା । ସେନା କରିଥିବା ସିରିଜ ଆଟାକରେ ଇରାନ ବ୍ୟାପକ କ୍ଷତି ସହିଥିବା ଆମେରିକା ମିଲିଟାରୀ ସେଂଟ୍ରାଲ କମାଣ୍ଡ କହିଛି । ଆମେରିକାର ସିରିଜ ହମଲା ପରେ ଦୁଇ ଦେଶରେ ଯୁଦ୍ଧ ଭୀଷଣ ରୂପ ଧାରଣ କରିଛି । ସିରିଜ ଆଟାକର ବଦଳା ନେବାକୁ ଇରାନର ଇସଲାମିକ ରେଭ୍ୟୁଲେସନାରୀ ଗାର୍ଡ କ୍ରପ୍ସ(ଆଇଆରଜିସି) ଉଦ୍ୟମ କରିଛି । ଆଇଆରଜିସି ପକ୍ଷରୁ ଗଲ୍ଫ ଦେଶରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକୁ ଆଟାକ କରାଯାଇଛି । ଆଇଆରଜିସି ବାହାରିନ ଓ ଜୋର୍ଡାନ ସମେତ ୨୧ଟି ଆମେରିକୀୟ ଘାଟି ଉପରେ ହମଲା କରିଛି । କୁଏତ ସେନା ମଧ୍ୟ ଇରାନ ପକ୍ଷରୁ ହୋଇଥିବା ହମଲାକୁ ପ୍ରତିହତ କରିଥିବା କଥା କହିଛି । ସୋମବାର ଗୋଟିଏ ଆପାଚେ ହେଲିକପ୍ଟର ଇରାନ ଗୁଳି କରି ଖସାଇ ଦେଇଥିଲା । ଏହାପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାର ଆବଶ୍ୟକ ଜବାବ ଦିଆଯିବ ବୋଲି କହିଥିଲେ । ଇରାନ ହେଲିକପ୍ଟ ଖସାଇଥିଲେ ହେଁ ଏହା ମଧ୍ୟରେ ଥିବା ୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ଆପାଚେ ହେଲିକପ୍ଟରକୁ ଖସାଇବା ପାଇଁ ଇରାନ ଡ୍ରୋନର ବ୍ୟବହାର କରିଥିଲା । ହେଲିକପ୍ଟରଟି ହର୍ମୁଜ ପ୍ରଣାଳୀରେ ପାଟ୍ରୋଲିଂ କରୁଥିବା ବେଳେ ଏପରି ଘଟଣା ଘଟିଥିଲା ବୋଲି ଆମେରିକା କହିଛି । କିନ୍ତୁ ଇରାନ ଏଥିପାଇଁ ନିଜକୁ ଦାୟୀ କରିନାହିଁ । ତଥାପି ଆମେରିକା ମଙ୍ଗଳବାର ଠାରୁ ଇରାନ ବିରୋଧରେ ଅପରେସନ ଆରମ୍ଭ କରିଛି । ବୁଧବାର ଆଇଆରଜିସି କହିଛି ଯେ ଆମେରିକାର ଆକ୍ରମଣରେ ଗୋଟିଏ ଟେଲିକମ୍ ଟାୱାର ଓ ଦୁଇଟି ଜଳ ଭଣ୍ଡାର କ୍ଷତିଗ୍ରସ୍ତ ହୋଇଛି । ଏହା ସହିତ ଜାସ୍କ, ସିରିକ୍ ଓ ଗଲ୍ଫରେ ଥିବା କ୍ୱେଶ୍ମ ଦ୍ୱୀପକୁ ଟାର୍ଗେଟ କରାଯାଇଥିଲା ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das